R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୩
ତିଥି : ସପ୍ତମୀ
୨୭ ନଭେମ୍ବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 53
27 November 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ପୁରୁଣା ସଂସଦର କେନ୍ଦ୍ରୀୟ ହଲ୍‌ରେ ସମ୍ବିଧାନ ଦିବସ

## ଭାରତର ଗଣତନ୍ତ୍ର ବିଶ୍ୱ ଲାଗି ଉଦାହରଣ : ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୬ ।୧୧ : ଭାରତର ଗଣତନ୍ତ୍ର ବିଶ୍ୱ ପାଇଁ ଏକ ଉଦାହରଣ । ବିଶ୍ୱରେ ଭାରତ ଏବେ ବିକାଶର ନୂଆ ମଡେଲ ଉପସ୍ଥାପିତ କରୁଛି । ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନ ଦିବସରେ କହିଛନ୍ତି ।

ପୁରୁଣା ସଂସଦର ଐତିହାସିକ କେନ୍ଦ୍ରୀୟ ହଲ୍‌ରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ଏଥିରେ ରାଷ୍ଟ୍ରପତି କହିଥିଲେ ଯେ ଉପନିବେଶୀ ଚିନ୍ତାଧାରାକୁ ତ୍ୟାଗ କରି ଜାତୀୟ ଆତ୍ମସମ୍ମାନ ଦେଶପ୍ରେମ ଓ ସ୍ୱାଧୀନ ଚିନ୍ତାର ମନୋଭାବ ପ୍ରତିଷ୍ଠା କରାଗଲେ ଦେଶ ଆଗକୁ ବଢ଼ିପାରିବ । ଦେଶ ଏବେ ନୂଆ ଅପରାଧ ଆଇନ୍ ଗ୍ରହଣ କରିଛି । ଏହି



୩ ଅପରାଧ ଆଇନ୍ ଉପନିବେଶ ଯୁଗରୁ ଲାଗୁ ହୋଇଥିଲା । ଏହାକୁ ପରିବର୍ତ୍ତନ କରାଯାଇ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ ଅଧିନିୟମ ଲାଗୁ କରାଯାଇଛି । ଆମର (୯ ପୃଷ୍ଠାରେ)

## ଆଜିଠୁ ଶୀତ ଅଧିବେଶନ

ଭୁବନେଶ୍ୱର, ୨୬ ।୧୧ (ସବ୍ୟୁ): ଆସନ୍ତାକାଲି(ଗୁରୁବାର) ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପେକ୍ଷା କରିଛି ଓଡ଼ିଶା ବିଧାନସଭାର ପ୍ରକୋଷ୍ଠ ନମ୍ବର ୧୧ । ପ୍ରଥମ ଥର ପାଇଁ ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ । ଏଥିପାଇଁ ବିଧାନସଭା ପୂରା ପ୍ରସ୍ତୁତ ଅଛି । ବିଧାନସଭା ପରିସର ସଜେଇ ହୋଇଛି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଶୀତ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜର ଅଭିଭାଷଣ ରଖିବେ । ଏଥିପାଇଁ ବିଧାନସଭା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ସ୍ୱାଧୀନତା ପରେ ଓଡିଶା ବିଧାନସଭାକୁ ରାଷ୍ଟ୍ରପତି ସମ୍ବୋଧନ କରିବା ଏହା ପ୍ରଥମ ଘଟଣା । ପୂର୍ବରୁ କୌଣସି ରାଷ୍ଟ୍ରପତି କୌଣସି ବିଧାନସଭାକୁ ସମ୍ବୋଧିତ କରିନଥିଲେ । ବିଧାନସଭା ଇତିହାସରେ ଯୋଡି ହେବ ନୂଆ ଫର୍ଦ୍ଦ । ସଂଯୋଗବଶତଃ ଏକଦା ସେ ଏହି



ବିଧାନସଭାର ଜଣେ ସଦସ୍ୟ ଥିଲେ । ଓଡିଶା ସରକାରରେ ମନ୍ତ୍ରୀ ମଧ ରହିଥିଲେ । ମିନ୍ତ୍ରୀ ଥିବାବେଳେ ସେ ଯେଉଁ ପ୍ରକୋଷ୍ଠରେ ବସୁଥିଲେ, ତାହାକୁ ପ୍ରସ୍ତୁତ ରଖାଯାଇଛି । ରୁମ ନମ୍ବର-୧୧ରେ ବସି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାଉଁଟିବେ ପୁରୁଣା ସ୍ମୃତି । ଚା’ପେ ଚର୍ଚ୍ଚାରେ ସାମିଲ ହେବେ ବହୁ ନେତା ଓ ମନ୍ତ୍ରୀ ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତାକାଲି(ଗୁରୁବାର) ଅପରାହ୍ନ ୪.୧୦ରୁ ରାଜଭବନରୁ ବାହାରି ୪.୨୦ରେ ବିଧାନସଭାରେ ପହଁଞ୍ଚିବେ ।

- ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି
- ଅପରାହ୍ନ ୪.୩୦ରୁ ଅଭିଭାଷଣ ରଖିବେ
- ପ୍ରକୋଷ୍ଠ ନଂ-୧୧ରେ ପୁରୁଣା ସ୍ମୃତି ସାଉଁଟିବେ
- ୮ରେ ଅତିରିକ୍ତ ବଜେଟର ବ୍ୟୟମଞ୍ଜୁରୀ ବିଲ୍
- ସୁପରିଚାଳନା ଲାଗି ସହଯୋଗ ଲୋଡିଲେ ବାଚସ୍ପତି

ଅପରାହ୍ନ ୪.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଅର୍ଥାତ ଏକ (୯ ପୃଷ୍ଠାରେ)

# ଶୀତ ଅଧିବେଶନ ଲାଗି ୩ ଦଳର ରଣନୀତି

## ଲୋକଙ୍କ ସମସ୍ୟା ଉଠାଇବ ବିଜେଡି



ଭୁବନେଶ୍ୱର, ୨୬ ।୧୧ (ସବ୍ୟୁ) : ବିଜେଡି ବିଧାୟକ ଦଳର ବୈଠକ ଆଜି ଶଙ୍ଖ ଭବନଠାରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଷୁଡି ପଡିଛି । ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ କେନ୍ଦୁଝର ସଦର ଠାରୁ ଆରମ୍ଭ କରି ଖୋର୍ଦ୍ଧା, ବାଘମାରୀ ଓ କଟକ ଏସ୍‌ସିବି ମେଡିକାଲ କଲେଜରେ ନିକଟରେ ଘଟି ଯାଇଥିବା ନାରୀ ନିର୍ଯ୍ୟାତନା ଘଟଣା ଅତ୍ୟନ୍ତ ପୀଡା ଦାୟକ । ଏଭଳି ସମ୍ବେଦନଶୀଳ (୯ ପୃଷ୍ଠାରେ)

## ବିରୋଧୀଙ୍କ ସବୁ ପ୍ରସଙ୍ଗର ଜବାବ ଦେବେ ସରକାର



ଭୁବନେଶ୍ୱର, ୨୬ ।୧୧ (ସବ୍ୟୁ): ବିଧାନସଭା ଶୀତ ଅଧିବେଶନ ପୂର୍ବରୁ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଏହି ବୈଠକ ବସିଥିଲା । ତେବେ ବିରୋଧୀଙ୍କ ସମସ୍ତ ପ୍ରସଙ୍ଗରେ ସରକାର ଜବାବ ଦେବେ ବୋଲି ବୈଠକରେ ସ୍ଥିର ହୋଇଛି । ବିରୋଧୀ ଉଠାଇଥିବା ସବୁ ପ୍ରସଙ୍ଗର ମଧ ଆଲୋଚନା ଲାଗି ସରକାର ପ୍ରସ୍ତୁତ ଅଛନ୍ତି ।

ବିଜେପି ବିଧାୟକ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ବିରୋଧୀ ରାଜ୍ୟ ସ୍ୱାର୍ଥ ପାଇଁ ଯେଉଁ ପ୍ରସଙ୍ଗ ଆଣିବେ ସରକାରୀ ଦଳ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି । ବିରୋଧୀ ଦଳ ତରଫରୁ ଯେଉଁ ପ୍ରସଙ୍ଗ ଉପସ୍ଥାପନ କରାଯିବ, ସମସ୍ତ ପ୍ରଶ୍ନର ଜବାବ୍ ଦେବାକୁ ଆମେ ପ୍ରସ୍ତୁତ। ଏଥି ସହ ୧୬ ମାସର ବିଜେପି ସରକାରର ସମସ୍ତ ଉପଲବ୍ଧିକୁ ଆମେ ଲୋକଙ୍କ ସମ୍ମୁଖରେ ଉପସ୍ଥାପନା କରିବୁ ବୋଲି ମନ୍ତ୍ରୀ ଡ.ମହାଲିଙ୍ଗ କହିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ମନ୍ତ୍ରୀ ଏବଂ ବିଧାୟକ ଏହି ବୈଠକରେ ଯୋଗ ଦେଇଥିଲେ ।

## ଭୋଟ୍ ଚୋରିକୁ ପ୍ରସଙ୍ଗ କରିବ କଂଗ୍ରେସ



ଭୁବନେଶ୍ୱର, ୨୬ ।୧୧ (ସବ୍ୟୁ) : ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ବିଧାନସଭାର ଶୀତ ଅଧିବେଶ ପାଇଁ କଂଗ୍ରେସ ବିଧାୟ ଦଳ ତାର ରଣନୀତି ଧାର୍ଯ୍ୟ କରିଛି । ଭୋଟ୍ ଚୋରି ଓ ଆଇନ୍ ଶୃଙ୍ଖଳା ପ୍ରସଙ୍ଗ ଦଳ ପକ୍ଷରୁ ଉଠାଯିବ ବୋଲି ନିଷ୍ପତ୍ତି ହୋଇଛି । କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ସମ୍ପର୍କରେ ଶ୍ରୀ କାଡାମ କହିଛନ୍ତି ଯେ ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କୁ ଘେରିବ । ଏହାଛଡା ବେକାରି ସମସ୍ୟା ଏବେ ଉତ୍କଟ ହୋଇଛି । ଏହାକୁ ପ୍ରସଙ୍ଗ କରାଯିବ । ଆଇନ୍ (୯ ପୃଷ୍ଠାରେ)

## ୪୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬ ।୧୧ (ସବ୍ୟୁ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ୪୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ବିଜାପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି ଜିତେନ୍ଦ୍ର କୁମାର ଯାଦବ ଏବଂ ସିଆରପିଏଫ କମାଣ୍ଡାଣ୍ଟଙ୍କ ସମ୍ମୁଖରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିଲେ । (୯ ପୃଷ୍ଠାରେ)

## ଆବଶ୍ୟକ ହେଲେ ଇସିଆଇଙ୍କୁ ତାରିଖ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେବୁ

ନୂଆଦିଲ୍ଲୀ, ୨୬ ।୧୧ : ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର) କୁ ନେଇ ତାମିଲନାଡୁ ଓ ପଶ୍ଚିମବଙ୍ଗ ପକ୍ଷରୁ ଦାଖଲ ଯାଚିକା ଉପରେ ସୁପ୍ରିମ୍‌କୋର୍ଟ ତାଙ୍କର ମତ ରଖିଛନ୍ତି । ଆବଶ୍ୟକ ପଡ଼ିଲେ ଆମେ ନିର୍ବାଚନ କମିଶନଙ୍କୁ ଚିଠା ଭୋଟର ତାଲିକା ତାରିଖ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେବୁ ବୋଲି କହିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଆମେ ତାରିଖ ଘୁଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇପାରିବୁ । କିନ୍ତୁ ବର୍ତ୍ତମାନ ଏ ନେଇ ଆମେ ପାଖରେ କୌଣସି କ୍ଷମତା ନାହିଁ ।

ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୯ ତାରିଖ ଧାର୍ଯ୍ୟ ହେବାପରେ ପଶ୍ଚିମବଙ୍ଗ ପକ୍ଷରୁ କୁହାଯାଇଥିଲା ଯେ ଡିସେମ୍ବର ୯ ତାରିଖରେ ହେଉଛି ଚିଠା ଭୋଟର



ତାଲିକା ପ୍ରକାଶ ପାଇବାର ଦିନ । ଏହାର ଜବାବରେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ କ’ଣ ହେଲା ? ଯଦି ସେଭଳି କିଛି ଆପତ୍ତି ଆସିବ ଆମେ ତାରିଖ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେବୁ । ସିଜେଆଇଙ୍କ ଖଣ୍ଡପୀଠରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ମଧ ଥିଲେ । ସେ କହିଥିଲେ ଯେ ତାମିଲନାଡୁ ଓ ପଶ୍ଚିମବଙ୍ଗ ପକ୍ଷରୁ ଯେଉଁ ଯାଚିକା ଦାଖଲ କରାଯାଇଛି ଇସିଆଇଙ୍କୁ ଏକ ଜବାବୀ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ତାମିଲନାଡୁ ଘଟଣାକୁ (୯ ପୃଷ୍ଠାରେ)

## ୧ରୁ ଖୋଲିବ ଗୁଣ୍ଡିଚା ମନ୍ଦିର

ପୁରୀ, ୨୬ ।୧୧ (ସବ୍ୟୁ) : ଡିସେମ୍ବର ୧ ତାରିଖରୁ ଭକ୍ତଙ୍କ ପାଇଁ ପରୀକ୍ଷାମୂଳକ ଭାବେ ଖୋଲିବ ଗୁଣ୍ଡିଚା ମନ୍ଦିର । ଦୀର୍ଘ ୬ ବର୍ଷ ପରେ ମହାପ୍ରଭୁଙ୍କ ଜନ୍ମବେଦି ଦେଖିବାର ସୌଭାଗ୍ୟ ପାଇବେ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନେ । କରୋନା ମହାମାରୀ ପରଠାରୁ ବନ୍ଦ ହୋଇ ରହିଥିଲା ଗୁଣ୍ଡିଚା ମନ୍ଦିର । ଭକ୍ତମାନେ ଟିକେଟ କରି ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବେ । ଜଣେ ଭକ୍ତଙ୍କ ପିଛା ଟିକେଟ ମୂଲ୍ୟ ୧୦ ଟଙ୍କା ରହିଥିବାବେଳେ ୫ ବର୍ଷରୁ କମ, ୮୦ ବୟସରୁ ଅଧିକ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରବେଶ ନିଶୁଳ୍କ । ପ୍ରତିଦିନ ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଭକ୍ତ ମାନେ ଗୁଣ୍ଡିଚା (୯ ପୃଷ୍ଠାରେ)

### ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲା

## ସିବିଆଇ ରିମାଣ୍ଡରେ ୪ ଦଲାଲ

ଭୁବନେଶ୍ୱର, ୨୬ ।୧୧ (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାର ୧୨ ଦଲାଲଙ୍କ ମଧ୍ୟରୁ ୪ଜଣଙ୍କୁ ତିନିଦିନିଆ ରିମାଣ୍ଡରେ ଆଣିଛି ସିବିଆଇ । ୪ଦିନ ରିମାଣ୍ଡ ଆବେଦନ ହୋଇଥିବା ବେଳେ ସିବିଆଇ ସ୍ୱତନ୍ତ୍ର କୋର୍ଟ ୩ଦିନ ରିମାଣ୍ଡ ଅନୁମତି ଦେଇଥିଲେ ।

ଏସ୍‌ଆଇ ନିଯୁକ୍ତି ମାମଲାର ବ୍ରହ୍ମପୁର ପୋଲିସ ତଦନ୍ତ କରୁଥିଲା । ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ଦଲାଲ ପ୍ରଭୃତିଙ୍କୁ ଗିରଫ କରିଥିଲା । ରାଜ୍ୟ ସରକାର ସିବିଆଇ ତଦନ୍ତ ପାଇଁ ଅନୁରୋଧ କରିବା ପରେ କେନ୍ଦ୍ର ସରକାର ଅନୁମତି ଦେଇଥିଲେ । ସିବିଆଇ ତଦନ୍ତ (୯ ପୃଷ୍ଠାରେ)

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୨୬ ।୧୧ (ସବ୍ୟୁ): ୨୦୨୫ ଲାଗି ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ପ୍ରଦାନ କରାଯାଇଛି । ୩ ବର୍ଷ ଲାଗି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଏକାଡେମୀ ପୁରସ୍କାର, ଉପାୟନ ଏବଂ କବି ଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି ।

୨୦୨୩ ପାଇଁ ପ୍ରଣବ କିଶୋର ପଟ୍ଟନାୟକ ଓ ବାଦଲ ସିକାଦାରଙ୍କୁ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିବାବେଳେ (୯ ପୃଷ୍ଠାରେ)

## ଓଡ଼ିଶାରେ ଜଳବାୟୁ ନ୍ୟାୟିକ ପରିବର୍ତ୍ତନ ଫୋରମ ଆରମ୍ଭ

ଭୁବନେଶ୍ୱର, ୨୬ ।୧୧ (ସବ୍ୟୁ): ଓଡ଼ିଶା ବିକାଶ କନକ୍ଲେଭର ଷଷ୍ଠ ସଂସ୍କରଣ ବୁଧବାର ଜଳବାୟୁ-ସ୍ଥାପକ ବିକାଶ ପାଇଁ ଏକ ଦୃଢ଼ ଆହ୍ୱାନ ସହିତ ଆରମ୍ଭ ହୋଇଛି । ଏହା ଓଡ଼ିଶାର ଲୋକଙ୍କ ପାଇଁ ନ୍ୟାୟପୂର୍ଣ୍ଣ ଏବଂ ସମାବେଶୀ । ଓଡ଼ିଶା ବିକାଶ କନକ୍ଲେଭରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ ଆଇଫରେଷ୍ଟ, ଓଡ଼ିଶାର ପ୍ରମୁଖ ନାଗରିକ ସମାଜ ସଂଗଠନ ଏବଂ ସିୱାଇଏସଡ଼ି ସହିତ ମିଶି ପ୍ରଥମ ପ୍ରକାରର ନାଗରିକ ସମାଜ ନେତୃତ୍ୱାଧୀନ ‘ଓଡ଼ିଶା ଜଳବାୟୁ ପରିବର୍ତ୍ତନ ଏବଂ ନ୍ୟାୟ ପରିବର୍ତ୍ତନ ମଞ୍ଚ ଆରମ୍ଭ କରିବାର ଘୋଷଣା କରିଛି ।

ଓଡ଼ିଶା ବର୍ଦ୍ଧିତ ଜଳବାୟୁ




ବିପଦ, ବର୍ଦ୍ଧିତ ତାପ ଚାପ ଏବଂ ଦ୍ରୁତ ସହରୀକରଣର ସମ୍ମୁଖୀନ ହେଉଛି, ଯାହା ସମସ୍ତଙ୍କ ଜୀବନ ଏବଂ ଜୀବିକା ଏବଂ କଲ୍ୟାଣକୁ ପ୍ରଭାବିତ କରେ । ଏହି ଆହ୍ୱାନ ଗୁଡ଼ିକ ଓଡ଼ିଶାରେ ଏକ କମ-କାର୍ବନ ଏବଂ ଜଳବାୟୁ-ସ୍ଥାପକ ଅର୍ଥନୀତିକୁ ନ୍ୟାୟପୂର୍ଣ୍ଣ ଏବଂ ସୁବ୍ୟବସ୍ଥିତ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଦୃଢ଼ ନୀତି ଦ୍ୱାରା ସମର୍ଥିତ ସକ୍ରିୟ ଏବଂ ଅନ୍ତର୍ଭୁକ୍ତିମୂଳକ ଯୋଜନା ଦାବି କରେ । ଏହା ଭାରତର ନେଟ୍-ଶୂନ୍ୟ ଲକ୍ଷ୍ୟ ହାସଲ ପାଇଁ ମଧ ଗୁରୁତ୍ୱପୂର୍ଣ୍ଣ ହେବ । କାରଣ ଓଡ଼ିଶା ହେଉଛି ଭାରତର ପ୍ରମୁଖ ଶିଳ୍ପ ରାଜ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଯେଉଁଠାରେ କି କୋଇଲା ଖଣି, ତାପଜ ବିଦ୍ୟୁତ, ଇସ୍ପାତ, ଆଲୁମିନିୟମ ଇତ୍ୟାଦି ପ୍ରମୁଖ ଶିଳ୍ପ ସବୁ ରହିଛି ।

ଜଳବାୟୁ ପରିବର୍ତ୍ତନ ଏବଂ ନ୍ୟାୟ ପରିବର୍ତ୍ତନ ଫୋରମ୍, ଜଳବାୟୁ-ସ୍ଥାପକ ଯୋଜନାକୁ ସମର୍ଥନ କରିବା ପାଇଁ ନାଗରିକ ସମାଜ ସଂଗଠନ, ସମ୍ପ୍ରଦାୟ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ବୈଷୟିକ ବିଶେଷଜ୍ଞମାନଙ୍କୁ ଏକ ସହଯୋଗୀ ମଞ୍ଚରେ ଆଣିବ । ଅର୍ଥନୀତିକୁ ବିବିଧ କରିବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଅଭିନବ ସମାଧାନ ଡିଜାଇନ୍ କରିବ । ସବୁଜ ଦକ୍ଷତା ସୁଯୋଗ ବୃଦ୍ଧି କରିବ ଏବଂ ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତରେ ସ୍ଥାନୀୟ କ୍ଷମତା ତିଆରି କରିବ । ଏହା ସହିତ ଜଳବାୟୁ ସ୍ଥିରତା ଏବଂ ଓଡ଼ିଶାର ପରିବର୍ତ୍ତନକୁ ମାର୍ଗଦର୍ଶନ କରିବ । କାର୍ଯ୍ୟକ୍ରମକୁ ଉଦଘାଟନ କରି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ମନୋଜ ଆହୁଜା ଏହା କହିଛନ୍ତି ।

ଆମକୁ ଏପରି ଏକ ବ୍ୟବସ୍ଥା ନିର୍ମାଣ କରିବାକୁ ପଡିବ ଯାହା ଆମକୁ ରାଜ୍ୟର ପ୍ରଗତି ପାଇଁ ସାମୂହିକ ଭାବରେ କାମ କରିବାକୁ ସୁଯୋଗ ଦେବ । ପ୍ରତ୍ୟେକ ନାଗରିକଙ୍କୁ ଯୋଗଦାନ (୯ ପୃଷ୍ଠାରେ)



## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ବିଶ୍ୱନାଥ ପ୍ରତାପ ସିଂ

ଜଣେ ଭାରତୀୟ ରାଜନେତା ଓ ଭାରତର ପ୍ରଧାନମନ୍ତ୍ରୀ ଭାବେ ବିଶ୍ୱନାଥ ପ୍ରତାପ ସିଂ ବା ଭିପି ସିଂଙ୍କର ଥିଲା ସ୍ୱତନ୍ତ୍ର ପରିଚୟ । ୧୯୩୧ ଜୁନ ୨୫ରେ ସେ ମଣ୍ଡ ଶାସନର ଏକ ରାଜପୁତ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ନିଜର ଶିକ୍ଷା ଡେରାଡୁନ ସ୍ଥିତ କର୍ଣ୍ଣେଲ ବ୍ରାଉନ କ୍ୟାମ୍ବ୍ରିଜ ବିଦ୍ୟାଳୟରେ ଆରମ୍ଭ କରିଥିଲେ । ପରେ ପୁଣେ ଓ ଆଲ୍‌ହବାଦ ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ଲାଭ କରିଥଲେ । ୧୯୬୯ ମସିହାରେ ସେ କଂଗ୍ରେସ ଦଳରୁ ଉତ୍ତର ପ୍ରଦେଶ ବିଧାନ ସଭା ପାଇଁ ନିର୍ବାଚିତ ହେଇଥିଲେ । ୧୯୭୧ ମସିହାରେ ସେ ଲୋକସଭା ଆସନରୁ ଜିତିଥିଲେ ଓ ଇନ୍ଦିରା ଗାନ୍ଧୀଙ୍କ ସରକାରରେ ବାଣିଜ୍ୟ ଉପମନ୍ତ୍ରୀ ଭାବେ ଯୋଗ ଦେଇଥିଲେ । ସେ ୧୯୭୬-୭୭ ଯାଏଁ ଭାରତର ବାଣିଜ୍ୟ ମନ୍ତ୍ରୀ ଥିଲେ । ସେହିଭଳି ସେ ୧୯୮୯ ରୁ ୧୯୯୦ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଏହି ମହାନ ରାଜନେତାଙ୍କର ୨୭ ନଭେମ୍ବର ୨୦୦୮ରେ ୭୭ ବର୍ଷ ବୟସରେ ଦେହାନ୍ତ ହୋଇଥିଲା ।

**୧୦୯୫–** ପୋପ୍ ଅର୍ବନ ଦ୍ୱିତୀୟ କ୍ରୁସେଡ଼(ଧର୍ମଯୁଦ୍ଧ) ଉପରେ ପ୍ରଥମ ଉପଦେଶ ବାଣୀ ଶୁଣାଇଲେ ।
**୧୭୯୫–** ବଙ୍ଗଳାର ପ୍ରଥମ ନାଟକ ମଞ୍ଚସ୍ଥ ।
**୧୮୯୫–** ଆଲ୍‌ଫ୍ରେଡ଼ ନୋବେଲଙ୍କ ଦ୍ୱାରା ନୋବେଲ ପୁରସ୍କାର ପ୍ରଚଳନ ।
**୧୯୦୭–** ପ୍ରସିଦ୍ଧ କବି, ଲେଖକ ତଥା ଅମିତାଭ ବଚ୍ଚନଙ୍କ ପିତା ହରିବଂଶ ରାୟ ବଚ୍ଚନଙ୍କ ଜନ୍ମ ।
**୧୯୪୦–** ମାର୍ଶାଲ ଆର୍ଟ ମାଷ୍ଟର ବ୍ରୁସ୍‌ଲିଙ୍କ ଜନ୍ମ ।
**୧୯୫୨–** ପ୍ରସିଦ୍ଧ ଭାରତୀୟ ଗାୟକ ତଥା ସଂଗୀତକାର ବାପି ଲାହିରିଙ୍କ ଜନ୍ମ ।
**୧୯୬୬–** ଉରୁଗୁଏର ସମ୍ବିଧାନ ଗ୍ରହଣ ।
**୧୯୯୫–** ଭେନ୍‌ଜୁଏଲାର ଜ୍ୟାକ୍‌ଲିନ୍ ଏଗ୍ ବିଲେରା ମାର୍କାନୋଙ୍କର ମିସ୍ ୱାର୍ଲ୍ଡ ବିଜୟ ।
**୨୦୦୮–** ପୂର୍ବତନ ଭାରତୀୟ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂଙ୍କ ନିଧନ ।
**୨୦୧୪–** ଅଷ୍ଟ୍ରେଲୀୟ କ୍ରିକେଟର ଫିଲିପ୍ ହ୍ୟୁଜ୍‌ଙ୍କ ନିଧନ ।
**୨୦୧୮–** ପ୍ରଖ୍ୟାତ ବଲିଉଡ଼ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ ।

# ଧର୍ମେନ୍ଦ୍ରଙ୍କ ନିଆରା ଫ୍ୟାନ




ଅଭିନେତା ଧର୍ମେନ୍ଦ୍ରଙ୍କର ମୃତ୍ୟୁ ପରେ ତାଙ୍କ ଫ୍ୟାନମାନଙ୍କୁ ନେଇ ଅନେକ ଖବର ସାମନାକୁ ଆସୁଛି । ସେହିଭଳି ଜଣେ ଫ୍ୟାନଙ୍କ ବିଷୟରେ ନିକଟରେ ଜଣା ପଡିଛି, ଯିଏ ହରିୟାଣାରେ ରହୁଛନ୍ତି । ହରିୟାଣାରେ ରହୁଥିବା ବ୍ୟକ୍ତିଙ୍କର ଘର ଠାରୁ ଆରମ୍ଭ କରି ଦୋକାନ ପର୍ଯ୍ୟନ୍ତ ସବୁ ସ୍ଥାନରେ ଧର୍ମେନ୍ଦ୍ରଙ୍କର ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଥାଏ । ଏପରିକି ସେ ନିଜ ନାଁ ମଧ୍ୟ ବଦଳାଇ ଧର୍ମେନ୍ଦ୍ର ରଖିଦେଇଥିଲେ । ତାଙ୍କ ଦୋକାନରେ ଧର୍ମେନ୍ଦ୍ରଙ୍କର ୩୫୦ରୁ ଅଧିକ ଫିଲ୍ମ ପୋଷ୍ଟର ଲାଗିଛି । ଧର୍ମେନ୍ଦ୍ରଙ୍କ ମୃତ୍ୟୁରେ ତାଙ୍କ ଭଗବାନଙ୍କର ମୃତ୍ୟୁ ହୋଇଥିବା ନେଇ ସେ ମତ ଦେଇଛନ୍ତି । ସେ ଧର୍ମେନ୍ଦ୍ରଙ୍କ ମୃତ୍ୟୁରେ ଗଭୀର ଶୋକରେ ଅଛନ୍ତି । ସେହିଭଳି ଆଉ ଜଣେ ଫ୍ୟାନ ଅଛନ୍ତି ରାଜସ୍ଥାନରେ ଯିଏ ନିଜ ଘରେ ଧର୍ମେନ୍ଦ୍ରଙ୍କ ନାମରେ ମନ୍ଦିର ତିଆରି କରିଛନ୍ତି । ତାଙ୍କର ଧର୍ମେନ୍ଦ୍ରଙ୍କ ସହିତ ଖୁବ ଘନିଷ୍ଠ ସମ୍ପର୍କ ଥିଲା । ସେ ଧର୍ମେନ୍ଦ୍ରଙ୍କୁ ନିଜ ଘରର ବିଭିନ୍ନ ଫଙ୍କସନ୍‌ରେ ମଧ୍ୟ ଡାକୁଥିଲେ । ଏପରିକି ଧର୍ମେନ୍ଦ୍ର ଅସୁସ୍ଥ ଥିବା ସମୟରେ ସେ ତାଙ୍କୁ ଦେଖା କରିବାକୁ ମଧ୍ୟ ଯାଇଥିବା ପ୍ରକାଶ କରିଛନ୍ତି । ଧର୍ମେନ୍ଦ୍ରଙ୍କ ଜନ୍ମ ଦିନରେ ସେ ସାଇକେଲ ଚଳାଇ ତାଙ୍କୁ ଦେଖା କରିବାକୁ ଯାଇଥିଲେ । ତାଙ୍କ ଷ୍ଟୁଡିଓର ନାଁ ମଧ୍ୟ ଧର୍ମେନ୍ଦ୍ର କଲର ଲାବ ରହିଛି । ଧର୍ମେନ୍ଦ୍ରଙ୍କ ମୃତ୍ୟୁ ତାଙ୍କୁ ଗଭୀର ଭାବେ ମର୍ମାହତ କରିଛି ।

## କୁକୁରର ସାଦ ଖିଆ

ଅନେକ ପଶୁପ୍ରେମୀମାନେ ଅନେକ ସମୟରେ ନିଜ ପୋଷାଜୀବଙ୍କର ବିଭିନ୍ନ ଅବସରକୁ ପାଳନ କରିଥାଆନ୍ତି । ଏଥିରେ ଜନ୍ମଦିନ କି କୌଣସି ଆଚିଭମେଣ୍ଟ ସାମିଲ ଥାଏ । ତେବେ ନିକଟରେ ସେହିଭଳି ଏକ ଉତ୍ସବ ଖୁବ ଭାଇରାଲ ହୋଇଛି । ଜଣେ ମାଲିକ ନିଜ ପୋଷା ଗର୍ଭବତୀ କୁକୁରର ସାଦ ଖିଆ ପାଳନ କରିଛନ୍ତି । ଯାହାର ଫଟୋ ଓ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଉକ୍ତ ଦମ୍ପତି କୁକୁରର ମୁହଁରେ ପ୍ରଥମେ ହଳଦୀ ଲଗାଇଛନ୍ତି ଯାହାପରେ ତାକୁ ନୀଳ ଓ ଧଳା ରଙ୍ଗର ଡ୍ରେସ ପିନ୍ଧାଉଛନ୍ତି । ଏହାସହ ତାକୁ ପାରମ୍ପରିକ ହାର ସହିତ ଫୁଲର ମାଳ ମଧ୍ୟ ପିନ୍ଧାଉଛନ୍ତି । ପୂରା ଘରକୁ ହଳଦିଆ ରଙ୍ଗରେ ସଜା ହୋଇଥିବା ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ଲୋକମାନେ ଏହି ଭିଡିଓକୁ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ସମସ୍ତେ ଉଭୟ ଦମ୍ପତିଙ୍କର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।







# ୪୮୭ କୋଟିର ପେଣ୍ଟିଂ

ନିକଟରେ ମେକ୍ସିକାନ ପେଣ୍ଟର ଫ୍ରିଦା କାହଲୋଙ୍କ ଏକ ପେଣ୍ଟି ୪୮୭ କୋଟିରେ ବିକ୍ରି ହୋଇଛି । ଏହି ପେଟିଂଟି ବର୍ତ୍ତମାନ ଏକ ରେକର୍ଡରେ ଅନ୍ତର୍ଭୁକ୍ତ ହୋଇଛି । ଏହା ପୂର୍ବରୁ ଏହି ରେକର୍ଡ ଜର୍ଜିଆ ଓକଫିଙ୍କ ନାମରେ ଥିଲା, ଯାହା ଏକ ଫୁଲକୁ ନେଇ ଅଙ୍କା ଯାଇଥିଲା । ଏହି ପେଣ୍ଟିଂଟି ୨୦୧୪ରେ ୩୯୩ କୋଟିରେ ବିକ୍ରି ହୋଇଥିଲା । ଉକ୍ତ ପେଣ୍ଟିଂଟି ୮୫ ବର୍ଷ ପୂର୍ବରୁ ୧୯୪୦ରେ ପ୍ରସ୍ତୁତ ହୋଇଥିଲା ଯାହାର ନାମ ରଖାଯାଇଥିଲା ସ୍ୱପ୍ନ ଶେଜ । ଏହି ପେଣ୍ଟିଂରେ ସେ ନିଜେ ଏକ ଶେଯରେ ଶୋଇଥିବାବେଳେ ପାଖରେ ଏକ କଙ୍କାଳ ଶୋଇଛି ।

# ମୋବାଇଲ ଶୋଇବାକୁ ତକିଆ

ଏକ ତକିଆ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଏକ କମ୍ପାନୀ ଫୋନକୁ ଶୁଆଇବା ପାଇଁ ଏକ ତକିଆର ନିର୍ମାଣ କରିଛି । ଏହି ଛୋଟ ତକିଆଟି ସେରମିକରୁ ପ୍ରସ୍ତୁତ କରାଯାଇଛି । ଏହାକୁ ଏଭଳି ପ୍ରସ୍ତୁତ କରାଯାଇଛି କି ଫୋନଟିକୁ ଏହା ଉପରେ ରଖିବା ଫଳରେ ଫୋନଟି ଆପେ ଆପେ ଡୁ ନଟ୍ ଡିଷ୍ଟର୍ବ ମୋଡକୁ ଚାଲି ଯାଇଥାଏ । ଏହି ତକିଆଟି ଗୋଟିଏ ପ୍ରୋଜେକ୍ଟ ଅଧୀନରେ ନିର୍ମାଣ କରାଯାଇଛି । ଏହା ଦେଖିବାକୁ ମାଟିର ଖେଳନା ଭଳି ହେଲେ ଏହା ଭିତରୁ ଟେକ୍ନୋଲୋଜିରେ ଭରପୁର । ଏହା ଭିତରେ ଏନ୍‌ଏଫସି ଚିପ ଲଗାଯାଇଛି । ଯେତେବେଳେ ତକିଆ ଉପରେ ଫୋନ ରଖାଯାଇଥାଏ, ସେତେବେଳେ ଚିପଟି ଫୋନକୁ ସିଗନାଲ ଦେଇଥାଏ ଏବଂ ଫୋନ ଡୁନର୍ଟ ଡିଷ୍ଟର୍ବ ମୋଡକୁ ଚାଲିଯାଇଥାଏ । ଏହି ତକିଆର ଦାମ ରହିଛି ୯୩ ହଜାର ଟଙ୍କା । ଏହାକୁ ବିଶେଷ ଭାବେ ସୋସିଆଲ ମିଡିଆ ଡିଟକ୍ସ ପାଇଁ ପ୍ରସ୍ତୁତ କରାଯାଇଛି ।




# ଚିକେନ୍ ବିହାରୀ ବୁଟି



**ସାମଗ୍ରୀ–** ୫୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍, ଅଧା ଚାମଚ ଅଦା ପେଷ୍ଟ, ଅଧା ଚାମଚ ରସୁଣ ପେଷ୍ଟ, ଏକ ଚାମଚ ଗ୍ରେଟେଡ୍ କଞ୍ଚା ଅମୃତଭଣ୍ଡା, ଏକ ଚାମଚ ଲଙ୍କା ଗୁଣ୍ଡ, ଅଧା ଚାମଚ ଗରମ ମସଲା, ଏକ ଚାମଚ ବେସନ, ୨ଚାମଚ ଲେମ୍ବୁ ରସ, ଅଧା ଚାମଚ ଧନିଆ ଗୁଣ୍ଡ, ଏକ ଚାମଚ ଜୀରା ଗୁଣ୍ଡ, ୨ଚାମଚ ତେଲ, ଅଧା କପ ଦହି, ଅଧା ଚାମଚ ହଳଦୀ, ଅଳ୍ପ ପରିମାଣ ଗୋଲମରିଚ ଗୁଣ୍ଡ,

**ପ୍ରଣାଳୀ–** ଗୋଟିଏ ପିଆଜର ଅଧାକୁ ଗ୍ରେଟ କରିବା ସହିତ ଆର ଅଧାକୁ କାଟିନିଅନ୍ତୁ । ଏହି କଟା ପିଆଜକୁ ତେଲରେ ଛାଣି ନିଅ । ଛାଣିବା ପରେ ଏହାକୁ ଗୁଣ୍ଡ କରିନିଅନ୍ତୁ । ପରେ ଏହି ଗୁଣ୍ଡ ପିଆଜକୁ ଗ୍ରେଟେଡ୍ ପିଆଜ ସହିତ ମିଶାଇନିଅ । ଏହାପରେ ପିଆଜ ଓ ଅନ୍ୟାନ ସମସ୍ତ ସାମଗ୍ରୀକୁ ଗୋଟିଏ ପାତ୍ରରେ ମିଶାଇନିଅନ୍ତୁ । ଏହାପରେ ଏଥିରେ ଚିକେନ୍ ଖଣ୍ଡକୁ ମିଶାଇ ଭଲକରି ଗୋଳାଇନିଅନ୍ତୁ । ଏହି ମ୍ୟାରିନେଟେଡ୍ ଚିକେନ୍‌କୁ ରାତିସାରା ଫ୍ରିଜ୍‌ରେ ରଖନ୍ତୁ । ଏହାପରେ ଏହାକୁ କାଢି ଗ୍ରିଲ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ବିହାରି ବଟି । ଏହାକୁ ସାଲାଡ ଓ ନାନ୍ ସହିତ ପରଷିପାରିବେ । ପାର୍ଟି କିମ୍ବା ଭୋଜିରେ ଖାଇବାକୁ ଏହା ଖୁବ ସୁନ୍ଦର ଆଇଟମ ଟିଏ ହୋଇଥାଏ ।

## ସୋସିଆଲ କୋଟ୍ସ



“ ଆଉ ଏକ ଅପୂରଣୀୟ କ୍ଷତି । ଯେତେବେଳେ ମୋ ବାପାଙ୍କର ଦେହାନ୍ତ ହୋଇଥିଲା ସେତେବେଳେ ଆଇସିୟୁରୁ ମାଆଙ୍କୁ ଫୋନ କରି କହିଥିଲେ କି ଖୁବ ଜଲଦି ଆସି ଦେଖା ହେବେ । ହେଲେ ତାହା ପୂରଣ ହେଲା ନି ।

**ନିକିତନ ଧୀର, ଅଭିନେତା**



“ ସେ ଅଦ୍ଭୁତ ଅଭିନେତା ଓ ମଣିଷ ଥିଲେ । ତାଙ୍କ ସହିତ କାମ କରିବାର ଅନୁଭବ ହିଁ ଭିନ୍ନ । ସୁଟିଂ ସେଟରେ ସମସ୍ତଙ୍କୁ ସେ ସମ୍ମାନ ଦେଉଥାଆନ୍ତି ।

**ଅନୀତା ରାଜ, ଅଭିନେତ୍ରୀ**



“ ସେ ଜଣେ ଅଭିନେତା ନୁହେଁ ବରଂ ମଣିଷ୍ୱତର ଛବି ଥିଲେ । ତାଙ୍କ ଭଳି ଷ୍ଟାର ଓ ମଣିଷ ହୁଏତ ଆଉଥରେ ଜନ୍ମ ହେବେ । ଖୁବ ମନେ ପଡିବେ ।

**ଜୟ ପ୍ରଦା, ଅଭିନେତ୍ରୀ**

# ୧୦ ବର୍ଷ ପରେ ଫେରିବେ ଶିଳ୍ପା



ଅଙ୍ଗୁରୀ ଭାବି ଭାବେ ଘରେଘରେ ପରିଚିତ ଶିଳ୍ପା ସିନ୍ଦେ ଖୁବଶୀଘ୍ର ପୁଣି ପରଦାକୁ ଫେରିବେ ବୋଲି ଜଣା ପଡିଛି । କୌଣସି ଅନ୍ୟ ଚରିତ୍ର କି ଧାରାବାହିକ ନୁହେଁ ବରଂ ଅଙ୍ଗୁରୀ ଭାବି ଚରିତ୍ରରେ ହିଁ ଶିଳ୍ପା କମବ୍ୟାକ କରିବାକୁ ଯାଉଥିବା ଜଣା ପଡିଛି । ୧୦ ବର୍ଷ ପୂର୍ବେ ଶିଳ୍ପାଙ୍କୁ ଏହି ଧାରାବାହିକରେ ଅଭିନେତ୍ରୀ ଶୁଭାଙ୍ଗୀ ରିପ୍ଲେସ କରିଥିଲେ । ହେଲେ ସୂଚନା ଅନୁସାରେ ବର୍ତ୍ତମାନ ପୁଣି ଶିଳ୍ପା ଏହି ଧାରାବାହିକକୁ ଫେରୁଛନ୍ତି । ସେହିଭଳି ଶୁଭାଙ୍ଗୀ ମଧ୍ୟ ଏହି ପରିବର୍ତ୍ତନ ପାଇଁ ପ୍ରସ୍ତୁତ ଥିବା ପ୍ରକାଶ କରିଛନ୍ତି । ସେହିଭଳି ଏହି ରିପ୍ଲେସକୁ ସେ ସକାରାତ୍ମକ ଭାବେ ନେଇଛନ୍ତି । ଜଣେ ଅଭିନେତ୍ରୀ ହିସାବରେ ତାଙ୍କୁ ସବୁବେଳେ ନୂଆ ଚରିତ୍ର କରିବାର ଆଶା ରହିଥାଏ । ସବୁବେଳେ ସେ ନିଜ କାମ ଉପରେ ଫୋକସ କରିଥାଆନ୍ତି । ସେହିଭଳି ଶିଳ୍ପା ଏହି ଶୋକୁ ପୁଣି ଫେରୁଥିବାରୁ ତାଙ୍କ ଫ୍ୟାନମାନେ ଖୁବ ଖୁସି ଅଛନ୍ତି । ପୁଣି ଥରେ ସେମାନେ ନିଜ ପ୍ରିୟ ଅଭିନେତ୍ରୀଙ୍କୁ ପରଦାରେ ଦେଖିବାକୁ ଉତ୍ସାହ ପ୍ରକାଶ କରିଛନ୍ତି ।

# ଆଜିର ପିଲାମାନେ ହିଁ ହେବେ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ନିର୍ମାତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ବାର୍ଷିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାମେଳା ସାଇଟେଡ୍‌ର ନବମ ସଂସ୍କରଣ ନଭେମ୍ବର ମାସ ୨୬ ତାରିଖ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଇଟେଡ୍ ଛାତ୍ରଛାତ୍ରୀମାନଙ୍କୁ ପରିବର୍ତ୍ତିତ ସମୟର ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସହିତ ପରିଚିତ କରାଇବାର ଏକ ସଫଳ ପ୍ରୟାସ । ଛାତ୍ରଛାତ୍ରୀମାନଙ୍କୁ ଏହା ଭବିଷ୍ୟତର ନୂତନ ଉଦ୍ଭାବକ, ଗବେଷକ ହେବାକୁ ପ୍ରେରଣା ଯୋଗାଇବ। ଜାତୀୟ ଓ ଆନ୍ତର୍ଜାତୀୟ ବିଜ୍ଞାନ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ନିର୍ଭୀକ ଭାବରେ କଳ୍ପନା, ସାହସିକ ଭାବରେ ଉଦ୍ଭାବନ, ନୂତନ ବୈଜ୍ଞାନିକ ଗବେଷଣା ଅନୁସନ୍ଧାନ ଓ ଶିକ୍ଷଣରସୀମାକୁ ଆଗକୁ ବିସ୍ତାରିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଭୁବନେଶ୍ୱର ଅନ୍ତର୍ଗତ ସରକାରୀ, ବେସରକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଶତାଧିକ ଛାତ୍ରଛାତ୍ରୀ ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରାୟ ୧୦୦ର ଊର୍ଦ୍ଧ୍ୱ ପ୍ରୋଜେକ୍ଟ ସାମିଲ ହୋଇଥିଲା।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହିଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଏକ ଶକ୍ତିଶାଳୀ ଯାହା ଆଧୁନିକ ବିଶ୍ୱ ଗଠନ କରିବାରେ ଏବଂ ମାନବଜୀବନକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ । ଏହା କେବଳ ପରୀକ୍ଷା ଗାର କିମ୍ବା ପାଠ୍ୟ ପୁସ୍ତକରେ ସୀମିତ ନୁହେଁ, ଆମର ପ୍ରତ୍ୟେକ ମୁହୂର୍ତ୍ତକୁ ପ୍ରଭାବିତ କରୁଛି। ବିଜ୍ଞାନ ସମ୍ବନ୍ଧୀୟ କାହାଣୀ ଛାତ୍ରଛାତ୍ରୀମାନଙ୍କ ଆଗରେ କହିଥିଲେ । ବିଜ୍ଞାନକୁ ବୁଦ୍ଧିମାନ ଏବଂ ନୈତିକ ଭାବରେ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ ଏହା ମାନବତାକୁ ଲାଭଦାୟକ, ପରିବେଶଏବଂବିଶ୍ୱ ଗଠନ ସହାୟକ ହୋଇଥାଏ ବୋଲି ଅଭିଭାଷଣରେ କହିଥିଲେ ।

ଇସ୍ରୋର ଗଗନ ଯାତ୍ରୀ ଗ୍ରୁପ୍ କ୍ୟାପ୍‌ଟେନ ଶୁଭାନ୍ସୁ ଶୁକ୍ଳା ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯୋଗଦେଇ ତାଙ୍କ ର ମହାକାଶ ଯାତ୍ରା ସମ୍ବନ୍ଧରେ ସଫଳ କାହାଣୀ କହିବା ସହିତ ସ୍ୱତନ୍ତ୍ର ଭିଡି ଓ ଛାତ୍ରଛାତ୍ରୀମାନଙ୍କ ଆଗରେ ପ୍ରଦର୍ଶିତ କରାଇଥିଲେ। ଆକ୍ସିଅମମିଶନରେ ଯାଇ ଆନ୍ତର୍ଜାତୀୟ ମହାକାଶରେ ରହି କିପରି ଅନେକ ଗବେଷଣା କରିଥିଲେ ତାହା ଛାତ୍ରଛାତ୍ରୀମାନଙ୍କ ଆଗରେ ପ୍ରକାଶ କରିଥିଲେ । ମହାକାଶରେ ଦୈନନ୍ଦିନ କାର୍ଯ୍ୟ ପରିଚାଳନା, ମାଇକ୍ରୋଗ୍ରାଭିଟି ସହିତ କିପରି ଖାପ ଖୁଆଇଥିଲେ, ଶାରୀରିକ ଏବଂ ମାନସିକ ଶୃଙ୍ଖଳା ବଜାୟ ରଖନ୍ତି ସବୁ ବର୍ଣ୍ଣନା କରିଥିଲେ । ଆଇଏସଏସରେ ୧୮ ଦିନ ରହିବା ପରେ ପୃଥିବୀକୁ ଫେରିଥଲେ ଏବଂ ଭାରତ ଲାଗି ୭ଟି ଗବେଷଣା କରିଥିଲେ । ୨୦୪୦ ସୁଦ୍ଧା ଚନ୍ଦ୍ର ପୃଷ୍ଠରେ ଅବତରଣ କରିବେ ବୋଲି କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ଚିନ୍ତା କରିବାକୁ ଏବଂ ଆତ୍ମବିଶ୍ୱାସର ସହିତ ଭବିଷ୍ୟତକୁ ଆପଣେଇବାକୁ ପ୍ରେରଣା ଦେଇଥିଲେ। ବୈଜ୍ଞାନିକ କୌଶଳ ଦ୍ୱାରା ପ୍ରେରିତ ମହାକାଶ ଅନୁସନ୍ଧାନ, ବିଶ୍ୱବିଷୟରେ ଆବିଷ୍କାର ସହିତ ଭବିଷ୍ୟତ ପିଢ଼ିକୁ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥାଏ ବୋଲି ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ଛାତ୍ରଛାତ୍ରୀମାନଙ୍କ ମହାକାଶ ଜନିତ ବିଭିନ୍ନ ପ୍ରଶ୍ନରଉତ୍ତର ଅତିସରଳ ଓ ସାବଲୀଳ ଭାବରେ ଦେଇଥିଲେ ଯାହା ଛାତ୍ରଛାତ୍ରୀମାନଙ୍କୁ କୌତୂହଳ, ଉତ୍ସାହ ଏବଂ ବୌଦ୍ଧିକ ଆବିଷ୍କାର ପ୍ରେରଣା ଯୋଗାଇଥିଲା ।

ସାଇ ଇଣ୍ଟରନ୍ୟାସନାଲ୍‌ର ଚେୟାର ପର୍ସନ ଡଃ ଶିଳ୍ପୀ ସାହୁ ତାଙ୍କ ଭାଷଣରେ କହିଥିଲେ ଯେ, ସାଇଟେଡ୍ ଛାତ୍ରଛାତ୍ରୀମାନଙ୍କୁ ପୃଥିବୀର ନୂତନ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସହିତ ଯୋଡ଼ିବାର ଏକ ଉତ୍କୃଷ୍ଟ ଉପାୟ। ଶୁକ୍ଳାଙ୍କ ସଫଳତା ପାଇଁ ବହୁତ ପ୍ରଶଂସା କରିବା ସହିତ ଡଃ ସାହୁ କହିଥିଲେ ଯେ ସମଗ୍ର ଦେଶ ତାଙ୍କ ପାଇଁ ଆଜି ବହୁତ ଗର୍ବିତ। ଏହା କେବଳ ଅଧ୍ୟୟନ କ୍ଷେତ୍ର ନୁହେଁ, ଜୀବନର ଚ୍ୟାଲେଞ୍ଜକୁ ମୁକାବିଲା କରିବା, ଗୁଣବତ୍ତା ଉନ୍ନତି କରିବା ଏବଂ ଏକ ଉଜ୍ଜଳ ଭବିଷ୍ୟତ ନିର୍ମାଣ କରିବାକୁ ସଶକ୍ତକରେ। ବିଜ୍ଞାନକୁ ଗ୍ରହଣ କରି ଦାୟିତ୍ୱର ସହ ପ୍ରୟୋଗ କରିବା, ସୁଯୋଗ ଏବଂ ନବସୃଜନରେ ପରିପୂର୍ଣ୍ଣ ବିଶ୍ୱ ଗଠନ କରି ଛାତ୍ରଛାତ୍ରୀମାନେ କିପରି ଆନ୍ତର୍ଜାତୀୟ କ୍ଷେତ୍ରରେ ସଫଳତା ହାସଲ କରିବେ ତାହା ଆମର ଲକ୍ଷ୍ୟ ବୋଲି କହିଥିଲେ ।

ସାଇଟେଡ୍‌ରେ ବିଭିନ୍ନ ୱାର୍କସପ୍ ଯଥା ଟେକ୍‌ଫେୟାର୍, ମେଡଟକ୍, ମାଇନ୍ୟୁଟ୍‌ମ୍ୟାଟର, ସାଇନ୍ସସ୍ୱେଲବି, ମ୍ୟାଥ୍ ମେଜ୍, କୋଡେସ୍‌ଗେମିଂ ଲ୍ୟାବ, ଏରୋମ ଡେଲିଙ୍ଗ୍, କ୍ରାଇମ୍‌ଫେରେ ନ୍‌ସିସ୍ ପରି ବିଭିନ୍ନ କମ୍ପାନୀ ଓ ଶିକ୍ଷାନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିଥିଲେ। ଷ୍ଟାଟ୍ ଅପ୍ ଓଡିଶା ତରଫରୁ ୫ଟି ମଡେଲ ପ୍ରଦର୍ଶିତ କରାଯାଇଥିଲା । ସନ୍ଧ୍ୟାରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅନୁଜ ରେହାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସଂଗୀତ ପରିବେଶଣ କରାଯାଇ ଛାତ୍ରଛାତ୍ରୀମାନଙ୍କ ମନୋରଞ୍ଜନ କରାଯାଇଥିଲା । ସାଇ ଇଣ୍ଟର ନ୍ୟାସନାଲ୍ ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ ଓ ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଓ ସାଇ ଇଣ୍ଟରନ୍ୟାସନାଲ୍‌ରେ ସିଡେନ୍ସି ଆଲ୍ ସ୍କୁଲର ହେଡମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ଏବଂ ଆସୋସିଏଟ୍ ଡାଇରେକ୍ଟର ଶରତ କୁମାର କର ଉପସ୍ଥିତ ଥିଲେ ।

## ବଳାତ୍କାର ଉଦ୍ୟମ କରୁଥିବା ଅଭିଯୁକ୍ତର ଟଣ୍ଟିଚିପି ହତ୍ୟା : ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଚନ୍ଦକା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରୁଥିବା ଲୋକେ ଦେଖିଥିଲେ । ଏହାପରେ ପ୍ରତିକ୍ରିୟାଶୀଳ ହୋଇ ବଳାତ୍କାର ଉଦ୍ୟମ କରୁଥିବା ଯୁବକ ସ୍ୱାଧୀନ ବିରୁଆ (୨୮)ର ଟଣ୍ଟିଚିପି ହତ୍ୟା କରିଥିଲେ ଅଭିଯୁକ୍ତମାନେ । ସ୍ୱାଧୀନର ଘର ଯାଜପୁର ଜିଲ୍ଲା ବଡଚଣା ଅଞ୍ଚଳରେ । ସେ ଗତ କିଛିଦିନ ହେବ ଚନ୍ଦକା ଭୋଳା ଅଞ୍ଚଳରେ ଥିବା ଏକ ଟେଣ୍ଟ ହାଉସ୍‌ରେ କାମ କରୁଥିଲା । ଗତ ୨୪ ତାରିଖ ଦିନ ସେ ଜଣେ ମହିଳାଙ୍କୁ ସାଙ୍ଗରେ ଗୋଡିବାରି ଗାଁକୁ ଯାଇ ହାଣ୍ଡିଆ ପିଇଥିଲେ । ଉଭୟ ହାଣ୍ଡିଆ ପିଇବା ପରେ ଏକ ଆଡୁଆଳ ସ୍ଥାନରେ ସାଙ୍ଗରେ ଯାଇଥିବା ମହିଳାଙ୍କୁ ବଳାତ୍କାର ଉଦ୍ୟମ କରୁଥିବା ବେଳେ ଲୋକେ ଦେଖିଥିଲେ । ସେହି ମହିଳାଙ୍କ ସ୍ୱାମୀକୁ ଏ ସମ୍ପର୍କରେ ଜଣାଇବା ପରେ ସେମାନେ ସେଠାକୁ ଆସିଥିଲେ । କିଛି ଲୋକ ଆସିବା ଦେଖି ବିରୁଆ ସ୍କୁଟର ଛାଡି ଖସିଯାଇଥିଲା । ଡେରି ରାତିରେ ସ୍କୁଟର ପାଇଁ ବିରୁଆ ଘଟଣାସ୍ଥଳକୁ ଯାଇଥିଲା । ସେଠାରେ ଜଗି ରହିଥିବା ଅଭିଯୁକ୍ତମାନେ ବିରୁଆକୁ କାବୁ କରିନେଇଥିଲେ । ପରେ ତା'ର ଟଣ୍ଟିଚିପି ହତ୍ୟା କରିଥିଲେ ବୋଲି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।



ଗିରଫ ୫ ଅଭିଯୁକ୍ତ ହେଲେ ବାହାଦୁଲା ବଣ୍ଡ୍ରା ଓରଫ ପଣ୍ଡା (୨୬), ରୂପା ପିଙ୍ଗୁଆ ଓରଫ ଲାଲା (୨୬), ପିତାମ୍ବର କାନ୍‌କେଲ ଓରଫ ବେତାଳିଆ (୨୨), ନବ ତିରିଆ (୨୫) ଓ ବିକା ଓରଫ ଗୁଲ୍‌ଟୁ ହେମ୍ବ୍ରମ୍ (୧୯) । ସମସ୍ତଙ୍କ ଘର ଗୋଡିବାରି ଗାଁରେ । ଗିରଫ ୫ଜଣଙ୍କ ମଧ୍ୟରେ ସ୍ୱାଧୀନ ସହ ଯାଇଥିବା ମହିଳାଙ୍କ ସ୍ୱାମୀ ମଧ୍ୟ ଅଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଓ ଡିସିପି ଜଗମୋହନ ମିନା ଯୋଗ ଦେଇଥିଲେ । ସାମ୍ବାଦିକ ସମ୍ମିଳନୀ ପରେ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଓଡିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ



ଭୁବନେଶ୍ୱର, (ସବ୍ୟୁ): ବୁଧବାର ପୂର୍ବାହ୍ନ ଓଡିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ସୁରମା ପାଢୀ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମାନ୍ୟବର ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ , ମାନ୍ୟବର ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ , କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମାନ୍ୟବର ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶାସକ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଦାସ , ବିଧାୟକ ଜୟନାରାୟଣ ମିଶ୍ର , ବିଧାୟକ ରଞ୍ଜନ ଏକ୍କା , ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏବଂ ଉପସ୍ଥିତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଥିଲେ।

## ୫୮ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୫୮ କେଜି ଗଞ୍ଜେଇ ଜବତ କରି ନୂଆପଲ୍ଲୀ ଥାନା ପୋଲିସ ୨ଜଣ ଚାଲାଣକାରୀଙ୍କୁ ଗିରଫ କରିଛି । ଗିରଫ ଦୁଇଜଣ ହେଲେ ଆକାଶ କାଶ୍ୟପ (୨୪) ଓ ବିଶ୍ୱନାଥ ପରମାଣିକ ଓରଫ ମଙ୍ଗୁଲି (୩୮) । ଆକାଶ ଘର ଦିଲ୍ଲୀରେ ହୋଇଥିବା ବେଳେ ବିଶ୍ୱନାଥ ଘର କେନ୍ଦ୍ରାପଡାରେ । ମଙ୍ଗଳବାର ଦିନ ସନ୍ଧ୍ୟାବେଳେ ନୂଆପଲ୍ଲୀ ଥାନା ପୋଲିସ ଖବର ପାଇଥିଲେ ଯେ, ଦୁଇଜଣ ତିନୋଟି ଜରିବସ୍ତାରେ ଗଞ୍ଜେଇ ଧରି କଳିଙ୍ଗ ଷ୍ଟାଡିୟମ୍ ଗେଟ୍-୮ବି ନିକଟରେ ଠିଆ ହୋଇଛନ୍ତି । ସେମାନେ ବରମୁଣ୍ଡା ଆଡକୁ ଯିବା ପାଇଁ ଗାଡିକୁ ଅପେକ୍ଷା କରିଥିଲେ । ଏହି ଖବର ପାଇ ନୂଆପଲ୍ଲୀ ଥାନାରୁ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ଚଢାଉ କରିବାକୁ ଯାଇଥିବା ବେଳେ ସେମାନେ ଖସିଯିବାକୁ ଚେଷ୍ଟା କରିଥିଲେ । ହେଲେ ପୋଲିସ ସୂଚନା ଅନୁଯାୟୀ ତାଙ୍କୁ କାବୁ କରିନେଇଥିଲେ । ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଦୁହେଁ ଓଡ଼ିଶାରୁ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରୁଥିବା କହିଥିଲେ । ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଗଞ୍ଜେଇ ଜବତ : ଜଣେ ଗିରଫ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ଅବକାରୀ ବିଭାଗ ଓ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ମିଳିତଭାବେ ଖୋର୍ଦ୍ଧା ମେଡିକାଲ ଛକ ନିକଟରେ ଚଢଉ କରି ଏକ କାର ଭିତରୁ ୨୬କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଜଣକ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଅନ୍ତର୍ଗତ ବଳଭଦ୍ରପ୍ରସାଦ ପୁରୁଣାସାହି ର ପ୍ରକାଶ କୁମାର ପ୍ରଧାନ (୩୩)। ଓଡି.୦୨ସିସି-୧୧୨୨ନଂ ବିଶିଷ୍ଟ ଏକ କାର ଯୋଗେ ଗଞ୍ଜେଇ ନେଇ ଯାଉଥିବା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାକୁ ଧରିବାକୁ ଅବକାରୀ ସୁପରିଟେଣ୍ଡେଂଟ ସୁମତି ତ୍ରୀପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ ଓ ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ୧୧ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ମଡିକାଲ ଛକ ନିକଟରେ ଜଗିରହିଥିବାବେଳେ କାର କୁ ଅଟକାଇ ଯାଂଚ କରିଥିଲେ। ଯାଂଚବେଳେ ଗାଡି ଭିତରୁ ୧୩କେଜି ଓଜନ ର ଦୁଇଟି ଜରିବସ୍ତା ରେ ଥିବା ୨୬କେଜି ଗଞ୍ଜେଇ ସହ ଉକ୍ତ କାର୍ କୁ ଜବତ କରିଛି ବିଭାଗ। ଜବତ ଗଞ୍ଜେଇ ର ମୂଲ୍ୟ ୨ଲକ୍ଷ ୬୦ହଜାର ହେବ ବୋଲି ବିଭାଗ ଆକଳନ କରିଛି। କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଅଭିମୁଖେ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଅବକାରୀ ବିଭାଗ ବେଆଇନ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ୨୧୫/୨୫ ନଂ ମାମଲାରେ ପ୍ରକାଶ କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାଲିମାଫିଆଙ୍କ ସଂଘବଦ୍ଧ ଆକ୍ରମଣ ଘଟଣା: ୩ ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ୧୮ ନଂ ଜାତୀୟରାଜପଥ ତୁଳସୀଚଉରା ଢ଼ାବା ନିକଟରେ ବାଲିମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ବେତନଟୀ ତହସିଲଦାର ଓ ଚାଳକ ଆହତ ହୋଇଥିବା ବେଳେ ଘଟଣାରେ ସଂଶ୍ଲିଷ୍ଟ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି ବେତନଟୀ ପୁଲିସ ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ ବର୍ତ୍ତନା ଅଞ୍ଚଳର ପ୍ରଶାନ୍ତ ଗାଆଣ, ସୁଶାନ୍ତ ଗାଆଣ ଓ ବାରିପଦା ସୁନୁଗଡିଆ ଅଞ୍ଚଳର ମାଝାଲ ହୁସେନ । ବେତନଟୀରେ ନୂଆକରି ଦାୟୀତ୍ୱ ଗ୍ରହଣ କରିଥିବା ତହସିଲଦାର ଚନ୍ଦ୍ରଜିତ ବେହେରା ବେଆଇନ ବାଲି ବୋଝେଇ ଟ୍ରାକଫରକୁ ଜବତକରି ବେତନଟୀ ପୁଲିସକୁ ହସ୍ତାନ୍ତର କରିଥିଲେ । ତେବେ ଏଥିରେ ପ୍ରତିଶୋଧ ପରାୟଣ ହୋଇ ପାଖାପାଖି ୧୫ଜଣ ବାଲିମାଫିଆ ସଂଗଠିତ ହେବାସହିତ ମଙ୍ଗଳବାର ସନ୍ଧ୍ୟା୬ଟାରେ ୧୮ ନଂ ଜାତୀୟ ରାଜପଥର ତୁଳସୀଚଉରା ଢ଼ାବା ନିକଟରେ ତହସିଲଦାର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ଅଟକାଇ ସଂଘବଦ୍ଧ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର କରିଥିଲେ ।ଘଟଣା ସ୍ଥଳରେ ବେତନଟୀ ପୁଲିସ ପହଁଚି ତହସିଲଦାର ଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ । ଏନେଇ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ବେତନଟୀ ଥାନାରେ ଦେଇଥିବା ଲିଖିତ ଅଭିଯୋଗ ବଳେ ୪୧୭/୨୫ନଂରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପଟେ ବେତନଟୀ ଏସଡ଼ିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ବେତନଟୀ, ବଡ଼ସାହି ଓ ବୈଶିଙ୍ଗା ପୁଲିସର ଏକାଧିକ ଟିମ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ତତକ୍ଷଣାତ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଦେଇଥିଲେ । ଏହି ଘଟଣା ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବଡ଼ସାହି ଥାନା ବର୍ତ୍ତନା ଗ୍ରାମର ପ୍ରଶାନ୍ତ ଗାଆଣ ଓ ତାଙ୍କ ସହଯୋଗୀ ସୁଶାନ୍ତ ଗାଆଣଙ୍କୁ ବେତନଟୀ ପାଖ ଜଙ୍ଗଲ ଭିତରୁ ଗିରଫ କରିଥିଲା ।

### ଗାଁ ଦାଣ୍ଡରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କଲେ ଦୁର୍ବୃତ୍ତ
## ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ

ପୁରୀ, (ସବ୍ୟୁ): ପୁଣି ଗାଁ ଦାଣ୍ଡରେ ବୁଲିଛି ଖଣ୍ଡା। ଦୁର୍ବୃତ୍ତମାନେ ଗାଁ ଦାଣ୍ଡରେ ଖଣ୍ଡା ବୁଲାଇ ଆତଙ୍କ ରଚିବା ସହିତ ଗାଁ ଲୋକଙ୍କୁ ଭୟଭୀତ କରାଇଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପୁରୀ ସଦର ଥାନା ଅନ୍ତର୍ଗତ ବୋଲାରି ଗ୍ରାମରେ। ଦୁର୍ବୃତ୍ତମାନେ ଗାଁ ଦାଣ୍ଡରେ ଖଣ୍ଡା ବୁଲାଇବା ସହିତ ପେଟ୍ରୋଲ ବୋମା ଧରି ଆତଙ୍କ ଖେଳାଇବା ସହ ଲୋକଙ୍କୁ ଭୟଭୀତ କରୁଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ତେବେ ଏନେଇ ଗ୍ରାମବାସୀମାନେ ସଦର ଥାନାରେ ଅଭିଯୋଗ କରିଥିବା ଜଣା ପଡ଼ିଛି। ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ଆମ୍ବପଡା ପଞ୍ଚାୟତ ଅନ୍ତର୍ଗତ ବୋଲାରି ଗ୍ରାମରେ ଦୀର୍ଘ ବର୍ଷ ଧରି ଶତ୍ରୁଘ୍ନ ପ୍ରଧାନଙ୍କୁ ଗ୍ରାମବାସୀ ମାନେ ବାସନ୍ଦ କରିଛନ୍ତି। ଗତ ୨୨ ତାରିଖରେ ଶତ୍ରୁଘ୍ନଙ୍କ ଝିଅ ସାଇକେଲ ଚଳାଉଥିଲେ। ସେହି ସମୟରେ ଜଣେ ଯୁବକ ସ୍କୁଟିରେ ଯାଉଥିବା ବେଳେ ଶତ୍ରୁଘ୍ନଙ୍କ ଝିଅ ଭୟରେ ପଡ଼ି ଯାଇଥିଲା। ଏନେଇ ପରିବାର ଲୋକେ ଗ୍ରାମବାସୀଙ୍କ ନିକଟରେ ଅଭିଯୋଗ କରି ଥିଲେ। ଅଭିଯୋଗକୁ ଆଧାର କରି ଗ୍ରାମସଭା ବସିଥିଲା। ସଭାରେ ଶତ୍ରୁଘ୍ନ ଙ୍କ ଝିଅର ଅଭିଯୋଗକୁ ଗ୍ରହଣ କରାଯାଇନଥିଲା। ଏଥିରେ ଉତ୍ୟକ୍ତ ହୋଇ ଶତ୍ରୁଘ୍ନଙ୍କ ପୁଅ କାଳିଆ ଓ ତାର ସାଙ୍ଗମାନେ ଗାଁ ଦାଣ୍ଡରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ଏନେଇ ଉଭୟ ଗ୍ରାମବାସୀ ଏବଂ ଶତ୍ରୁଘ୍ନ ସଦର ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ହାତରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିଥିବା ଯୁବକ ଜେଲ୍ ଫେରନ୍ତା ବୋଲି ଜଣାପଡିଛି।






ବିଧାନସଭାରେ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢ଼ୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଦେଶ ଶିକ୍ଷାବୃତ୍ତି ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ବିଦେଶ ଶିକ୍ଷାବୃତ୍ତି ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ବିଦେଶ ଶିକ୍ଷାବୃତ୍ତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ଲାଗୁ କରାଯିବ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଏହି ଛାତ୍ରବୃତ୍ତି ନିମନ୍ତେ ଆବେଦନ କରିପାରିବେ। ଯେଉଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାରର ବାର୍ଷିକ ଆୟ ୧୨ଲକ୍ଷ କିମ୍ବା ୧୨ଲକ୍ଷ ଟଙ୍କାରୁ କମ୍ ହୋଇଥିବା ସେହିମାନେ ଏହି ଛାତ୍ରବୃତ୍ତି ନିମନ୍ତେ ଆବେଦନ କରିପାରିବେ। ଛାତ୍ରବୃତ୍ତି ପାଇବା ନିମନ୍ତେ ଛାତ୍ର ବା ଛାତ୍ରୀଜଣକ ବିଶ୍ୱର ଶ୍ରେଷ୍ଠ ୨୦୦ କ୍ୟୁଏସ ରାଙ୍କିଙ୍ଗ ଶିକ୍ଷାନୁଷ୍ଠାନରେ ପିଜି ଓ ପିଏଚଡ଼ି ପାଠ୍ୟକ୍ରମ ପାଇଁ ନାମଲେଖା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଆବଶ୍ୟକ। ଛାତ୍ରଛାତ୍ରୀମାନେ ଏହି ବୃତ୍ତି ନିମନ୍ତେ ପ୍ରତିବର୍ଷ ୨ ଥର (ଜୁଲାଇ- ଅଗଷ୍ଟ ମାସ ଅବଧି ଏବଂ ଡିସେମ୍ବର-ଜାନୁଆରୀ ମାସ ଅବଧି) ଆବେଦନ କରିପାରିବେ। ପ୍ରତିବର୍ଷ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୫୦ଜଣ ଛାତ୍ରଛାତ୍ରୀମାନଙ୍କୁ ଏହି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ୫୦ଜଣଙ୍କ ମଧ୍ୟରୁ ଇଞ୍ଜିନିୟରିଙ୍ଗ ଓ ବୈଷୟିକ ଶିକ୍ଷା ନିମନ୍ତେ ୧୦ ଜଣ (ଇଞ୍ଜିନିୟରିଙ୍ଗ ଓ ବୈଷୟିକ ଶିକ୍ଷାରେ ପିଜି ପାଠ୍ୟକ୍ରମ ପାଇଁ ୪ଜଣ ଏବଂ ପିଏଚଡ଼ି ପାଠ୍ୟକ୍ରମ ପାଇଁ ୬ଜଣ) ମେଡ଼ିକାଲ, କୃଷି, ଆରକିଟେକଚର ଓ ଅନ୍ୟାନ୍ୟ



ଟେକନିକାଲ କୋର୍ସ ନିମନ୍ତେ ୧୦ଜଣ (ପିଜି ପାଠ୍ୟକ୍ରମ ପାଇଁ ୪ଜଣ ଏବଂ ପିଏଚଡ଼ି ପାଠ୍ୟକ୍ରମ ପାଇଁ ୬ଜଣ), ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ପାଠ୍ୟକ୍ରମ ପାଇଁ ୩୦ଜଣ (ପିଜି ପାଇଁ ୧୦ଜଣ ଓ ପିଏଚଡ଼ି ପାଇଁ ୨୦ଜଣ) ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ। ପ୍ରତ୍ୟେକ ଛାତ୍ର ବା ଛାତ୍ରୀଙ୍କୁ ସର୍ବାଧିକ ବାର୍ଷିକ ୨୫ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ।

ବିଦେଶ ଶିକ୍ଷା ବୃତ୍ତି ଯୋଜନାର ଶୁଭାରମ୍ଭ ସହିତ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୩୪ଜଣଙ୍କୁ ଗ୍ରୁପ ସି ଓ ଗ୍ରୁପ ଡ଼ି ବର୍ଗରେ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ସମସ୍ତ ନବ ନିଯୁକ୍ତମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ନିଜର ନିଯୁକ୍ତି ପତ୍ର ଗ୍ରହଣ କରିବା ସହ ଅନୁକମ୍ପାମୂଳକ ନିଯୁକ୍ତିପାଇଁ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏଥିସହ ରାଜ୍ୟରେ ରହିଥିବା ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କର ଆକାଡ଼େମିକ ପରଫରମାନ୍ସ ଅଡ଼ିଟ ନିମନ୍ତେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦକୁ କପି ରାଇଟ୍ ମଧ୍ୟ ପ୍ରଦାନ କରାଯାଇଛି, ଯାହାଦ୍ୱାରା ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ରାଜ୍ୟରେ ରହିଥିବା ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନଦଣ୍ଡକୁ ସଠିକ ରୂପେ ଯାଞ୍ଚ କରାଯାଇପାରିବ। ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗ ପ୍ରଥମ ଯେକି ଏହିପରି ବ୍ୟବସ୍ଥାକୁ ଲାଗୁ କରିଛି।

ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସମସ୍ତ ନବନିଯୁକ୍ତମାନଙ୍କୁ ନିଷ୍ଠାପରତାର ସହ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିଥିଲେ। ଏଥିସହ ରାଜ୍ୟରେ ଉଚ୍ଚଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦେକ୍ଷପ ସମ୍ବନ୍ଧରେ ଶ୍ରୀ ଅଗ୍ରୱାଲ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଓଡ଼ିଶାରୁ ଅଧିକ ୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ (ଚାଉଳ ଆକାର)ରେ କିଣିବ ଏଫସିଆଇ

## ଏଫସିଆଇର ନିଷ୍ପତ୍ତି ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ କ୍ରମେ ଭାରତୀୟ ଖାଦ୍ୟ ନିଗମ ବା ଏଫସିଆଇ ଓଡ଼ିଶାରୁ ଅତିରିକ୍ତ ୮ ଲକ୍ଷ ମେଟ୍ରିକ୍ ଟନ୍ ତଥା ମୋଟ ୫୮ ଲକ୍ଷ ଧାନ (ଚାଉଳ ଆକାରରେ) କିଣିବ ବୋଲି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପତ୍ରର ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଯେ ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ଆକଳନ କରାଯାଇଛି। ଶ୍ରୀ ପ୍ରଧାନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ



କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଡବଲ ଇଞ୍ଜିନ ସରକାର ସବୁବେଳେ 'ଅନ୍ନଦାତା'ଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ ଆସିଛନ୍ତି। ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ଓଡ଼ିଶାର ଚାଷୀମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। ମୋଦୀ ସରକାରଙ୍କ ଏହି ସମୟୋଚିତ ନିଷ୍ପତ୍ତି ରାଜ୍ୟର ଅର୍ଥନୀତି ଓ ଆମ ଚାଷୀ ଭାଇଭଉଣୀଙ୍କ ହାତଗୁଡ଼ାକୁ ମଜଭୁତ କରିବ। ପ୍ରକାଶ ଥାଉ କି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଅଗଷ୍ଟ ୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରିବା ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଉତ୍ପନ୍ନ ଚାଉଳ ଉଠାଣ ସହ ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଧାନ ସଂଗ୍ରହ କରିବା ପାଇଁ ଆଲୋଚନା କରିବା ସହ ଚିଠି ଦେଇଥିଲେ।

## ଜବର ଦଖଲ ଉଚ୍ଛେଦ

ସୋର,(ସବ୍ୟୁ):ସୋର ତହସିଲ ପକ୍ଷରୁ ଶିରାପୁର ଗ୍ରାମରେ ସରକାରୀ ଜାଗାରେ କରାଯାଇଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ସୋର ବ୍ଲକ ସାଜନପୁର ପଞ୍ଚାୟତ ଶିରାପୁର ଗ୍ରାମରେ ଜଣେ ସରକାରୀ ଶିକ୍ଷୟିତ୍ରୀ ଗ୍ରାମରେ ଥିବା ଏକ ୨୦ ଡିସମିଲ ସରକାରୀ ଜାଗାକୁ ଜବରଦଖଲ କରି ଏକ ଘର ନିର୍ମାଣ କରିଥିଲେ। ଏବାବଦରେ ଗ୍ରାମବାସୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକହସିଲ ପକ୍ଷରୁ ବୁଧବାର ପୂର୍ବାହ୍ନରେ ଏହି ଜାଗାରୁ ଜବରଦଖଲ ଉଚ୍ଛେଦ କରିଥିଲେ।

### ଜେଲ୍ ଭିତରେ ଚିକିତ୍ସା ନ ପାଇ ମୃତ୍ୟୁ ହେବା ପ୍ରସଙ୍ଗ

## ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ : ହାଇକୋର୍ଟ

କଟକ(ସବ୍ୟୁ): ଜେଲରେ ଥିବାବେଳେ ଚିକିତ୍ସା ଅବହେଳାରୁ ମୃତ୍ୟୁ ଜଣେ ବ୍ୟକ୍ତିଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ହାଇକୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣେ ଲୋକର ଜୀବନ ଚାଲିଯାଇଛି। ସମ୍ପୃକ୍ତ ବ୍ୟକ୍ତି ୨୦୧୬ ମସିହା ସେପ୍ଟେମ୍ବର ୨୦ ତାରିଖରେ ହାଜତକୁ ଯାଇଥିଲେ। ଏହାପରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଆଡ଼କୁ ଗତି କରିଥିଲା। ୨୦୧୭ ମସିହା ଜାନୁଆରୀ ୨୭ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ତେଣୁ ଏଥିରେ ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ସ୍ପଷ୍ଟ ଜଣାପଡୁଛି। ଏଭଳି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ଏହି ଆଦେଶ କପି ପାଇବାର ୬ସପ୍ତାହ ମଧ୍ୟରେ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସବିତା ନିଶଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ଆବେଦନକାରୀଙ୍କ ସ୍ୱାମୀ ଓପେରା ଏବଂ ପାମସୋର ଗ୍ରାମପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ପିପି ଲି ଥାନାରେ ଏକ କେସରେ ସମ୍ପୃକ୍ତି ପାଇଁ ତାଙ୍କୁ ୨୦୧୬ ମସିହା ସେପ୍ଟେମ୍ବର ୨୦ ତାରିଖରେ ଗିରଫ କରାଯାଇ ନିମାପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଥିଲା। ୨୦୦୮ ମସିହାରୁ ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆବେଦନକାରୀଣୀ ପିପିଲି ଜେଏମ୍ଏଫସିଙ୍କ ଅଦାଲତରେ ଏକ ପିଟିସନ୍ ଫାଇଲ୍ କରିଥିଲେ ଏବଂ ଅଦାଲତ ନିର୍ଦ୍ଦେଶକ୍ରମେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ୨୦୧୭ ଜାନୁଆରୀ ୨୫ ତାରିଖରେ ପୁରୀ ମେଡିକାଲ ପଠାଯାଇଥିଲା। ସେଦିନ ପୁରୀ ମେଡିକାଲରୁ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଠିକ୍ ଏହାର ପରଦିନ ଅର୍ଥାତ ୨୭ତାରିଖ ଦିନ ତାଙ୍କର ଦେହାନ୍ତ ହୋଇଯାଇଥିଲା।

ଏହି ଘଟଣାରେ ଆବେଦନକାରିଣୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ସ୍ୱାମୀଙ୍କୁ ଉପଯୁକ୍ତ ଚିକିତ୍ସା ନମିଳିବାରୁ ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରିଥିଲେ। ଏଥିପାଇଁ ତାଙ୍କୁ କ୍ଷତିପୂରଣ ବାବଦକୁ ୫୦ଲକ୍ଷ ଟଙ୍କା ଦେବା ଲାଗି ପ୍ରାର୍ଥନା କରିଥିଲେ। ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। କିନ୍ତୁ ହାଇକୋର୍ଟ ଏହି ରାୟ ପ୍ରଦାନ କରିବା ଅବସରରେ କହିଛନ୍ତି ଯେ, ଯେଉଁବେଳେ ଆବେଦନକାରିଣୀଙ୍କ ସ୍ୱାମୀଙ୍କୁ ପୁରୀ ମେଡିକାଲ ଏବଂ ସେଠାରୁ ଏସ୍ସିବି ମେଡିକାଲକୁ ପଠାଗଲା ସେତେବେଳେକୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଖରାପ ହୋଇସାରିଥିଲା। ତେଣୁ ରାଜ୍ୟ ସରକାରଙ୍କ ଯୁକ୍ତି କେବେ ବି ଗ୍ରହଣୀୟ ନୁହେଁ। ଏହି ଆଧାରରେ ହାଇକୋର୍ଟ ଆବେଦନକାରିଣୀଙ୍କୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସମୃଦ୍ଧ ଓଡ଼ିଶା ୨୦୩୬ ସମ୍ମିଳନୀ ଉଦ୍‌ଯାପିତ

## "ସ୍ୱଳ୍ପ ଅର୍ଥନୀତିରୁ ଏକ ଜ୍ଞାନ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି ଓଡ଼ିଶା"

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ (ୟୁସିସିଆଇଏଲ) ଦ୍ୱାରା ଆୟୋଜିତ ଦୁଇ ଦିନିଆ ସମୃଦ୍ଧ ଓଡ଼ିଶା ସମ୍ମିଳନୀ ୨୦୨୫ ଜନତା ମଇଦାନଠାରେ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନୀତିନିର୍ମାତା, ଶିଳ୍ପ ପରିଚାଳକ, ଶିକ୍ଷାବିତ ଓ ଉଦ୍ଭାବକମାନେ ଏକାଠି ହୋଇଥିଲେ, ଯାହା ଭିଜନ ୨୦୩୬ ଓ ଭିଜନ ୨୦୪୭ ସହ ସମନ୍ୱିତ ଓଡ଼ିଶାର ଆର୍ଥିକ ରୂପାନ୍ତରଣ ପାଇଁ ଏକ ମିଳିତ ଦୃଷ୍ଟିକୋଣକୁ ସୁଦୃଢ଼ କରିଛି।

ବିଦାୟକାଳୀନ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ କୃଷି ଓ କୃଷକ ବିକାଶ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ସଚିବ, ଆଇଏଏସ ଅନୁ ଗର୍ଗ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ଶକ୍ତି ବିଭାଗର ମୁଖ୍ୟ ସଚିବ, ବିଶାଳ କୁମାର ଦେବ ପ୍ରମୁଖ ଉପସ୍ଥିତ ହୋଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, "ଆମେ ଏକ ସମ୍ବଳ ଅର୍ଥନୀତିରୁ ଏକ ଜ୍ଞାନ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛୁ। ଓଡ଼ିଶାରେ ସର୍ବୋଚ୍ଚ ପୁଞ୍ଜି ନିବେଶ ଅନୁପାତ ରହିଛି। ଓଡ଼ିଶା ହେଉଛି ଏକ କୃଷି-ସମୃଦ୍ଧ ରାଜ୍ୟ, ଯାହା ସଫଳ ଭାବେ ଏକ ଆମଦାନୀକାରୀରୁ ଏକ ଶୁଦ୍ଧ ରପ୍ତାନୀକାରୀରେ ପରିବର୍ତ୍ତନ ହେଉଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ, ଅନୁ ଗର୍ଗ କହିଛନ୍ତି, "ରାଜ୍ୟ ସରକାର ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ସ୍ଥିର କରିଛନ୍ତି, ଯାହା ଜାତୀୟ ଜିଡିପିରେ ଓଡ଼ିଶାର ଯୋଗଦାନକୁ ବର୍ତ୍ତମାନର ୩.୮%ରୁ ଯଥାକ୍ରମେ ୪% ଓ ୫%କୁ ବୃଦ୍ଧି କରିବ।

ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ଶକ୍ତି ବିଭାଗର ମୁଖ୍ୟ ସଚିବ, ଆଇଏଏସ ବିଶାଳ ଦେବ ଏଥିରେ ଯୋଗ ଦେଇଥିଲେ। ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, "ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ ଆମେ ସରକାରଙ୍କ ସହିତ ନାଗରିକଙ୍କର ସାମୂହିକ ସମର୍ଥନ ଆବଶ୍ୟକ କରୁଛୁ। ୟୁସିସିଆଇଏଲର ଅଧ୍ୟକ୍ଷ ଓ ପ୍ରବୋଧ ମହାନ୍ତି କହିଛନ୍ତି, "ସମୃଦ୍ଧ ଓଡ଼ିଶା ସମ୍ମିଳନୀ ଉଦ୍ୟୋଗିକ ଉତ୍ସାହର ଏକ ଜୀବନ୍ତ ପ୍ରଦର୍ଶନ ଥିଲା ଯାହା ସରକାରୀ ବିକଶିତ କରିବା ସହ ବାସ୍ତବ ସମୟର ବ୍ୟବସାୟ ସୁଯୋଗ ସୃଷ୍ଟି କରିଛି। ଏହି ସମାରୋହ ସମୃଦ୍ଧ ଓଡ଼ିଶା-୨୦୩୬ର ଆୟୋଜକ କମିଟିର ଅଧ୍ୟକ୍ଷ ଓ ବ୍ରହ୍ମ ମିଶ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ ଶେଷ ହୋଇଥିଲା।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ

ଖୋର୍ଦ୍ଧା (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେହେରା ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା ମଂଚାସିନ ଥିବା ବେଳେ ଡେପୁଟି କଲେକ୍ଟର (ନ୍ୟାୟିକ) ସୃଷ୍ଟି ଅନନ୍ୟା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା ସାମ୍ବିଧାନିକ ଧାରା ଅନୁଯାୟୀ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ନିଷ୍ପାପର ଭାବେ ରାଷ୍ଟ୍ରର ଗୌରବ ଓ ସାମ୍ବିଧାନିକ ମୂଲ୍ୟବୋଧ ବଜାୟ ରଖି ଜନ ସାଧାରଣ ତଥା ଦେଶ ସେବା କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଶପଥ ପାଠ କରାଇଥିଲେ। ଦିବସରେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗିତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମନେନ୍ଦୁ ନାୟକ, ଡେପୁଟି କଲେକ୍ଟର (ରାଜସ୍ୱ) ନିବେଦିତା ପରିଡ଼ା, ଡେପୁଟି କଲେକ୍ଟର (ନିର୍ବାଚନ) ମନୋଜ କେନାପଟ୍ଟକ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ଟାଉନ ଥାନା ପକ୍ଷରୁ ୧୬ ଗ୍ରାମ ବ୍ରାଉନସୁଗର ଜବତ, ୧ ଗିରଫ

ପୁରୀ, (ସବ୍ୟୁ): ସ୍ଥାନୀୟ ମାଟି ମଣ୍ଡପ ସାହି ନିକଟ ଜଗତ ପ୍ରତିହାରୀ ଜାଗା ଗଳିରେ ବେଆଇନ ଭାବେ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଟାଉନ ଥାନା ପୋଲିସ ବୁଧବାର ଦିନ ଜଣେ ଡ୍ରଗସ ସପ୍ଲାଇରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ନିଶା ବ୍ୟବସାୟୀର ପରିଚୟ ହେଲା ଏହି ଥାନା ଅଧୀନ ମାଟି ମଣ୍ଡପ ସାହିର ଡିସୁ ଓରଫ ଜ୍ୟୋତି ରଂଜନ ସାମନ୍ତ ରାୟ (୩୦) ଅଟେ। ଅଭିଯୁକ୍ତ ଠାରୁ ପୋଲିସ ନଗଦ ୧୩ ହଜାର ୬ଶହ ଟଙ୍କା, ୧ ଗୋଟି ହଣ୍ଡା ବାଇକ୍, ୧ ଗୋଟି ମୋବାଇଲ ସ୍ମାର୍ଟ ଫୋନ ଓ ୧ ଗୋଟି କି ପ୍ୟାଡ ଫୋନ ଜବତ କରିଛି। ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସଙ୍କ ସୂଚନା ମୁତାବକ ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଥିଲା ଯେ ଅଭିଯୁକ୍ତ






ମାଟି ମଣ୍ଡପ ସାହି ନିକଟରେ ନିଶାଡ଼ି ମାନଙ୍କୁ ବିକ୍ରିପାଇଁ ବ୍ରାଉନ ସୁଗର ବିକ୍ରି କରୁଛି। ଉକ୍ତ ସୂଚନା ଆଧାର ରେ ଟାଉନ ଥାନା ପୋଲିସ ର ଏକ ସ୍ୱତନ୍ତ୍ର ଟିମ ସେଠାରେ ଅଚାନକ ଭାବେ ଚଢ଼ାଉ କରି ଥିଲା। ପୋଲିସ ଘଟଣା ସ୍ଥଳରୁ ଅଭିଯୁକ୍ତ ଠାରୁ ବ୍ରାଉନ ସୁଗର ଜବତ କରି ଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।


## ନେକ୍ସସ୍ ଏସ୍ପ୍ଲାନେଡ଼ରେ ବ୍ଲାକ୍ ଫ୍ରାଇଡେ ସେଲ୍ ଲାଇଭ୍

ଭୁବନେଶ୍ୱର, (ସବ୍ୟୁ): ନେକ୍ସସ୍ ଏସ୍ପ୍ଲାନେଡ୍ ନଭେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ବ୍ଲାକ୍ ଫ୍ରାଇଡେ ସେଲ୍ ଆୟୋଜନ କରିବାକୁ ଯାଉଛି। ଯେଉଁଥିରେ ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଇଲେକ୍ଟ୍ରୋନିକ୍ସ, ଆସେସୋରିଜ୍, ହୋମ୍‌ଡେକୋର ଏବଂ ଅନ୍ୟାନ୍ୟ ୧୦୦+ ବ୍ରାଣ୍ଡରେ ୫୦% ପର୍ଯ୍ୟନ୍ତ ଅଫର ରହିଛି। ନେକ୍ସସ୍ ଏସ୍ପ୍ଲାନେଡକୁ ଯାଆନ୍ତୁ ଏବଂ ଷ୍ଟାଇଲ, ସଂଚୟ ଏବଂ ଆଶ୍ଚର୍ଯ୍ୟ ସହିତ ବ୍ଲାକ୍ ଫ୍ରାଇଡେ ପାଳନ କରନ୍ତୁ। ଅବିଶ୍ୱସନୀୟ ରୁଚିମାଣେ ଏବଂ ଆନନ୍ଦଦାୟକ ପୁରସ୍କାରରେ ପରିପୂର୍ଣ୍ଣ ଏକ ଉତ୍ସବର ପରିବେଶକୁ କିଣାକିଣି କରିବା ଏବଂ ଉପଭୋଗ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ଋତୁର ସର୍ବୋତମ ଡିଲ୍ ହାସଲ କରିବା ଏବଂ ଅପରାଜେୟ ମୂଲ୍ୟରେ ଉଚ୍ଚମାନର ଉତ୍ପାଦ ସହିତ ଆପଣଙ୍କ ଆଲମାରୀ କିମ୍ବା ଘରକୁ ସତେଜ କରିବା ପାଇଁ ଏହି ଚମତ୍କାର ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ - କେବଳ ନେକ୍ସସ୍ ଏସ୍ପ୍ଲାନେଡରେ।

## କଞ୍ଚାମାଟିର ବାର୍ଷିକ ଉତ୍ସବ ଓ କୁନି ଚିତ୍ରକରଙ୍କର ପ୍ରତିଯୋଗିତା

କଟକ, (ସବ୍ୟୁ): କୁନି ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ସ୍କୁଲ ଅଫ୍ ଆର୍ଟ ମ୍ୟୁଜିକ ଶିକ୍ଷାନୁଷ୍ଠାନ "କଞ୍ଚାମାଟି"ର





ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତକାଲି ପ୍ରଥମ ପର୍ଯ୍ୟାୟରେ ମର୍କତନଗର ସେକ୍ଟର-୯ ପୂଜାମଣ୍ଡପ ପରିସରରେ ଆୟୋଜିତ କୁନିଚିତ୍ର ପ୍ରତିଯୋଗିତାକୁ ଅଭିନେତା ଓ ପ୍ରଯୋଜକ ବାପୁ ଲେଙ୍କା ଉଦଘାଟନ କରିଥିଲେ। ଅତିଥିଭାବରେ ଗୀତିକାର ଦେବାଦତ୍ତ ମହାନ୍ତି, ଶିକ୍ଷାବିତ ସତ୍ୟଜିତ ମହାପାତ୍ର, ପୂଜାକମିଟି ସଭାପତି ରାମଚନ୍ଦ୍ର ବେହେରା ଓ ସମାଜସେବୀ ପତିତପାବନ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଚିତ୍ରଶିଳ୍ପୀ ବିଜୟ କୁମାର ସାହୁ ଓ ଚିତ୍ରଶିଳ୍ପୀ କାଞ୍ଚିପ୍ରସାଦ ମଲ୍ଲିକ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ଷିକ ଉତ୍ସବରେ ଚିତ୍ରଶିଳ୍ପୀ ରବିନାରାୟଣ ରାଉ ମୁଖ୍ୟଅତିଥି, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ଦେଶ ବିଦେଶରେ ନାଁ କରିବାକୁ ଆଶୀର୍ବାଦ ଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ଉପଦେଷ୍ଟା ଆଡ଼ଭୋକେଟ ପ୍ରଫେସର ଜ୍ଞାନଗୁରୁ ଦାସ। ଏହି ଅବସରରେ ପ୍ରକାଶିତ ବାର୍ଷିକ କଞ୍ଚାମାଟି ପତ୍ରିକାକୁ ଅତିଥିମାନେ ମିଳିତ ଭାବେ ଲୋକାର୍ପଣ କରିଥିଲେ। କୃତି ପ୍ରତିଯୋଗୀମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେକ୍ଟ-୯ ଆବାସିକ ସଂଘର ସମ୍ପାଦକ ଅଶୋକ କୁମାର ଚୌଧୁରୀ, ସମାଜସେବୀ ବୃନ୍ଦାବନ ଦାସ ଆକାଦ, ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ବେହେରା (ବାପୁନୀ) ସାରସ୍ୱତ ସାଧକ ଶିବସୁନ୍ଦରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅବିନିତ କୁମାର ନାୟକ, ଆଡ଼ଭୋକେଟ ସଂଯୋଜ କୁମାର ସାମନ୍ତରାୟ, ସାମ୍ବାଦିକ ପ୍ରଭୁଦତ୍ତ ପ୍ରଧାନ ଓ ଲୋକସମ୍ପର୍କ ପ୍ରମୁଖ ବିଜୟ କୁମାର ସାମଲ ପରିଚାଳନା କରିଥିଲେ। ଶେଷରେ ଶିକ୍ଷାନୁଷ୍ଠାନର ସମ୍ପାଦକ ଗୁରୁଦତ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।


### ଆମ ଆଦମୀ ପାର୍ଟିର ପ୍ରତିଷ୍ଠା ଦିବସରେ

## ସମ୍ବିଧାନ ବଞ୍ଚାଅ, ଲୋକତନ୍ତ୍ର ବଞ୍ଚାଅ ନାରା

କଟକ, (ସ୍ୱୁ): ଆମ ଆଦମୀ ପାର୍ଟିର କଟକ ଜିଲ୍ଲା ପକ୍ଷରୁ ପ୍ରତିଷ୍ଠା ଦିବସ ଓ ସମ୍ବିଧାନ ବଞ୍ଚାଅ, ଲୋକତନ୍ତ୍ର ବଞ୍ଚାଅ ପାଳନ କରାଯାଇଛି। ଜିଲ୍ଲା ସଭାପତି ସତ୍ୟସାଚୀ ମହାନ୍ତିଙ୍କ ନେତୃତ୍ୱରେ ଆପ ଦଳର କାର୍ଯ୍ୟକର୍ତ୍ତା ହାଇକୋର୍ଟ ମୁଖ୍ୟଫାଟକରେ ଥିବା ବାବାସାହେବ ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ଯିବାବେଳେ ଲାଲବାଗ ପୁଲିସ ତାଲା ଖୋଲି ନଥିଲା। ତେଣୁ ତାହାର ପ୍ରତିବାଦରେ କର୍ମୀମାନେ ତଳେ ବସି ପ୍ରତିବାଦ କରିଥିଲେ। ଶେଷରେ ଆଇଆଇସିଙ୍କ ସହିତ ବାର୍ତ୍ତାଳାପ ହେବା ପରେ ତାଲା ଖୋଲାଯାଇଥିଲା ଓ ନେତାମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନେତା ଓ କର୍ମୀମାନେ ଆଜିର ଦିନରେ ବାବା ସାହେବ ଆମ୍ବେଦକରଙ୍କୁ ଫୁଲମାଳ ଦେବା କଣ ଅପରାଧ ବୋଲି ପ୍ରଶ୍ନ ଉଠାଇଥିଲେ। ତେଣୁ ଏଭଳି ମାନସିକତା ବିରୋଧରେ ହାଇକୋର୍ଟ ଗଡ଼ା ନିକଟକୁ ଆସି ପ୍ଲାକାର୍ଡ ଧରି ବିରୋଧ କରିଥିଲେ। ଏହି ଆନ୍ଦୋଳନରେ ମହାନଗର ସଭାପତି ପ୍ରକାଶ ଭୂୟାଁ, ଭାମସେନ ବିଶ୍ୱାଳ, ବିକାଶ ମହାପାତ୍ର, ସଞ୍ଜୀବ ପରିଡ଼ା, ମହମ୍ମଦ ସନାଉଲ୍ଲା, ଅମିତ ମହାପାତ୍ର, ବିପ୍ଳବ ପଣ୍ଡା, ଦିଲିପ କର, ତ୍ରିବିକ୍ରମ ପଣ୍ଡା ଓ ଶିବୁ ବିଶ୍ୱାଳ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ରୋଟାରୀ କ୍ଲବର ଗରିବ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା

ଭୁବନେଶ୍ୱର (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ଆମର ରୋଟାରୀ କ୍ଲବ ମହୋଦଧି ଓ ହ୍ୟୁମାନ ପୋଟେନସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟଙ୍କ ମିଳିତ ସହଯୋଗ ରେ ଏକ ଆର୍ଥିକ ସହାୟତା କାର୍ଯ୍ୟକ୍ରମର ଆୟୋଜନ ଯୋଖରାପୁଟ ସ୍ଥିତ ଟ୍ରଷ୍ଟ କାର୍ଯ୍ୟାଳୟ ଠାରେ ହୋଇଥିଲା। ଏହା କାର୍ଯ୍ୟକ୍ରମଟି କ୍ଲବ୍ର ବିକାଶ କାର୍ଯ୍ୟକ୍ରମ ରେ ତାଲିମ ଗ୍ରହଣ କରିଥିବା ଅଧୁନା ଉତ୍କଳ ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ଏମ୍‌ଏସି କୋର୍ସ ପଢୁଥିବା ଜନୈକ ମେଧାବୀ ଛାତ୍ର ଦର୍ଶନ ବେହେରାଙ୍କୁ ତିରିଶ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ ମହୋଦଧି ର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ ଓ ବର୍ତ୍ତମାନ ର ସମ୍ପାଦକ ପ୍ରଥମ ଚନ୍ଦ୍ର ନାୟକ ଏହି ସହାୟତା ରାଶି ର ଚେକ୍ ମେଧାବୀ ଛାତ୍ର ଦର୍ଶନ ବେହେରା ଙ୍କୁ ଅନ୍ୟ ସଦସ୍ୟ ଙ୍କ ଗହଣ ରେ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଦର୍ଶନ ବେହେରାଙ୍କ ପିତା ଯିଏ କି ନିଜେ ଅଟୋରିକ୍ସା ଚଲେଇ ନିଜର





ପରିବାର ପୋଷଣ କରନ୍ତି ଏବଂ ତାଙ୍କର ପୁଅ ଝିଅ ଙ୍କୁ ବହୁକଷ୍ଟ ରେ ପାଠ ପଢ଼ାଇବାକୁ ଚେଷ୍ଟା କରି ଆସିଛନ୍ତି। କ୍ଲବ ର ସଭାପତି ମନୀଷ ନାଥ ମହଲ୍ଲକ ଭିଡିଓ କଲ୍ ମାଧ୍ୟମ ରେ ମେଧାବୀ ଛାତ୍ର ଦର୍ଶନ ବେହେରାଙ୍କୁ ଆର୍ଶୀର୍ବାଦ ପ୍ରଦାନ କରିଥିଲେ। ଏହି ସଭାକୁ ସଭାପତିତ୍ୱ କରିଥିଲେ କ୍ଲବ ର ସମ୍ପାଦକ। ଏହି ସଭାରେ କ୍ଲବ ର ଚାର୍ଟର୍ଡ ସଭାପତି ହରପ୍ରସନ୍ନ ଦାସ, ପ୍ରାକ୍ତନ ସଭାପତି ସଂଗ୍ରାମ ସାହୁ, ସଦସ୍ୟ ରାଜକୁମାର ସୁତାର, ନିରଞ୍ଜନ ବେହେରା, ସୁସ୍ମିତା ଦାସ ଙ୍କ ସହିତ ହ୍ୟୁମାନ ପୋଟେନ୍ସିଆଲ ଟ୍ରଷ୍ଟ ସଭାପତି ମିନା ସୁବିଧା ଓ ସୋନାଲି ସାମନ୍ତରାୟ ଯୋଗ ଦେଇଥିଲେ। ପ୍ରାକ୍ତନ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ ଓ ସଭାକୁ ପରିଚାଳନା କରିଥିଲେ ପ୍ରଥମ ଚନ୍ଦ୍ର ନାୟକ କ୍ଲବ

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ

# ବ୍ରହ୍ମପୁରରେ ଆତ୍ମନିର୍ଭର ଭାରତ-ଏକତା ପଦଯାତ୍ରା



ବ୍ରହ୍ମପୁର, (ସବ୍ୟୁ): ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ବ୍ରହ୍ମପୁର ଠାରେ ଆତ୍ମନିର୍ଭର ଭାରତ-ଏକତା ପଦଯାତ୍ରା ଆୟୋଜନ କରାଯାଇଥିଲା । ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ପଦଯାତ୍ରା ପୂର୍ବରୁ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଏକ ସଭା ଅନୁଷ୍ଠିତ ହୋଇ ବନ୍ଦେ ମାତରମ୍ ସମୂହ ଗାନ କରାଯାଇଥିଲା । ସେଠାରେ ବ୍ରହ୍ମପୁର ସାଂସଦ ଡକଟର ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ଭି କୀର୍ତ୍ତିଭାସନ, ବ୍ରହ୍ମପୁର ମୁନିସିପାଲିଟି କର୍ପୋରେଶନ୍ କମିଶନର ପ୍ରଥମେଶ ଅରବିନ୍ଦ ରାଜଶେଖରେ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାହକ ଓ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ସରୋଜ ସାବତ, ଜିଲ୍ଲା ସ୍ପୋର୍ଟ୍ସ କୋଡିନେଟର ସିଦ୍ଧାନ୍ତ ଗଙ୍ଗଦେବ ଉପସ୍ଥିତ ଥିଲେ । ବାଜା ବାଜେନି ସହ ବିରାଟ ପଟୁଆରରେ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ଠାରେ ଉଦଘାଟନ ହୋଇ କଂଗ୍ରେସ ଭବନ୍ ଛକ ପି.ଭି.ଏନ୍ ରାଓ ପେଟ୍ରୋଲ୍ ପମ୍ପ ଛକ - ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟ -ସୁଚା ରାଓ ଛକ-ଉତ୍କଳ ଆଶ୍ରମ (ପ୍ରଥମ ବିରାମ)-ଷ୍ଟେଟ୍ ବ୍ୟାଙ୍କ ଛକ - ଚର୍ଚ୍ଚ ରୋଡ୍ ପରି ସହରର ପ୍ରମୁଖ ସଡକ ଦେଇ ଯାଇ ପୁଣି ଷ୍ଟାଡ଼ିୟମ୍‌କୁ ଫେରି ଆସିଥିଲା । ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଅନେକ ସ୍ୱଚ୍ଛସେବକ, ଅବସରପ୍ରାପ୍ତ ସୈନିକ ମାନେ ଏହି ଯାତ୍ରାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

## ବେଦ କର୍ମକାଣ୍ଡ ବିଦ୍ୟାଳୟ ପାଇଁ ଭୂମିପୂଜନ କଲେ ସାଂସଦ, ବିଧାୟକ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ୱାର୍ଡ ନମ୍ବର ୪ ସ୍ଥିତ ଓଁ ନଗର ଚତୁର୍ଥ ଲାଇନ ଠାରେ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମିତିର ହରିହର ବେଦ କର୍ମକାଣ୍ଡ ବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ଯୋଗକେନ୍ଦ୍ର, ଶିବାଳୟ, ଗାନ୍ଥାଗାରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେଲେ ବ୍ରହ୍ମପୁର ସାଂସଦ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ ସ୍ଥାନୀୟ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ, କର୍ପୋରେଟର ସବିତା ସାହୁ, କମିସନର ପ୍ରଥମେଶ ସମସ୍ତ କର୍ପୋରେଟର ଓ ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମିତିର ପଣ୍ଡିତ ନୀଳମାଧ ତ୍ରିପାଠୀ, ପଣ୍ଡିତ ସନ୍ତୋଷ କର, ପଣ୍ଡିତ ନିରଞ୍ଜନ ନନ୍ଦ ଙ୍କ ସମେତ ସମସ୍ତ ସଦସ୍ୟ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ବିଧାୟକଙ୍କ ହାତ ପାଣ୍ଠି ଅନୁଦାନର କାର୍ଯ୍ୟ ଆରମ୍ଭ ପାଇଁ ଭୂମିପୂଜନ କରାଯାଇଥିଲା ।

## ମୟୂରଭଞ୍ଜ ମହୋତ୍ସବ ପାଇଁ ଉତ୍ସବମୁଖର ବାରିପଦା ସହର

# ୩୦ରୁ ୧୧ ଦିନିଆ ମହୋତ୍ସବ : ମଞ୍ଚରେ ଶୋଭାପାଇବ ଖଡଖାଇ ବନ୍ଧ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ । ୮ମ ବର୍ଷରେ ପଦାର୍ପଣ କରିଛି ଏହି ମହୋତ୍ସବ । ଆସନ୍ତା ନଭେମ୍ବର ୩୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ । ବୁଧବାର ବାରିପଦା ଛଉ ପଡିଆ ଠାରେ ମହୋତ୍ସବ ଆୟୋଜକ କମିଟି ଅଧ୍ୟକ୍ଷ ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ପ୍ରଥମ ଦିନ ନଭେମ୍ବର ୩୦ ରବିବାର ଅପରାହ୍ନ ୨ଟା ସମୟରେ ରଥ ପଡିଆ ଠାରୁ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାରମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେ ତାଳେ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ ବା ସାଂସ୍କୃତିକ ଶୋଭାଯାତ୍ରା । ଡିସେମ୍ବର ୧ତାରିଖରୁ ୧୦ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ଚଳିତ ବର୍ଷ ବାମନଘାଟି ଉପଖଣ୍ଡ ସ୍ଥିତ ଖଡଖାଇ ବନ୍ଧ ଆକୃତିର ତୋରଣ ମୁଖ୍ୟ ଆକର୍ଷଣ ରହିଥିବାବେଳେ ବଲିଉଡ୍ ନାୟିକା ମୈନେ ପ୍ୟାର କିଆ ନାୟିକା ଭାଗ୍ୟଶ୍ରିଙ୍କ ସହିତ ସୁନାମଧନ୍ୟ କଣ୍ଠଶିଳ୍ପୀ ରୂପ କୁମାର ରାଠୋର ଏବଂ ସୁନାଲି ରାଠୋର ଉଦଯାପନୀ ସନ୍ଧ୍ୟାରେ ୧୦ତାରିଖରେ ଧୁମ୍ ମଚାଇବେ । ସେହିପରି ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ । ପ୍ରତ୍ୟେକ ଦିନ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣ କଳାକାରଙ୍କ ଦ୍ୱାରା କଳା ପ୍ରଦର୍ଶନ ସହିତ ସିନେ ଜଗତର ବହୁ ନାମୀଦାମୀ କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ । ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୩ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ, ୩ଦିନ ଓଡ଼ିଆ କାର୍ଯ୍ୟକ୍ରମ, ୨ଦିନ କୁଡୁମାଲି କାର୍ଯ୍ୟକ୍ରମ ସହିତ ୨ଦିନ ବଲିଉଡ ଓ ଇଣ୍ଡିଆନ୍ ଆଇଡଲ କାର୍ଯ୍ୟକ୍ରମ ମଧ୍ୟ କରିବାକୁ ନିଷ୍ପତ୍ତି ହୋଇଛି । ଡିସେମ୍ବର ୧ତାରିଖ ପ୍ରଥମ୍ ସନ୍ଧ୍ୟାରେ ସୌରଭ ଓ ଦିପ୍ତିରେଖା ସଙ୍ଗୀତ ପରିବେଷଣ କରିବାକୁ ଥିବାବେଳେ ୨ତାରିଖ ହେବ ଝୁମର କଳାକାର ରଞ୍ଜିତ, ମୋନାଲିସା, ଟ୍ୱିଙ୍କିଲ । ୩ ତାରିଖରେ ଇଣ୍ଡିଆନ ଆଇଡଲ୍ ୨୦୨୫ ବିଜେତା ମାନଷି ଘୋଷ ମଞ୍ଚରେ ସଙ୍ଗୀତ ପରିବେଷଣ କରିବାକୁ ଥିବା ବେଳେ ୪ ତାରିଖରେ ସାନ୍ତାଳୀ ପ୍ରସିଦ୍ଧ ଗାୟକ ମଙ୍ଗଳ ହାଁସଦା, ପାରାୟଣି, ଗୋପିନାଥ ସିଂ ଓ ଟିମ୍ । ସେହିଭଳି ୫ ତାରିଖ ମୟୂରଭଞ୍ଜ ଜିଲ୍ଲାର ସୁନାମଧନ୍ୟ ଗାୟକ ମାନଙ୍କ ସହ ପ୍ରସିଦ୍ଧ ଗାୟକ କ୍ରିଷ୍ଣା ବାଉରାଙ୍କ ଗୀତରେ ଝୁମିବେ ଦର୍ଶକ । ୬ ତାରିଖରେ ଆଦିବାସୀ ସନ୍ଧ୍ୟାରେ ରଞ୍ଜିତା ସିଂ, ରାମ ମୁଣ୍ଡା, ପୂଟା କେରାଇ, ରିନା ସିଂ, ପୃଥିବୀରାଜ ସିଂ ଓ ସାଥୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ । ୭ତାରିଖରେ ପପୁ ପମପମ, କ=ଶିଳ୍ପୀ ଇରା ମହାନ୍ତି, କୁମାର ବାପି ଓ ସ୍ୱରାଜ ବାରିକ ମଞ୍ଚରେ ଧୁମ୍ ମ୍ୟଚାଇବାକୁ ଥିବାବେଳେ ସ୍ୱତନ୍ତ୍ର ଆକର୍ଷଣ ରହିବ ଆସାମର ବିହୁ ଡ୍ୟାନ୍ସ । ୮ ତାରିଖରେ ପୁଣି ଝୁମର ଗୀତ ନେଇ ଆସିବେ ଗୌତମ ଓ ପମି । ୯ ତାରିଖ ଆଦିବାସୀ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିବାକୁ ଆସିବେ ଆଦିବାସୀ ସୁପର ଷ୍ଟାର କଳ୍ପନା ହାଁସଦା ଓ ଟିମଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି । ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି । ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଲ୍‌ଫି ଜୋନର ବ୍ୟବସ୍ଥା କରାଯାଉଛି ମହୋତ୍ସବରେ । ଏଥି ସହିତ ପୁରସ୍କାର ରାଶି ସହିତ ଫୁଟବଲ୍, ଲାଖବିନ୍ଧା ପ୍ରତିଯୋଗିତା ସାଙ୍ଗକୁ ରିଲ୍ସ ପ୍ରତିଯୋଗିତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଜୀବ ଦ୍ୱିବେଦୀ, ବିପ୍ଳବ ବୁଗୁଡେଇ, କାଶୀନାଥ ରଣା, ତରୁଣ ମହାନ୍ତି, ଅମିତାଭ ସାହୁ, ନିମାଇଁ ତ୍ରିପାଠୀ, ରାକେଶ ସିଂ, ଜିତେନ୍ଦ୍ର ହେମ୍ବ୍ରମ, ସୁଜିତ ମହାନ୍ତି, ପିଣ୍ଟୁ ମାଇତି, ରାକେଶ ବେହେରା, ସତ୍ୟମ ପାଣି, ରାକେଶ ମହାନ୍ତି ଓ ରାଜେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଡକାୟତି ଯୋଜନା ବେଳେ ଧରାପଡିଲେ ନାବାଳକ, ବୋମା ଜବତ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ କେତେକ ଅସାମାଜିକ ଯୁବକ ଏକତ୍ରିତ ହୋଇଥିବା ବେଳେ ପୋଲିସ ସେଠାରେ ଚଢଉ କରିଥିଲା । ଜଣେ ନାବାଳକଙ୍କୁ ଧରିଥିବା ବେଳେ ପୋଲିସକୁ ଚକମା ଦେଇ ମାଷ୍ଟରମାଇଣ୍ଡ ସମେତ ୫/୬ ଜଣ ସେଠାରୁ ଚମ୍ପଟ ମାରିଥିଲେ । ପୋଲିସ ଘଟଣା ସ୍ଥଳରୁ ଗୋଟିଏ ବୋମା, ୩ଗୋଟି କାତି ଓ ମଦ ବୋତଲ ପ୍ରଭୃତି ଜବତ କରିଥିଲା । ମାମଲା ନଂ ୫୯୦/୨୫ ରେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଉକ୍ତ ନାବାଳକଙ୍କ ବୟାନ ଅନୁଯାୟୀ ଫେରାର ଅଭିଯୁକ୍ତ ମାନେ ଚିହ୍ନଟ ହୋଇଛନ୍ତି । ପ୍ରକାଶ ଯେ, ମଙ୍ଗଳବାର ଉକ୍ତ ଥାନା ପୋଲିସ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିଲା । ରାତ୍ର ପ୍ରାୟ ସାଢେ ୧୦ ଟା' ବେଳେ କିଛି ଅସାମାଜିକ ଯୁବକ ସେଠାରେ ଏକତ୍ରିତ ହୋଇଥିବା ପୋଲିସକୁ ଖବର ମିଳିଥିଲା । ପୋଲିସ ଟିମକୁ ଦେଖି ଡ଼କାୟତ ଗ୍ୟାଙ୍ଗର ଯୁବକ ମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଅନ୍ୟପଟେ ଜଣେ ୧୬ ବର୍ଷର ନାବାଳକଙ୍କୁ ପୋଲିସ ଧରିଥିଲା ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଚଢି ଆତ୍ମହତ୍ୟା କଲେ ଯୁବକ

ଛତ୍ରପୁର, (ସବ୍ୟୁ): ଚିକିତ୍ସା ପାଇଁ ଆସି ରାତିରେ ଚାଲି ଚାଲି ଯାଇ ବିଦ୍ୟୁତ ଟ୍ରାନ୍ସଫରର୍ମ ଉପରେ ଚଢି ଆତ୍ମହତ୍ୟା କଲେ ଯୁବକ । ମୃତ ଯୁବକ ଜଣକ ହେଲେ ଗଞ୍ଜାମ ଥାନା ଅଧିନ ଖଟିଆରାମଚନ୍ଦ୍ରପୁର ଗ୍ରାମର ରବିନ୍ଦ୍ର ଦାସ । ସୂଚନା ଥାଉକି ଗତକାଲି ରାତ୍ରରେ ଛତ୍ରପୁର ମେଡିକାଲକୁ ରବିନ୍ଦ୍ର ଚିକିତ୍ସା ପାଇଁ ଆସିଥିଲେ । ତାଙ୍କ ସହ ତାଙ୍କ ମା ମହାଲି ଦାସ ଓ ସ୍ତ୍ରୀ ମାମି ଦାସ ମଧ୍ୟ ଉପସ୍ଥିତ ଥିଲେ । ଏପରିକି ଡାକ୍ତରଙ୍କ ଚିକିତ୍ସା ପରେ ଓ୍ୱାର୍ଡରେ ମଧ୍ୟ ଚିକିତ୍ସା ପାଇଁ ଭର୍ତି ହୋଇଥିଲେ । ବିଳମ୍ବିତ ରାତ୍ରରେ ସେ ଲୁଚି ଚାଲି ଚାଲି ବ୍ୟାରେକ ସାହି ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫରର୍ମ ପାଚେରି ଉପରେ ଚଢି ଆତ୍ମହତ୍ୟା କରିଥିଲେ । ବିଦ୍ୟୁତ ତାର ରେ ସେଠାରେ ହିଁ ଲାଗି ରହିଯାଇଥିଲେ ।

ସେ ଚାଲି ଚାଲି ଆସିବା ବେଳେ ତାଙ୍କ ସ୍ତ୍ରୀ ଓ ମା ମଧ୍ୟ ପିଛା କରିଥିବା ବେଳେ ତାଙ୍କୁ ଏହି ଆତ୍ମହତ୍ୟାରୁ ଉଦ୍ଧାର କରିପାରିନଥିଲେ । ଏପରିକି ସେହି ଅଞ୍ଚଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ମଧ୍ୟ ବନ୍ଦ ହୋଇଯାଇଥିଲା । ଘଟଣାର ଖବର ପାଇଁ ଛତ୍ରପୁର ପୁଲିସ, ଅଗ୍ନିଶ୍ରମ ବିଭାଗ ଓ ବିଦ୍ୟୁତ ବିଭାଗ କର୍ମଚାରୀ ପହଂଚିଥିଲେ । ସେଠାରୁ ଅଗ୍ନିଶ୍ରମ ବିଭାଗ ଉଦ୍ଧାର କରିଥିବା ବେଳେ ପୁଲିସ ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ୨୯/୨୫ ରୁଜୁ କରିଥିଲା । ରେଡକ୍ରସରୁ ପରିବାରକୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

## ବସ୍ ଷ୍ଟପ୍‌ରେ ପ୍ରସବ କଲେ ମାନସିକ ବିକୃତ ବିଧବା ମହିଳା



ଧରାକୋଟ, (ସବ୍ୟୁ): ସକାଳ ୯ଟା ହେବ । ବସ୍‌ଷ୍ଟପରେ ପଡି ରହିଥିଲେ ଜଣେ ମହିଳା । ପ୍ରଚୁର ରକ୍ତସ୍ରାବ ହେଉଥିଲା । ଟିକେ ଦୂରରେ ଗୋଟିଏ ନବଜାତକୁ କାଉ ଥଣ୍ଟ ମାରି ଖାଉଥିଲା । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ମୁଣ୍ଡମରାଇ ବସଷ୍ଟପ୍ । କାଉ ରାବ ଶୁଣି ଆଖପାଖ ଅଞ୍ଚଳର କିଛି ଲୋକ ଦୌଡ଼ି ଆସିଥିଲେ। ଏ ଦୃଶ୍ୟ ଦେଖି ସମସ୍ତେ ହତବାକ୍ ହୋଇଯାଇଥିଲେ । ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ମହିଳା ଜଣକ ମାନସିକ ବିକୃତ ବୋଲି ସ୍ଥାନୀୟ ଲୋକ ଜାଣିପାରିଥିଲେ । ସେ କିଛିଦିନ ହେଲା ସେହି ଅଞ୍ଚଳକୁ ଆସିଥିବାବେଳେ ତା'ର ଘର ବଡ଼ଗଡ଼ ଥାନା ଓଳମ୍ବା ବାପ ଘର ଏବଂ ନୁଆଗଡ଼ ଶଶୁର ଘର ବୋଲି ଜଣାପଡିଛି । ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଦମକଳ ବାହିନୀ କର୍ମଚାରୀଙ୍କ ସହ ସେଠାରେ ପହଞ୍ଚି ମହିଳା ଓ ଶିଶୁକୁ ଉଦ୍ଧାର କରିଥିଲେ । ସ୍ଥାନୀୟ ଲୋକଙ୍କୁ ଲୁଗା ମାଗି ମହିଳାଙ୍କୁ ଘୋଡ଼ାଇ ଥିଲେ । ଏହା ପରେ ଆଶାକର୍ମୀଙ୍କ ସହାୟତାରେ ଉଭୟଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ମହିଳା ଜଣକ ଉଚ୍ଚ ରକ୍ତଚାପ, ରକ୍ତହୀନତା ଓ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ଗୁରୁତର ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ । ୧୦୨ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଶିଶୁଟିକୁ ମୃତଘୋଷଣା କରାଯାଇଥିଲା ।

ଘଟଣା ସମ୍ପର୍କରେ ଡାକ୍ତର ବିମଳେନ୍ଦୁ ପଣ୍ଡା କହିଛନ୍ତି ଅପରିପକ୍ୱ (୫ମାସ) ଅବସ୍ଥାରେ ସନ୍ତାନ ପ୍ରସବ ହୋଇଥିବାରୁ ତାର ମୃତ୍ୟୁ ହୋଇଛି । ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ମହିଳା ଜଣକ ଗୁରୁତର ହୋଇଛନ୍ତି । ଅଧିକ ଚିକିତ୍ସା ପଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ଜଣେ ମାନସିକ ବିକୃତ ମହିଳାଙ୍କୁ ଗର୍ଭବତୀ କଲା କିଏ ? ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଥିବାବେଳେ ପୁଲିସ ନିଜ ପକ୍ଷରୁ ଏକ ମାମଲା ୧୧/୨୫ ପ୍ରକାରେ ଅପମୃତ ମାମଲା ରୁଜୁ କରି ଆଜି ଏମକେସିଜି ଶବ ଜବତ କରି ସବ ବ୍ୟବଛେଦ କରିବା ସହ ଅଧିକ ତଦନ୍ତ ଚଳାଇ ଥିବା ସୂଚନା ।

ପ୍ରସୂତିଙ୍କ ବୟସ ୩୦ବର୍ଷ ହେବ ବୋଲି ଡାକ୍ତର ପ୍ରକାଶ କରିଛନ୍ତି । ମହିଳା ଓ ଶିଶୁ ସୁରକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ ଯୋଜନା ଥିବା ସତ୍ତ୍ୱେ ଜଣେ ମାନସିକ ବିକୃତ ରାସ୍ତାକଡ଼ରେ ପ୍ରସବ କଲେ । ଏପରି ଏକ ଅମାନୁଷିକ ଘଟଣା ଘଟାଇଥିବା ଦୋଷୀଙ୍କୁ ତଦନ୍ତ କରି ଗିରଫ କରିବା ସହିତ ଦଣ୍ଡ ବିଧାନ କରିବାକୁ ଦାବି ହୋଇଛି ।

## ଶ୍ରମକୋର୍ଡ ବାତିଲ ଏବଂ ଏମ୍‌ଏସ୍‌ପି ପାଇଁ ଆଇନ ପ୍ରଣୟନ ଦାବିରେ ପ୍ରତିବାଦ

ବ୍ରହ୍ମପୁର, (ସବ୍ୟୁ): କେନ୍ଦ୍ର ସରକାର ଗତ ୨୧ ତାରିଖ ଦିନ ଦେଶରେ ଶ୍ରମ ଆଇନକୁ ଅକାମୀକରି ଶ୍ରମକୋଡ଼ କାର୍ଯ୍ୟକାରୀ କରିଛନ୍ତି । ଫଳରେ ଶ୍ରମିକମାନେ ମାଲିକ ମାନଙ୍କର ଗୋତି ଶ୍ରମିକରେ ପରିଣତ ହେବେ । ଶହ ଶହ ବର୍ଷ ଧରି ଶ୍ରମିକଙ୍କ ଲଢ଼େଇ ଫଳରେ ଅର୍ଜନ କରିଥିବା ଅଧିକାର ସରକାର ଅପହରଣ କରିଦେଲେ । ସଂଘ ଗଠନ କରିବା, ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ବ୍ୟବସ୍ଥା, ଧର୍ମଘଟ କରିବା, ସାମାଜିକ ସୁରକ୍ଷା, ମହିଳା କର୍ମଚାରୀଙ୍କ ନିରାପତ୍ତା ଓ ପେନସନ ଭଳି ଅଧିକାର ଗୁଡିକ ଅକାମୀ ହୋଇଯିବ ।

ଶ୍ରମିକ ମାନେ ସର୍ବସ୍ୱାନ୍ତ ହୋଇ ଅନ୍ୟ ଦିଗରେ ମାଲିକମାନେ ସର୍ବଶକ୍ତିର ଅଧିକାର ହୋଇଯିବେ । ସେହିଭଳି ଚାଷୀ ଫସଲର ଲାଭଜନକ ଦର ନମିଳିବା ଯୋଗୁଁ ପ୍ରତିବର୍ଷ କ୍ଷତି ଭରଣା କରି ନପାରି ପ୍ରାୟ ୧୫ ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି । ସରକାର ଚାଷୀ ଆନ୍ଦୋଳନ କାରୀଙ୍କୁ ପ୍ରତିଶୃତି ଦେଇ ପ୍ରତାରଣା କରିଛନ୍ତି । ତେଣୁ ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ କରାଯାଇଛି । ବ୍ରହ୍ମପୁର ସ୍ଥିତ ନୂଆଁ ବସ ଷ୍ଟାଣ୍ଡଠାରେ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଯୁଧିଷ୍ଠିର ବେହେରା, ହରୀକୃଷ୍ଣ ରେଡି, ଗୋପାଳ ପାଣିଗ୍ରାହୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନକୁ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ପୋଡ଼ା ଇଟାଭାଟି ଭାଙ୍ଗିଲେ ତହସିଲଦାର

ଧରାକୋଟ, (ସବ୍ୟୁ): ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଆକ୍ସନ ମୁଡକୁ ଆସିଛନ୍ତି । ବେଆଇନ ଭାବରେ ବର୍ତ୍ତମାନ ଠାରୁ ଆରମ୍ଭ ହେଉଥିବା ପୋଡ଼ା ଇଟାଭାଟି ଭାଙ୍ଗିବା ଆରମ୍ଭ କରିଛନ୍ତି । କୌଣସି ସୂତ୍ରରୁ ସୂଚନା ମିଳିବା ପରେ ଆଜି ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୁଜ୍ଞାନି ବେହେରା, ରାଜସ୍ୱ ନୀରିକ୍ଷକ ଏସ ଜଗେୟା ଓ ବଡଗଡ ପୋଲିସ ଧରାକୋଟ ତହସିଲ ଅନ୍ତର୍ଗତ ମାଣିକପୁର ରାଜସ୍ୱ ସର୍କଲ ଅଧିନସ୍ଥ ଜଳି ଗ୍ରାମ ସର୍ଣକଟରେ ନୂଆରେ ଆରମ୍ଭ ହୋଇଥିବା ପ୍ରସନ୍ନ ଚୌଧୁରୀଙ୍କ ଇଟା ଭାଟିକୁ ଜେସିବି ଲଗାଇ ଭାଙ୍ଗିଥିଲେ । ନୂତନ ଭାବରେ ଗଢା ଯାଇଥିବା ପ୍ରାୟ ସତୁରି ହଜାର ମାଟି ଇଟା ଆଜି ଭଙ୍ଗା ଯାଇଥିବା ବେଳେ ଏ ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ ବେଳେ ବେଆଇନ ଭାବରେ ଗଢି ଉଠୁଥିବା ଇଟାଭାଟିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପ୍ରକାଶ କରିଛନ୍ତି । ଆଜିର ଘଟଣା ପରେ ବେଆଇନ ଭାବେ ଇଟା ଭାଟି ବଢୁଥିବା ମାଲିକଙ୍କ ମଧରେ ଛନକା ପଶିଛି ।

## ଜିଲ୍ଲା ଆମ୍‌ଆଦ୍‌ମୀ ପାର୍ଟି ପକ୍ଷରୁ ସମ୍ବିଧାନ ଓ ସ୍ଥାପନା ଦିବସ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟାର ସମାଧାନକୁ ନେଇ ଆଜି ସମ୍ବିଧାନ ଦିବସ ଓ ଆମ୍‌ଆଦିମୀ ପାର୍ଟିର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆମ୍‌ଆଦିମୀ ପାର୍ଟିର ଜିଲ୍ଲା ସଭାପତି ଶଙ୍କର୍ଷଣ ମିଶ୍ର (କୁନାଲଭାଇ), ଶୁଳିଆପଦା ବ୍ଲକ ସଭାପତି ବିଶ୍ୱାନାଥ ଦାସ, ଛାତ୍ର ସଭାପତି ହେମନ୍ତ କୁମାର ମୁଖୀ, ଅନନ୍ତ ବେହେରା, ମହାବିଲା ପଞ୍ଚାୟତ ସଭାପତି କନୁ ଦାସ, ଦୁଷ୍ମନ୍ତ ପ୍ରଧାନ, ଟୁନା ଧିର, କିଶୋର, କୃଷ୍ଣ ନାଏକ, କ୍ଷୀରୋଦ ବରଣ ସିଂହ ପ୍ରମୁଖ ଯୋଗଦେଇ ଥିଲେ।

# ସାଇସେବକ ସୁରେନ୍ଦ୍ର ନାଥ ଭୂୟାଁଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ




ବାଲିଚନ୍ଦ୍ରପୁର, (ସବ୍ୟୁ): ବିଶିଷ୍ଟ ଶିକ୍ଷାବିତ୍ ତଥା ଆଧ୍ୟାତ୍ମପ୍ରେମୀ ସୁରେନ୍ଦ୍ର ନାଥ ଭୂୟାଁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ପଲାଇ ସାଇ ମନ୍ଦିରଠାରେ ଭକ୍ତିପୂତ ପରିବେଶ ଭିତରେ ଅନୁଷ୍ଠିତ ହୋଇଯାଇଛି। ଷୋଡ଼ଶୋପଚାର ପୂଜା, ସାଇ ଭଜନ ପରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ଆଧ୍ୟାତ୍ମିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭାରତୀୟ ମହୋବୋଧି ସୋସାଇଟିର ମୁଖ୍ୟଭିକ୍ଷୁ ଧମ୍ମ ଗୋଭେସୁ ଥେରୋ । ସାଇସେବକ ସୁରେନ୍ଦ୍ରନାଥଙ୍କ ଜୀବନ ଓ ଦର୍ଶନ ଆଧୁନିକ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ସୌର୍ଯ୍ୟରେନ୍ଦ୍ର କୁମାର ମହାପାତ୍ର ଶ୍ରୀ ସତ୍ୟସାଇ ବାଳବିକାଶର ସଂପାଦକ ସଚ୍ଚିଦାନନ୍ଦ ନନ୍ଦ, ଶୈଳବାଳା ଭୂୟାଁ, ସମାଜସେବୀ ବଟକୃଷ୍ଣ ସାମଲ, ବୀରକିଶୋର ନାୟକ, ପୂର୍ବତନ ସମିତି ସଭ୍ୟ ସୁଭାଷ ଚନ୍ଦ୍ର ନାୟକ, ଶୋଭନୀୟ ଆନ୍ଦୋଳନର ଅଧକ୍ଷା ଡ. ଅରୁନ୍ଧତୀ ଦେବୀ, ସତ୍ୟସାଇ ସେବା ସଂଗଠନ ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ନାୟକ, ପ୍ରଗତିବାଦୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ, ପୂର୍ବତନ ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ, ନରେନ୍ଦ୍ର ନାଥ ପତି, ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ସମାଜସେବୀ ବଟକୃଷ୍ଣ ସାମଲ, ବର୍ଷୀୟାନ ଶିକ୍ଷାବିତ୍ ଉମାକାନ୍ତ ବଳ, ଡ. ଭାଗ୍ୟଧର ସାହୁ, ସମରକେତନ ଲେଙ୍କା, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାମଲ, ସାମ୍ବାଦିକ ଭକ୍ତଚରଣ ସାହୁ, ସାମ୍ବାଦିକ ବେବର୍ତ୍ତା ଅଜୟବଲ୍ଲଭ ଦାସ, ପୂର୍ବତନ ଡିଏଫ୍‌ଓ ଅଲେଖ ଚନ୍ଦ୍ର ସାମଲ, ସମାଜସେବୀ ଶ୍ରୀକାନ୍ତ କୁମାର ସାମଲ, ଦେବଦତ୍ତ ସାମଲ, ଶୈଳେନ୍ଦ୍ର ନାରାୟଣ ରାୟ, ଉଲ୍ଲାସ ଚନ୍ଦ୍ର ବେଉରା, ଚିଣ୍ଟୁ ମିଶ୍ର, ସାମ୍ବାଦିକ ପ୍ରବାସ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଉତ୍କଳକେଶରୀ ସାମଲ, ରାକେଶ କୁମାର ବାରିକ, ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ ସାମଲ, ପୂର୍ବତନ ଆବାହକ ପ୍ରଶାନ୍ତ କୁମାର ସାମଲ, ସମିତିର ଆବାହକ ନାରାୟଣ ଚନ୍ଦ୍ର ବାସୁଳାଇ, ଦୋଳଗୋବିନ୍ଦ ସାମଲ, ସାରଦା ପ୍ରସନ୍ନ ଦାସ, ବିଜେପି ନେତ୍ରୀ ପ୍ରଜ୍ଞାପାରମିତା ନାୟକ, ଦେବେନ୍ଦ୍ର କୁମାର ସାମଲ, ବିଶ୍ୱପ୍ରକାଶ ସାମଲ, ବାରବାଟୀ ବିଶ୍ୱଶାନ୍ତି ଯଜ୍ଞ କମିଟିର ରତିକାନ୍ତ ସାମଲ, ବୈନେତୟ ଦାସ, ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଅବସରରେ ଶିକ୍ଷାବିତ୍ ଓ ଆଧ୍ୟାତ୍ମପ୍ରେମୀ ସୁରେନ୍ଦ୍ର ନାଥଙ୍କ ଜୀବନୀ ଓ କୃତିକୁ ନେଇ ସମର୍ପିତ ସୁରେନ୍ଦ୍ର ପୁସ୍ତକ ଉନ୍ମୋଚିତ ହୋଇଥିଲା । ସାଇସେବକ ସତ୍ୟବ୍ରତ ସାମଲଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତଃ ଭୂୟାଙ୍କ ପୁତ୍ର ସୁମନ୍ତ କୁମାର ଭୂୟାଁ, ସୁଶାନ୍ତ କୁମାର ଭୂୟାଁ, ଜାମାତା ସହଦେବ ବିଶ୍ୱାଳ, ଜ୍ୟେଷ୍ଠନାତି ଇଂ. ସନ୍ଦୀପ ସତ୍ୟନାରାୟଣ ଭୂୟାଁ, ସଂବିତ୍ ନାରାୟଣ ଭୂୟାଁ, ଓକ ସାହୁ, ପରେଶ ସାମଲ, ପ୍ରଭଞ୍ଜନ ପରିଡ଼ା, ହୈମବତୀନନ୍ଦନ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଗତଃ ଭୂୟାଁଙ୍କ ଜ୍ୟେଷ୍ଠପୁତ୍ର ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଓଡିଶା ସାହିତ୍ୟ ଏକାଡେମୀ, ରୂପାନ୍ତର ଓ ମୟୂରଭଞ୍ଜ ସାହିତ୍ୟ ପରିଷଦ ମିଳିତ ସହଯୋଗରେ ଏକ ଦିବସୀୟ ଆଲୋଚନାଚକ୍ର

ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ସହୀଦ ସ୍ମୃତି ଭବନ ଠାରେ ଓଡିଶା ଭାଷା ସାହିତ୍ୟକୁ ମୟୂରଭଞ୍ଜର ଅବଦାନ ସମ୍ପର୍କିତ ଏକ ଦିବସୀୟ ଆଲୋଚନା ଚକ୍ର ସଭାପତି ପଦ୍ମନାଭ ସାହୁଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥିମାନଙ୍କୁ ମଞ୍ଚକୁ ଆବାହନ ଓ ସ୍ୱାଗତ ଅଭିଭାଷଣ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ଼ଃ ଶଶିଧର ବିଶ୍ୱାଳ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଲୋଚନା ଚକ୍ରର ପ୍ରାରମ୍ଭରେ ଅତିଥିମାନେ ଜଗତର ନାଥ ଜଗନ୍ନାଥଙ୍କ ଫୋଟୋ ଚିତ୍ରର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ଼ଃ ଶିରୀଶ ଚନ୍ଦ୍ର ଜେନା ବିଶିଷ୍ଟ ସାହିତ୍ୟକ ଭଞ୍ଜମାଟିର ଭଞ୍ଜଗାଥାର ଅତୀତ ଓ ବର୍ତ୍ତମାନ ସମ୍ପର୍କୀୟ ଆଲୋଚନା ଓଡ଼ିଆ ଭାଷା ସାହିତ୍ୟ ଏକାଡେମୀର ସହ ସମ୍ପାଦକ ସଞ୍ଜୟ କୁମାର ଛୁଆଳ ସିଂ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସହିତ ମୟୂରଭଞ୍ଜର ପୂର୍ଣ୍ଣଚନ୍ଦ୍ର ଭାଷା କୋଷ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ସାହିତ୍ୟକୁ ଲେଖିବା ବୁଝିବା ଏତେ ସହଜ ନୁହେଁ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଶ୍ରୀନିବାସ ଭଞ୍ଜ ଯୋଗଦେଇ ମୟୂରଭଞ୍ଜ ମାଟିର କବି, ଲେଖକ, ସାହିତ୍ୟିକ ମାନଙ୍କୁ ଉଚିତ୍ ମର୍ଯ୍ୟାଦା ମିଳିବା ସହିତ ନାଟକକୁ ପ୍ରଶଂସା କରିଥିଲେ। ସଭାର ମୁଖ୍ୟଭାବେ ପ୍ରାକ୍ତନ ଅଧକ୍ଷା ଡ଼ଃ ପୁଷ୍ପା ପାତ୍ର ନାଟକ ଓ ସାହିତ୍ୟର ଧାରାକୁ ଉଚ୍ଚ ପ୍ରଶଂସା କରିବା ସହିତ ଭଞ୍ଜ ମାଟିର ଉଚ୍ଚ ପ୍ରଶଂସା କରିଥିଲେ। ମଞ୍ଚରେ କବି ଓ ସାହିତ୍ୟିକ ମାନଙ୍କୁ ଉଚ୍ଚ କୋଟିର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅଧାପକ ସନ୍ଦୀପ କୁମାର ଚାନ୍ଦଙ୍କର ଅଧକ୍ଷତାରେ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କବି ଗୋପାଳ ଚନ୍ଦ୍ର ସାଓ ଓ କବିୟତ୍ରୀ ବୀଣାପାଣି ପଣ୍ଡା କବିତା ସଂଯୋଜନା କରିଥିଲେ। କଳାକାର ଓ ବିଭିନ୍ନ ସଂଗଠନର ମୁଖ୍ୟଙ୍କୁ ନାଟ୍ୟ ରୂପାନ୍ତରର ମୁଖ୍ୟ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ ତଥା ନାଟ୍ୟର ସହ ସମ୍ପାଦକ ସତ୍ୟନାରାୟଣ ଦାସ ଓ ନାଟ୍ୟରୂପାନ୍ତରର ସମସ୍ତ ସଦସ୍ୟ ସଦସ୍ୟାଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଣ୍ଡିଆନ୍ ପୋଟାସ୍ ଲିଃ.ରେ ଆଖୁପେଡ଼ା
# ଚଳିତ ବର୍ଷ ୨ଲକ୍ଷ ୩୦ ହଜାର ମେଟ୍ରିକ୍ ଟନ୍ ପେଡିବା ଲକ୍ଷ୍ୟ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହର ଉପକଣ୍ଠସ୍ଥ କୋରିଆଁ ବାଇପାସ୍ ନିକଟରେ ଥିବା ଇଣ୍ଡିଆନ୍ ପୋଟାସ୍ ଲିଃ ପରିସରରେ ୨୦୨୫-୨୬ ବର୍ଷ ପାଇଁ ଆଖୁପେଡା କାର୍ଯ୍ୟକ୍ରମ ବୁଧବାର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ) ଯୋଗଦାନ କରି କାରଖାନା ପରିସରସ୍ଥିତ ଧନଦାତ୍ରୀ ମା' ମହାଲକ୍ଷ୍ମୀଙ୍କ ଠାରେ ପାରମ୍ପରିକ ପୂଜାର୍ଚ୍ଚନା ଏବଂ ଯଜ୍ଞ କାର୍ଯ୍ୟ ପରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ଆଖୁପେଡା ମେସିନ୍‌ରେ ଆଖୁ ପକାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ କାରଖାନାର ସାଧାରଣ ପରିଚାଳକ ୟୁନିଟି ହେଡ୍ ବିକାଶ କୁମାର ଚୌଧାରୀ ନିଜର ବକ୍ତବ୍ୟ ରଖି କହିଲେ ଯେ, ଚଳିତ ବର୍ଷ ୮୮୦୦ ଏକର ଜମିରେ ଆଖୁଚାଷ ହୋଇଥିଲାବେଳେ ୨ଲକ୍ଷ ୩୦ହଜାର ମେଟ୍ରିକ୍ ଟନ୍ ଆଖୁ ପେଡାଯିବାର ଲକ୍ଷ୍ୟ ରଖାଯାଇଛି।

ସମସ୍ତ ଆଖୁଚାଷୀ ଭାଇମାନଙ୍କୁ କିପରି ଅଧିକରୁ ଅଧିକ ଆଖୁଚାଷ କରି ଚିନି ଉପାଦନରେ ଓଡିଶା କିପରି ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଖୁଚାଷୀ, ଟ୍ରକ୍ ମାଲିକ ସଂଘର କର୍ମକର୍ତା, ଗଣମାଧ୍ୟମ ପ୍ରତିନିଧି ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ କାରଖାନାର ଏ.ଜି.ଏମ୍. (ପ୍ରୋସେସ୍) ଭବାନୀ ପ୍ରସାଦ ରଥ, କେନ୍ ବିଭାଗର ମୁଖ୍ୟ ରାଜକୁମାର ଚୌଧାରୀ, ଅର୍ଥ ବିଭାଗର ମୁଖ୍ୟ ସମୀର କୁମାର ସାମଲ, ଇଂଜିନିୟରିଙ୍ଗ୍ ହେଡ୍ ଲଳିତ କୁମାର ଦାସ, ଡେପୁଟି ମ୍ୟାନେଜର (ଆଡ୍‌ମିନ୍) ଜଗମୋହନ ସାହୁ, ୟୁନିଟି ମୁଖ୍ୟଙ୍କ ପିଏ କ୍ଷୀରୋଦ କୁମାର ବେଉରା, କଂପାନୀର ଶ୍ରମିକ ସଂଘର ସଭାପତି ବସନ୍ତ କୁମାର ବେହେରା ଏବଂ ସମସ୍ତ ବିଭାଗର ମୁଖ୍ୟ ଏବଂ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହିନ୍ଦୋଳ ପଞ୍ଚାୟତ ସମିତି ବୈଠକ ନୋହିଲା
# ଗୋଷ୍ଠୀ ବିବାଦ, ୩୫ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ସପ୍ତମ ପଞ୍ଚାୟତ ସମିତି ବୈଠକ ଆଜି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆହୁତ ହୋଇ ଥିଲା। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡ଼ିଓ ଭଗତ ସାମଲ କଲ୍ୟାଣ ରାଓ (ଆଇ ଏ ଏସ୍, ପ୍ରବେଶନ) ନିର୍ଦ୍ଧାରିତ ସମୟରେ ପହଞ୍ଚି ଥିଲେ। ବ୍ଲକ ଅଧ୍ୟକ୍ଷା ସସ୍ମିତା ରାଣୀ ନାୟକ ଓ ତାଙ୍କୁ ସମର୍ଥନ କରୁଥିବା ସରପଞ୍ଚ ଓ ସମିତି ସଭ୍ୟାମାନେ ଉପସ୍ଥିତ ହୋଇଥିଲେ।

ତେବେ ବୈଠକକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ଉପାଧ୍ୟକ୍ଷ ଓ ତାଙ୍କ ସମର୍ଥକ ଗୋଷ୍ଠୀ ଆଜି ଆଦୌ ବୈଠକକୁ ଆସି ନଥିଲେ। ଏଥିରୁ ଗୋଷ୍ଠୀ ବିବାଦ ପଦାରେ ପଡ଼ି ଥିବାର ଦେଖା ଯାଇଥିଲା। କୋରମ୍ ଅଭାବରୁ ବିଡ଼ିଓ ଆଜିର ବୈଠକକୁ ବାତିଲ ଘୋଷଣା କରିଥିଲେ। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଧ୍ୟକ୍ଷା ଓ ବିଡ଼ିଓ କାର୍ଯ୍ୟରତ ସୌରଭ କଲ୍ୟାଣ ଦାସଙ୍କ ମଧ୍ୟରେ ବିବାଦ, ମତାନ୍ତର ଓ ମନାନ୍ତର ଯୋଗୁଁ ଗୋଷ୍ଠୀ ଗତ ବିବାଦ ସୃଷ୍ଟି ହୋଇ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ଏବଂ ଆବଶ୍ୟକ ସମର୍ଥନ ଅଭାବରୁ ୧୧ ଜଣ ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପ ଜିଲ୍ଲାପାଳଙ୍କୁ ଲିଖିତ ଫେରାଦ ଦେବା ଶେଷରେ ଅନାସ୍ଥା ଭୋଟ ଭଣ୍ଡୁର ହୋଇ ଯିବାଭଳି ଘଟଣା, ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ବିରୋଧରେ ଗଣ୍ଡାନାଳି ପଞ୍ଚାୟତ ସରପଞ୍ଚଙ୍କ ଦାଦାଗିରି କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଭଳି ଥାନାରେ ରୁଜୁ ହୋଇଥିଲା।

ଏସମସ୍ତ ଘଟଣାକୁ ତର୍ଜମା କଲେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ ବ୍ଲକ ପ୍ରଶାସନରେ ଏକ ପ୍ରକାର ଝଡ ସୃଷ୍ଟି ହୋଇ ଥିବା ସାଧାରଣରେ ଚର୍ଚ୍ଚିତ ବିଷୟ ପାଲଟିଛି। ଗାଦି ହାସଲ ପାଇଁ ଉଭୟେ ନିଜ ନିଜ ସମର୍ଥକଙ୍କୁ ନେଇ ଏକ ପ୍ରକାର କ୍ରସରତ କରି ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବ୍ଲକ ବିବାଦ ଯୋଗୁଁ ୩୫ ଗୋଟି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉ ଥିବା ବେଳେ ସାଧାରଣ ନାଗରିକଙ୍କର ଏଥିରେ କ୍ଷତି ସାଧନ ହେଉଛି।

ଆଜିର ବୈଠକକୁ କୌଣସି ଗଣମାଧ୍ୟମ କିମ୍ବା ସଂଘକୁ ସରକାରୀ ସ୍ତରରେ ଚିଠି ଆକାରର ଜଣା ଯାଇନଥିଲେ ମଧ୍ୟ କେତେକ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧି ମାନେ ସଭା ଗୃହ ବାହାରେ ବିଡ଼ିଓ, ଅଧ୍ୟକ୍ଷା, ଅଧ୍ୟକ୍ଷାଙ୍କ ଗୋଷ୍ଠୀର କେତେକ ସରପଞ୍ଚ ଓ ସମିତି ସଭ୍ୟ, ଅଭିଯୋଗକାରୀ ଗଣ୍ଡାନାଳି ସରପଞ୍ଚ ଓ ଉପାଧ୍ୟକ୍ଷ ଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସର୍ବ ପ୍ରଥମେ ବିଡ଼ିଓ ବୈଠକରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ଉପସ୍ଥିତି କମ୍ ଥିବାରୁ ବୈଠକ ବାତିଲ ହେବା ନେଇ ଘୋଷଣା କରିଥିଲେ। ଅଧ୍ୟକ୍ଷା ଶ୍ରୀମତି ନାୟକ ଏହା ବିରୋଧୀ ଗୋଷ୍ଠୀଙ୍କ ହିନ ଚକ୍ରାନ୍ତ କହିବା ସହ ଏହା ଦ୍ୱାରା ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ପ୍ରକାଶ କରିଥିଲେ। ସମର୍ଥକ ଓ ବିପକ୍ଷ ଗୋଷ୍ଠୀର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟାମାନେ ନିଜ ଗୋଷ୍ଠୀଙ୍କୁ ସୁହାଇଲା ଭଳି ଉତ୍ତର ରଖିଥିଲେ।

## ଚୋରି ଅଭିଯୋଗରେ ଜଣେ ଗିରଫ

ବଇଣ୍ଡା ,(ସବ୍ୟୁ): ହଣ୍ଡପା ଥାନା ଅନ୍ତର୍ଗତ ନୁନୁକାପସି ଗ୍ରାମର ପାର୍ବତୀ ମୁଣ୍ଡାଙ୍କ ଘରୁ ଗତ ୧୭ ତାରିଖ ଦିନ ଚୋରି ହୋଇଥିଲା । ପାର୍ବତୀ ମଙ୍ଗଳବାର ବଇଣ୍ଡା ଫାଣ୍ଡି ରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଗାଁ ବଇଣ୍ଡା ଗ୍ରାମର ଚନ୍ଦନ ସାହୁ (୨୭) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ତପନ ରାୟ ସୂଚନା ଦେଇଛନ୍ତି । ତାଙ୍କ ଠାରୁ ୧୦୦୦ ଟଙ୍କା ମିଳିଥିବା ସୂଚନା ମିଳିଛି ।

## ସାଂସ୍କୃତିକ ମଣ୍ଡପର ଭୂମି ପୂଜନ କଲେ ବିଧାୟକ

କଣିହାଁ, (ସବ୍ୟୁ): ପିଏମଶ୍ରୀ ସରକାରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣିହାଁ ର ନୂତନ ସାଂସ୍କୃତିକ ମଣ୍ଡପର ଭୂମି ପୂଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଭୂମି ପୂଜନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ରଞ୍ଜନ ସାହୁ, ବିଜେଡି ସଭାପତି ସୁନିଲ ପ୍ରଧାନ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧି ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ପାଳନ କମିଟିର ସଭାପତି ସୁକାନ୍ତ ପ୍ରଧାନ, ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ନ୍ୟାୟାଳୟ ପରିସରରେ ସମ୍ବିଧାନ ଦିବସ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ନ୍ୟାୟାଳୟ ପରିସରରେ ତାଲୁକ ଆଇନ ସେବା କମିଟି ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭା ରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜନ କୁମାର ସୁତାର, ସବଜଜ ଲିଙ୍କିପ୍ରିୟା ସାହୁ, ଏସ ଡ଼ି ଜେ ଏମ ସିଙ୍କୁନ ରଏ, କ୍ରିମିନାଲ ବାର ଆସୋସିଏସନ ସଭାପତି ଅଞ୍ଜନ କୁମାର ପ୍ରଧାନ, ସରକାରୀ ଓକିଲ ତଥା ବରିଷ୍ଠ ଆଇନଜୀବି ଅସିତ ରଞ୍ଜନ ଦେଓ ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବ୍ୟାଖ୍ୟା କରିବା ସହିତ ସମ୍ବିଧାନ ଦେଇଥିବା ନାଗରିକଙ୍କ ଅଧିକାର ଉପରେ ବୁଝାଇ ଥିଲେ। କୋର୍ଟ କର୍ମଚାରୀ ଅମିତ କୁମାର ନାୟକ, ସିଦ୍ଧାର୍ଥ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକୁ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଦିବସ ରେ ଆଇନଜୀବି ମାନେ ଯୋଗ ଦେଇଥିଲେ ।

## ଚେନାଇରେ ପ୍ରବାସୀ ଓଡ଼ିଆଙ୍କ ବାର୍ଷିକ ଉତ୍ସବ

ପାଲଲହଡା ,(ସବ୍ୟୁ) : ରବିବାର ଦିନ ଚେନାଇର ମିନମବାକି ସ୍ଥିତ ଏଏମ ଜୈନ କଲେଜର ଜ୍ଞାନ ଭନ ପ୍ରେଖ୍ୟାଳୟ ଠାରେ ଚେନାଇ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ଆମ ଚାଟଶାଳୀ ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗ ଦେଇଥିବାବେଳେ ସ୍ୱଓ୍ବତନ୍ତ୍ର ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଏବଂ ଯାଜପୁର ସାଂସଦ ରବିନାରାୟଣ, ବେହେରା,ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଶିଳ୍ପପତି ଡିମ୍ପଲ ଚୌଧୁରୀ, ମୁଖ୍ୟବକ୍ତା ରୂପେ ପ୍ୟାରୀ ଏଣ୍ଟର ପ୍ରାଇଜେସର ସିଇଓ ରଶ୍ମିରଂଜନ ମହାପାତ୍ର ଯୋଗଦେଇ ଓଡିଶା ବାହାରେ ମଧ୍ୟ ଓଡ଼ିଆ ମାନେ ଏକତ୍ରିତ ହୋଇ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ଓଡ଼ିଆ ଭାଇଚାରା ର ବଳିଷ୍ଠ ଉଦାହରଣ ବୋଲି ମତ ଦେଇଥିଲେ ।କାର୍ଯ୍ୟକ୍ରମ ରେ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ପରିଷଦ, ଚେନାଇ ର ସମ୍ପାଦକ ପାର୍ଥ ସାରଥୀ ଦାଶ, ସରୋଜ କୁମାର ସେନାପତିଙ୍କ ସମେତ ବହୁ ପଦାଧିକାରୀ ଏବଂ କର୍ମକର୍ତା ଉପସ୍ଥିତ ଥିଲେ ।

## କଳମଛୁଇଁ ଶିଶୁ ମନ୍ଦିରରେ ସମ୍ବିଧାନ ଦିବସ

ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ପ*ାନନବେହେରା ଓ ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟ ମଳୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସମ୍ବିଧାନର ପ୍ରଣେତା ଡ.ଭୀମରାଓଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଆଚାର୍ଯ୍ୟ ଅନୀଲ କୁମାର ସାହୁ ସମ୍ବିଧାନଦିବସ ପାଳନର ତାପର୍ଯ୍ୟତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଦେଶରଏକତା ଓ ଅଖଣ୍ଡତାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି ସମ୍ବିଧାନ। ତେଣୁ ସମ୍ବିଧାନ ଆମ ଦେଶତଥା ଜାତି ପାଇଁ ଗୌରବର ର୍ବା ବହନ କରିଥାଏ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁଆଚାର୍ଯ୍ୟ ପ୍ରିୟଙ୍କା ବେହେରା ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପ*ାନନ ବେହେରାଧନ୍ୟବାଦ ଅର୍ପଣ କରିଥିଲେ।

## ତକ୍ଷଶିଳା ଗୁରୁକୁଳ ଶିକ୍ଷାନୁଷ୍ଠାନ ବାର୍ଷିକ କ୍ରୀଡ଼ା ଉତ୍ସବ




ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡା ଥାନା ଅନ୍ତର୍ଗତ ଜରପଡା ତକ୍ଷଶିଳା ଗୁରୁକୁଳ ଶିକ୍ଷାନୁଷ୍ଠାନ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ -୨୦୨୫ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ବରୁଣ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ପ୍ରଧାନ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ।

ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଅପରାହ୍ନରେ ଉଦଯାପନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଉଭୟ ଜରପଡା ଏବଂ କୋରଡ଼ା ତକ୍ଷଶିଳା ଗୁରୁକୁଳ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଖଲାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମୁଖ୍ୟ ଅରୁଣ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଲମ୍ବୋଦର ସାହୁ , ସାମ୍ବାଦିକ ଭୋଲେଶ୍ୱର୍ ଗୋଛାୟତ ,ଲିଙ୍ଗରାଜ ପ୍ରଧାନ, ସି ଆର ସି ସି ଦୀପକ କୁମାର ସାହୁ, କ୍ରୀଡା ଶିକ୍ଷକ ରାକେଶ ପ୍ରଧାନ, ଶିବମ ସାହୁ , ଅଶୋକ କୁମାର ମୁଦୁଲି , ରିବିଶ୍ମିତା ସାହୁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଭାଗରେ କୃତିବ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରି ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ସୁବ୍ରତ ଦେହୁରୀ , ବୁନାଲ ନାଏକ, ଶିକ୍ଷୟିତ୍ରୀ ମନସ୍ଵିନୀ ବେହେରା , ରୋଜାଲିନ ସାହୁ,ଦିପାଞ୍ଜଳୀ ସାହୁ, ସୁପ୍ରିୟା ପୃଷ୍ଟି, ମୀନାକ୍ଷୀ ସାହୁ, ଲଜିତା ପ୍ରଧାନ, ଲିଲାରାନି ସାହୁ , ଜାଜ୍ଞସେନି ବେହେରା, ଦିପ୍ତିମୟୀ ସାହୁ ପ୍ରମୁଖ ଯୋଗ କ୍ରୀଡା ପରିଚାଳନା କରିବା ସହ ସକ୍ରିୟ ସହଯୋଗ କରିଥିଲେ।

## ଜଳିଗଲା ଘର

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ ହେଇଯାଇଛି । ଉକ୍ତ ଗ୍ରାମର ଦଳିତ ସାହିର ଅଶାନ୍ତି ନାଏକ ପୋଖରୀ ଆଡେ ଯାଉଥିବା ବେଳେ ଘରେ ଅଗ୍ନିକାଣ୍ଡ ଘଟିଥିବା ନେଇ ଖବର ପାଇଥିଲେ। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ।

ଖବରପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳେକୁ ଘରର ସମସ୍ତ ଆସବାବପତ୍ର, କାଗଜପତ୍ର ସବୁ ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । କିଛି ବର୍ଷ ହେବ ଅଶାନ୍ତି ଙ୍କ ସ୍ୱାମୀଙ୍କ ବିୟୋଗ ପରେ ଦୁଃଖକଷ୍ଟରେ ଚାଳ ଘରେ ଜୀବନ ଅତିବାହିତ କରୁଥିଲେ । ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି । ଅଗ୍ନିକାଣ୍ଡ କାରଣ ଅସ୍ପଷ୍ଟ ରହିଛି ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ
# ମିନି ଷ୍ଟାଡିୟମରୁ ଆରମ୍ଭ ହେଲା ଏକତା ପଦଯାତ୍ରା

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ମହକୁମାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମିନି ଷ୍ଟାଡିଆମ୍‌ରୁ ଆରମ୍ଭ ହୋଇ ପୁରୁଣା ବସ ଷ୍ଟାଣ୍ଡ ଛକ ଓ ବଳରାମ ମନ୍ଦିର ଛକ ଦେଇ ଯାତ୍ରା ପଲ୍ଲିଶ୍ରୀ ମେଳା ପଡିଆରେ ସମାପ୍ତ ହେଇଛି । ସହସ୍ରାଧିକ ଲୋକଙ୍କ ସହଭାଗିତାରେ ଏହି ପଦଯାତ୍ରା ସମଗ୍ର ସହରକୁ ଜାତୀୟ ଏକତାର ସନ୍ଦେଶରେ ମୁଖରିତ କରିଛି । ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ-ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଅବିସ୍ମରଣୀୟ ଦେଶସେବାକୁ ସ୍ମରଣ କରି କହିଛନ୍ତି, ସର୍ଦ୍ଦାର ପଟେଲ ନିଜର ଦୃଢ଼ ସଂକଳ୍ପ ଓ ନେତୃତ୍ୱ ବଳରେ ୫୬୨ଟି ଦେଶୀୟ ରାଜ୍ୟକୁ ଏକ ସୂତ୍ରରେ ବାନ୍ଧି ଆଧୁନିକ ଭାରତର ଭିତ୍ତି ଗଢ଼ିଥିଲେ । ଏକତା ହେଉଛି ଆମ ଦେଶର ଶକ୍ତି, ଏହାକୁ ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷିତ ରଖିବା ଦାୟିତ୍ୱ । ସେ ଯୁବପିଢ଼ୀଙ୍କୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଓ କର୍ମନିଷ୍ଠାରୁ ପ୍ରେରଣା ନେବାକୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସଦ ରୁଦ୍ର ନାରାୟଣ ପାଣି କହିଥିଲେ, ସର୍ଦ୍ଦାର ପଟେଲ ଥିଲେ ଭାରତର ଏକତାର ସ୍ଥପତି । ତାଙ୍କର ଦୃଷ୍ଟିକୋଣ, ସାହସ ଓ ନିଷ୍ଠା ଆଜିର ପିଢ଼ୀ ପାଇଁ ଏକ ପଥପ୍ରଦର୍ଶକ । ଆମ ଦେଶ ଆତ୍ମନିର୍ଭର ହେଉଏହି ହେଉଛି ସର୍ଦ୍ଦାରଙ୍କ ଆଦର୍ଶର ସଠିକ ପାଳନ । ପଦଯାତ୍ରାରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ବନ ଖଣ୍ଡ ଅଧିକାରୀ ସୁମିତ କର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ବିଜେପି ଜିଲ୍ଲା ସଭାପତି ରାହାସ ବିହାରୀ ବେହେରା, ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଏହାସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଓ ଗଣମାଧ୍ୟମ ପ୍ରତିନିଧିମାନେ ବିପୁଳ ସଂଖ୍ୟାରେ ଏହି ପଦଯାତ୍ରାରେ ଯୋଗଦେଇଥିଲେ । ପଦଯାତ୍ରା ପ୍ରସଙ୍ଗରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସମସ୍ତଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ଆତ୍ମନିର୍ଭର ଭାରତ ଗଠନ ଓ ଜାତୀୟ ଏକତା ସୁଦୃଢ଼ କରିବା ପାଇଁ ଶପଥ ପାଠ କରାଯାଇଥିଲାଏବଂ ପଦଯାତ୍ରା ପ୍ରାରମ୍ଭରେ ସାମୁହିକ ଭାବେ "ବନ୍ଦେ ମାତରମ " ସଂଗୀତ ଗାନ କରାଯିବା ସହ ଭାରତ ରନି କୁଞ୍ଜରେ ମାଲ୍ୟର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମର ସଂଚାଳନ ସତ୍ୟ ନାରାୟଣ କର କରିଥିଲେ ।

## ଅପହୃତା ଛାତ୍ରୀ ଉଦ୍ଧାର , ଯୁବକ ଗିରଫ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ବେଳେ ବୁଧବାର ଦିନ ଠାକୁର ଗଡ଼ ପୋଲିସ ଉକ୍ତ ଛାତ୍ରୀଙ୍କୁ ସାଲେପୁର ଅଞ୍ଚଳରୁ ଉଦ୍ଧାର କରିଛି । ଏହି ଅପହରଣ ରେ ସମ୍ପୃକ୍ତ ଥିବା ଠାକୁରଗଡ଼ ଥାନା ଝିଲ୍ଲୀମୁଣ୍ଡା ଗ୍ରାମର ଦଣ୍ଡଧର ବେହେରାଙ୍କୁ ଗିରଫ କରାଯାଇଛି । ଏ ନେଇ ନମ୍ବର ୩୦୬/ ୨୫ ରେ ଏକ ମାମଲା ରୁଜୁ କରା ଯାଇଛି । ପୋଲିସ କହିଛି ଯେ ଉକ୍ତ ଛାତ୍ରୀ ପାଠ ପଢି ଘରକୁ ଆସୁଥିବା ବେଳେ ଦଣ୍ଡଧର ତାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ଉକ୍ତ ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ଠାକୁରଗଡ଼ ପୋଲିସ ସୁରାକ ପାଇ ସାଲେପୁର ଅଞ୍ଚଳରେ ଚଢ଼ାଉ କରି ଉଭୟ ଯୁବକ ଓ ଛାତ୍ରୀଙ୍କୁ ଉଦ୍ଧାର କରିବା ପରେ ଯୁବକ ଙ୍କୁ ଗିରଫ କରାଯାଇଛି । ଉଭୟ ଙ୍କୁ ଆଠମଲ୍ଲିକ ମେଡିକାଲରେ ଡାକ୍ତରୀ ମାଇନା ପାଇଁ ପଠାଇ ଦିଆଯାଇଛି ।

## ଆଠମଲ୍ଲିକ ମହାବିଦ୍ୟାଳୟରେ ଏନସିସି ଡେ

ଆଠମଲ୍ଲିକ, (ସବ୍ୟୁ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି ଡେ) ପାଳିତ ହୋଇଯାଇଛି। ଏହି ଅବସରରେ ଲେଫଟନାଣ୍ଟ ସୁଭାଶିଷ ରଞ୍ଜନ ଦାସଙ୍କ ନେତୃତରେ ଏନ ସି ସି ର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନସିସିର ଶୋଭନ ନାୟକ, ରାଗିଣୀ ପ୍ରିୟଦର୍ଶିନୀ ବେହେରା, ଦେବାଶିଷ ପ୍ରଧାନ, ସୁବ୍ରତ ନାଏକ, ସୁବ୍ରତ ସାହୁ, ନନ୍ଦିନୀ ସେଠି, ଶାଶ୍ୱତ ଶୋଭନ ନାଏକ ଙ୍କ ସମେତ ଏନ ସି ସି ର ୨୫ ଜଣ କ୍ୟାଡେଟ ଉପସ୍ଥିତ ଥିଲେ। ଲେଫଟନାଣ୍ଟ ଶ୍ରୀ ଦାସ ଏନ ସି ସି ଡେ ଉପରେ ବକ୍ତବ୍ୟ ରଖିଥିଲେ।

# ତାଳଚେର ଫର୍ଟିଲାଇଜର : ପ୍ରଥମ କୋଇଲା ଗ୍ୟାସ୍ ଭିତ୍ତିକ ଆମୋନିଆ ଓ୍ୟୁରିଆ ସାର ପ୍ରକଳ୍ପ

ତାଳଚେର, (ସବ୍ୟୁ) : ତାଳଚେର ଫର୍ଟିଲାଇଜର ଟାଉନସିପ୍ ସ୍ଥିତ ଭଞ୍ଜ ମଣ୍ଡପ ଠାରେ ଟିଏଫଏଲ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଟିଏଫଏଲ୍ ର ଏମଡି ବିବେକ ଶ୍ରୀବାସ୍ତବ, ଡାଇରେକଟର ଅପରେସନ୍ ଶ୍ୟାମଲ ରାୟ ଯୋଗଦେଇ ଜଗନ୍ନାଥଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ସମ୍ମିଳନୀରେ କଂପାନୀର ମୁଖ୍ୟ ପ୍ରବନ୍ଧକ (ସମ୍ପର୍କ) ସୁମନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଦ୍ୟ ସମ୍ବିଧାନ ଦିବସ ହୋଇଥିବାରୁ ମୁଖ୍ୟ ପ୍ରବନ୍ଧକ (ମାନବ ସମ୍ବଳ) ପ୍ରଶାନ୍ତ ରାଉତ ସମସ୍ତ ଉପସ୍ଥିତ ଅତିଥିଙ୍କୁ ନେଇ ସମ୍ବିଧାନର ଶପଥ ପାଠ କରାଇଥିଲେ। ମୁଖ୍ୟ ପ୍ରବନ୍ଧକ ସିଭିଲ୍ ଅଖିଳ ଶତପଥି ପ୍ରକଳ୍ପ ବିଷୟରେ ସମସ୍ତ ସ୍ଥିତି, ଅବସ୍ଥିତି, ବର୍ତମାନ ସୁଦ୍ଧା ଅଗ୍ରଗତି ଓ ଆଗାମୀ ଭବିଷ୍ୟତର ଯୋଜନା ସମ୍ବନ୍ଧରେ ଭିଡିଓ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ। ଏମ୍.ଡି. ଶ୍ରୀ ଶ୍ରୀବାସ୍ତବ କହିଲେ ଯେ, ଟିଏଫଏଲ୍ ଏକ ଯୁଗ୍ମ ଭାଗିଦାରୀ କଂପାନୀ ଯୌଥ ଉଦ୍ୟୋଗ ଯଥା-ଗେଲ୍ ଇଣ୍ଡିଆ, କୋଲ୍ ଇଣ୍ଡିଆ, ଆରସିଏଫ୍ ଓ ଏଫସିଆଇଏଲ୍ ପ୍ଲାଣ୍ଟ୍ ଉପରେ ହିଁ ଗଢ଼ି ଉଠିଛି।




ଏହି ପ୍ରକଳ୍ପ ପୁରାତନ ଏଫସିଆଇଏଲ୍ ପ୍ଲାଂଟ୍ ଉପରେ ହିଁ ଗଢ଼ି ଉଠିଛି। ଏହା ହେଉଛି ଦେଶର ଏକ ମହତ୍ୱକାଂକ୍ଷୀ ତଥା ପ୍ରଥମ କୋଇଲା ଗ୍ୟାସ୍ ଭିତିକ ଆମୋନିଆ ଓ୍ୟୁରିଆ ସାର ପ୍ରକଳ୍ପ ତଥା ଓଡିଶାର ଏକମାତ୍ରୟୁରିଆ ସାର କାରଖାନା। ସମ୍ମିଳନୀର ଉଦ୍ଦେଶ୍ୟ, ପ୍ରକଳ୍ପର ସାଂପ୍ରତିକ ସ୍ଥିତି, କାର୍ଯ୍ୟର ଅଗ୍ରଗତି, କାର୍ଯ୍ୟର ପରିସମାପ୍ତି, ନୂତନ ସମୟସୀମା, ଆଗାମୀ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟରେ ଯେଉଁ ସବୁ ଆହ୍ୱାନ ଚାଲେଞ୍ଜ ଆସିଛି ସେ ଗୁଡିକୁ ଆମେ କିପରି ସାମନା କରିଛୁ ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସବୁ ପଦକ୍ଷେପ ନିଆଯାଇଛି ସେ ସଂପର୍କରେ ସୂଚନା ଦେଇଥିଲେ। ପ୍ରକଳ୍ପର ପ୍ରାୟ ୭୦% କାମ ସମାପ୍ତ ହୋଇଛି ଏବଂ ପ୍ରମୁଖ ନିର୍ମାଣ କ୍ଷେତ୍ରରେ ଗତିଶୀଳ ପ୍ରଗତି ଲକ୍ଷ୍ୟ କରାଯାଇଛି। ପ୍ରିଲିଂ ଟାୱାର ଚିମିନି ଏବଂ କୋଇଲା ଗ୍ୟାସିଫିକେସନ୍ ଫ୍ରେମ୍ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ସାରିଛି। କୋଇଲା ମିଲିଂ ଫ୍ରେମ୍ ଓ୍ୟୁରିଆ ପ୍ଲାଂଟ୍ ର ମୁଖ୍ୟ ଫ୍ରେମ୍ ର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଂଚିଛି। କୋଇଲା ଗ୍ୟାସିଫିକେସନ୍ ଏବଂ ଆମୋନିଆ, ୟୁରିଆୟୁନିଟ୍ ପାଇଁ ସମସ୍ତ ଆବଶ୍ୟକୀୟ ଉପକରଣ କାରଖାନା ପରିସର ଭିତରେ ପହଂଚିଛି। ୩ଟି ବଏଲର ରୁ ୨ ଟି ର ଯାନ୍ତ୍ରୀକ ନିର୍ମାଣ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଅଫ୍‌ସାଇଟ୍ ଓ୍ୟୁଟିଲିଟି ପ୍ୟାକେଜ୍ ଗୁଡିକ ଶୀଘ୍ର ଗତିରେ ଚାଲିଛି।

ରେଲ୍‌ୱେ ସାଇଡିଂ ଏବଂ ପାଣି ପାଇପ୍ ଲାଇନ୍ କାମ ଶେଷ ପର୍ଯ୍ୟାୟରେ ପହଂଚିଛି। ଏହି ସଫଳତା ଠିକାଦାରମାନଙ୍କ ସହଯୋଗ ପ୍ରଯୁକ୍ତି ଲାଇସେନସାଦାତା ଏବଂ ପ୍ରକଳ୍ପର ଅଂଶୀଦାର କଂପାନୀ ମାନଙ୍କର ଏକତ୍ର ସମନ୍ୱିତ ପ୍ରୟାସର ଫଳଶ୍ରୁତି ହୋଇପାରିଛି। ଚଳିତ ୨୦୨୫ ସେପେଟମ୍ବର ମାସ ୨୬ ତାରିଖରେ ତାଳଚେରରେ ଟ.୧୨,୨୫୦ କୋଟି ଟଙ୍କାର ଋଣ ଚୁକ୍ତିପତ୍ର ସହ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଅତିକ୍ରମ କରିଛି ବୋଲି କହିଥିଲେ ଏବଂ ପରବର୍ତିକାଳରେ ୧୮ ଅକ୍ଟୋବର ୨୦୨୫ ରେ ଟିଏଫଏଲ୍ ଓ ତାହାର ପ୍ରୋତ୍ସାହକଙ୍କ ସହ ମିଶି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏ ପ୍ରକଳ୍ପର ସଫଳତା ନିମିତ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ଉପଖଣ୍ଡ ପ୍ରଶାସନ, ସାଂସଦ, ବିଧାୟକ, ପଂଚାୟତ ପ୍ରତିନିଧି ସମୂହଙ୍କର ଅକୁଣ୍ଠ ସମର୍ଥନ ମିଳିବା ସହ ସମସ୍ତ ସାମ୍ବାଦିକଙ୍କର ସହଯୋଗ କାମନା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସିଇଓ ସୁନିଲ୍ ପେଭକରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ମାନବ ସମ୍ବଳ ବିଭାଗ ମୁଖ୍ୟ ଅନନ୍ତ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ



ଭୁବନ (ସବ୍ୟୁ) : ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଏନ୍ ଏସ ଏସ ତରଫରୁ ୭୬ ତମ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସଭାପତିତ୍ୱ କରି କହିଥିଲେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଦେଶକୁ ଶାସନ କରିବା ପାଇଁ ଏକ ସମ୍ବିଧାନର ଆବଶ୍ୟକତା ଥିଲା। ୧୯୪୯ ମସିହା ନଭେମ୍ବର ୨୬ ତାରିଖ ରେ ଭାରତର ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରି ତାହା ଦେଶବାସୀଙ୍କ ପାଇଁ ଅର୍ପଣ କରାଯାଇଥିଲା ।

ପୂର୍ବରୁ ଏହି ଦିବସକୁ ଜାତୀୟ ଆଇନ ଦିବସ ଭାବେ ପାଳନ କରାଯାଉଥିଲା। ୨୦୧୫ ମସିହା ଅକ୍ଟୋବର ୧୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୬ କୁ ଜାତୀୟ ସମ୍ବିଧାନ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ ବୋଲି ସୂଚନା ଦେଇଥିଲେ। ଅଧ୍ୟାପିକା ଡଃ ପ୍ରମିଳା ଦାସ ନାଗରିକର ଦାୟିତ୍ୱ ,କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅଧ୍ୟାପିକା ଡଃ ମମତା ପାତ୍ର କହିଥିଲେ ଜାନୁଆରୀ ୨୬ ଭଳି ନଭେମ୍ବର ୨୬ ତାରିଖ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ସମ୍ବିଧାନ ପରିଭାଷାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ୭୬ ବର୍ଷରେ ୧୦୬ ଥର ସମ୍ବିଧାନ ସଂଶୋଧନ କରାଯାଇଛି ବୋଲି କହିଥିଲେ, ଯାହାକି ଗ୍ରହଣୀୟ ନୁହେ। ଏଥିପ୍ରତି ସଚେତନ ନାଗରିକ ମାନେ ସଜାଗ ରହିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ ଓ ସମ୍ବିଧାନର ମୂଲ୍ୟବୋଧକୁ ଅଙ୍ଗୀକାର କରିବା ନ୍ୟାୟ, ସ୍ୱାଧୀନତା ଓ ବନ୍ଧୁତ୍ୱକୁ ଆଗକୁ ବଢ଼ାଇବା ପ୍ରସ୍ତାବିତ ଏକ ପ୍ରସ୍ତାବନା ସଂକଳ୍ପ ପାଠ କରାଇଥିଲେ। ଏନ୍ ଏସ ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଧାରଣାରେ ବସିଲେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ-ଶିକ୍ଷୟିତ୍ରୀ



ଢେଙ୍କିକୋଟ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ନିକଟବର୍ତ୍ତୀ ଚିଲିଦାର ଆଦର୍ଶ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ବୁଧବାର ଦିନ ବିଦ୍ୟାଳୟ ଗେଟ ସାମ୍ନାରେ ଧାରଣାରେ କଳାବ୍ୟାଜ ପିନ୍ଧି ବସିଛନ୍ତି । ତେବେ ଏ ସଂକ୍ରାନ୍ତରେ ଖବରନେବାରୁ ଜଣାଯାଏ ଓଡ଼ିଶାର ୩୧୪ ଟି ଆଦର୍ଶ ବିଦ୍ୟାଳୟର ସବୁ ଠାରେ ଏ ଧାରଣା ଚାଲିଛି । ଯେମାନେ ୧୩ଟି ଦଫା ପାଇଁ ଦାବି କରିଛନ୍ତି । ଗତ ୨୪ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଏ ଧାରଣା ଚାଲିବ ଧାରଣା ଦେବାର କାରଣ ହେଉଛି ଶିକ୍ଷକ ମାନେ ଓ ଛାତ୍ରଛାତ୍ରୀମାନେ ତାଙ୍କର ଅଧିକାର ପ୍ରାପ୍ତ ଠିକ ସେ କରି ପାରୁନାହାନ୍ତି । ଶିକ୍ଷକମାନଙ୍କୁ ପୂର୍ଣ୍ଣ ସରକାରୀ ଅନୁଦାନ ପ୍ରଦାନ ।ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଢେଇ ଓ ନିଟ ପାଇଁ ୧୫% ସଂରକ୍ଷଣ ଦିଆଯାଉ । ଛାତ୍ର ଛାତ୍ରୀ ମାନଙ୍କୁ ଏନ୍,ଏମ୍,ଏମ୍,ଏସ ପରୀକ୍ଷା ରୁ ବଞ୍ଚିତ ହେଉଛନ୍ତି ।ଛାତ୍ର ଛାତ୍ରୀ ମାନଙ୍କୁ ୫% ସଂରକ୍ଷଣ କୋଟା ଲାଗୁ ସମେତ ବିଭିନ୍ନ ସମସ୍ୟା ଉପରେ ଧାରଣାରେ ବସିଛନ୍ତି । ଏ ସଂକ୍ରାନ୍ତରେ ଲିଖିତ ଆକାରରେ ଜିଲ୍ଲାର ସବୁ ବିଧାୟକ, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଯଦି ନିକଟରେ ସମସ୍ୟାର ସମାଧାନ ନ ହୁଏ ତେବେ ଧାରଣା ଆହୁରି ତୀବ୍ରହେବ ବୋଲି ପ୍ରକାଶ କରିଛନ୍ତି । ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷା ମୋନିକା ଦାସଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଧାରଣାରେ ବସିଛନ୍ତି ।

# ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି
# ପ୍ରଧାନଶିକ୍ଷକଙ୍କ ନାମରେ ଲିଖିତ ଏତଲା

ବାସୁଦେବପୁର,(ସବ୍ୟୁ): କୁନି କୁନି ଶିଶୁମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ରାତି ଅନ୍ଧାର ବିକ୍ରି କରୁଥିବା ବେଳେ ଗ୍ରାମବାସୀଙ୍କ ଠାରେ ଧରାପଡି ହରଡ ଘଣାରେ ପ୍ରଧାନ ଶିକ୍ଷକ । କୁନି କୁନି ଶିଶୁମାନଙ୍କ ପେଟରେ ଲାତମାରି ବିକ୍ରି କରିଛନ୍ତି ମଧ୍ୟାହ୍ନ ଭୋଜନ ଚାଉଳ । କଥାଟିକୁ ସ୍କୁଲର କଙ୍ଗାରୁ କୋର୍ଟ ବସାଇ ଦଫାରଫା କରିବାକୁ ଉଦ୍ୟମ କରୁଥିଲେ । ପ୍ରଧାନ ଶିକ୍ଷକଙ୍କ ଚାଉଳ ବିକ୍ରିକୁ ସ୍ୱୀକାର କରିଥିଲେ ବୋଲି କଙ୍ଗାରୁ କୋର୍ଟରେ ବସିଥିବା ଗ୍ରାମବାସୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ । ବୈଠକ ସମୟରେ ଗ୍ରାମବାସୀ ଓ ଅଭିଭାବକ ସ୍କୁଲ ଭିତରେ ପଶି ପରିସ୍ଥିତି କରିବାକୁ କଙ୍ଗାରୁ କୋର୍ଟ ଅଧାରୁ ଭାଙ୍ଗି ଯାଇଥିଲା । ଏମିତି ଘଟଣା ଘଟିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର କିଆଁଡ କୃଷ୍ଣପୁର ପଞ୍ଚାୟତର ସନାତନ ସରସତୀ ହାଇସ୍କୁଲ । ଏହି ବିଦ୍ୟାଳୟର ଅଷ୍ଟମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୭୦ ଜଣ ଅଧ୍ୟୟନ କରୁଛନ୍ତି । ଛାତ୍ରଛାତ୍ରୀମାନଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ୧୯ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ଆଠଟାରେ ଏକ ଟ୍ରଲି ଗୁଡ଼ୁକୁରେ ଚାଉଳ ବୋଝେଇ ହୋଇ ସ୍କୁଲ ଭିତରେ ବାହାରୁ ଥିବା ସମୟରେ ଗ୍ରାମବାସୀ ଅଟକାଇ ପାରିଥିଲେ । କଥା ଗୁଡିକ କହି ଦିନ ଗଡାଇ ଚାଲିଲେ । ବୁଧବାର ଦିନ ଗ୍ରାମବାସୀ ଓ ଅଭିଭାବକ ମିଳିତ ଭାବେ ପ୍ରଧାନ ଶିକ୍ଷକଙ୍କ ସହିତ କଙ୍ଗାରୁ କୋର୍ଟ ବସିଲା । ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ସମ୍ପର୍କରେ ଆଲୋଚନା ହେଲା ଗ୍ରାମବାସୀମାନେ ସ୍କୁଲ ଭିତରକୁ ପଶି ପ୍ରଧାନ ଶିକ୍ଷକଙ୍କ ସହିତ ଖୋଲା ଚ୍ୟାଲେଞ୍ଜ କରିଥିଲେ । ୧୯ ତାରିଖ ସିସିଟିଭି ଫୁଟେଜ ବାହାର କଲେ ବିଦ୍ୟାଳୟର କଳାକାରନାମା ପଦାକୁ ଆସିବ ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବେହେରା ଉତ୍ତରରେ ସହିତ ଖସିବାକୁ ଯାଇ ସିସିଟିଭି ହାର୍ଡିସ ଖରାପ ଅଛି ବୋଲି କହିଥିଲେ । ଉପସ୍ଥିତ ମହେଶ୍ୱର ମଲିକ କହିଥିଲେ ମୋ ପାଖରେ ଭିଡିଓ ରହିଛି । ସେ ଭିଡିଓରେ ସଭାପତି ଓ ଜଣେ ପିଅନ ଚାଉଳ ଗାଡି ବିଦାକରି ଫାଟକ ଚାବି ପକାଇ ବାହାରିଥିଲେ ବୋଲି କହିଥିଲେ । ଗ୍ରାମବାସୀଙ୍କ ଆଗରେ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟ ଉଭୟ ଦେଇ ପାରି ନଥିଲେ ଉତ୍ତେଜନା ଘରେଇ ହୋଇ ଯାଇ ଥିଲେ । କିଛି ସମୟ ପାଇଁ ସ୍କୁଲ ପରିସର ଉତ୍ତେଜନା ପୂର୍ଣ୍ଣ ହୋଇ ପଡ଼ିଲା । ଖବର ପାଇ ନାୟକନାଇଁହି ପୋଲିସ ବିଦ୍ୟାଳୟର ପହଞ୍ଚିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା । ପ୍ରଧାନ ଶିକ୍ଷକଙ୍କ ନାମରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିବା ସହିତ ବ୍ଲକ ଶିକ୍ଷାଧିକାରୀଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ।

## ସ୍ତ୍ରୀ ଆଣିଲେ ଅଭିଯୋଗ : ସାଙ୍ଗ ସହ ସମ୍ପର୍କ ରଖିବାକୁ ବାଧ କରୁଛନ୍ତି ସ୍ୱାମୀ

ଭଦ୍ରକ,(ସବ୍ୟୁ): ବାହାଘର ପୂର୍ବରୁ ଅନେକ କିଛି ଅଛି କହି ବାହା ହୋଇଥିଲେ । ଅନ୍ୟ ରାଜ୍ୟରେ ବ୍ୟବସାୟ ଅଛି, ବାହାଘର ପରେ ଘର ହେବ ଓ ଆର୍ଥିକ ସ୍ୱଚ୍ଛଳ ବୋଲି କହି ବାହାଘର ହୋଇଥିଲେ । କିନ୍ତୁ ପରେ ଅତ୍ୟାଚାର ସହ ସାଙ୍ଗସାଥୀଙ୍କୁ ଘରକୁ ଡକାଇ ସମ୍ପର୍କ ରଖିବା ପାଇଁ ସ୍ୱାମୀ ବାଧ କରୁଥିବା ଅଭିଯୋଗ ଆଣିଛନ୍ତି ସ୍ତ୍ରୀ । ସବୁ ସତ ଜାଣିବା ପରେ ନ୍ୟାୟ ଭିକ୍ଷା କରିଛି ସ୍ତ୍ରୀ । ଭଦ୍ରକ ଧୁଷୁରୀ ଥାନା ଅଧୀନ କୋଠାର ଅଞ୍ଚଳର ଜଣେ ଯୁବତୀ ଲୁଣିଆ ଅଞ୍ଚଳର ସନ୍ତୋଷ ସାହୁଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ । ପୁତ୍ର ସନ୍ତାନ ଜନ୍ମ ପରେ ସ୍ୱାମୀ ବହୁ ଲୋକଙ୍କ ଠାରୁ ଟଙ୍କା ଉଧାର ଆଣିଥିଲେ । ଅନେକ ଲୋକ ଉଧାର ଟଙ୍କା ମାଗିବାରୁ ସେ ସ୍ତ୍ରୀଙ୍କୁ ସେହିମାନଙ୍କ ସହ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ନେଇ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଏବେ ମଧ ସ୍ୱାମୀ ତାଙ୍କୁ ଧମକ ଦେଉଥିବା କହିଛନ୍ତି ଅଭିଯୋଗକାରିଣୀ । ଏ ନେଇ ପୋଲିସର କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ନହୋଇ ଭଦ୍ରକ ଏସପିଙ୍କୁ ଭେଟି ନ୍ୟାୟ ମାଗିଛନ୍ତି ଅଭିଯୋଗକାରିଣୀ ।

## ନିଶାରେ ଗାଡି ଚାଳନା : ୩ ବାଇକ ଜବତ

ଠାକୁରମୁଣ୍ଡା,(ସବ୍ୟୁ) : ମଦ ନିଶାରେ ଗାଡି ଚଳେଇବା ଅପରାଧରେ ୩ ବାଇକ ଜବତ ସହିତ ମାମଲା ରୁଜୁ କରିଛି ପୋଲିସ । ୫୩ ନଂ ରାଜଯ ରାଜପଥ ଯୋଡାମ୍ବ ଘାଟି ନିକଟରେ ୨୫ ତାରିଖ ଅପରାହ୍ନ ପ୍ରାୟ ୪ ଟା ସମୟରେ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଥିଲା । ପରିବହନ ଏବଂ ଠାକୁରମୁଣ୍ଡା ଥାନାର ମିଳିତ ଯାଞ୍ଚ ସମୟରେ ୩ ବାଇକ ଚାଳକ ଚୁଙ୍ଗା ଫୁଙ୍କି ପାରିନଥିଲେ । ସେମାନେ ମଦ ନିଶାରେ ଥିବା ଦେଖିବାକୁ ପାଇଥିଲେ ଯାଞ୍ଚ ଅଧିକାରୀ । ଠାକୁରମୁଣ୍ଡା ଥାନାରେ ମୋଟର ଯାନ ଧାରାରେ ମୋକଦ୍ଦମା ରୁଜୁ ହେବା ସହ ଗାଡି ଗୁଡିକ ଜବତ ହୋଇଛି ।ଜବତ ବାଇକ ଓଡି୦୯ ଡବ୍ଲୁ ଘ୪୧୩୭ , ଓଆର ଜେ ୧୧ର ୮୮୦୯,ଓଡି ୩୪ଏ୨୯୦୨ ,ବୋଲି ଜଣାଯାଇଛି। ପରିବହନ ବିଭାଗର ଜୁନିଅର ଏମ ଭି ଆଇ ଆଶୁତୋଷ ନାଏକ ଓ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏଏସଆଇ ଅମରେଶ ବାରିକ ସମେତ ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

## କେନ୍ଦୁଝର ଜିଲ୍ଲା ଖୋଖୋ ଦଳର ପୁରୀ ଯାତ୍ରା

କେନ୍ଦୁଝର,(ସବ୍ୟୁ): ଓଡିଶା ଖୋଖୋ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତାକାଲି ଠାରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ପୁରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ହେବାକୁ ଥିବା ରାଜ୍ୟ ବାଳିକା ଚମ୍ପିୟାନସିପ ପାଇଁ କେନ୍ଦୁଝର ଦଳ ବୁଧବାର ରାତିରେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଝୁମ୍ପୁରା ନାରଦପୁର କାଦମ୍ବିନୀ ମହାନ୍ତଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ବାଳିକା ଦଳର ନାମ ବୁଧବାର ସନ୍ଧ୍ୟାରେ ପ୍ରକାଶ ପାଇଥିଲା । ମନୋନୀତ ଖେଳାଳି ମାନେ ହେଲେ କାଦମ୍ବିନୀ ମହାନ୍ତ (ଅଧିନାୟକ) ପାୟଲ ରାଣୀ ନାଏକ (ଉପ ଅଧିନାୟକ ) ଯଝଙ୍କସିନୀ ନାଏକ, ଭାଗ୍ୟଶ୍ରୀ ନାୟକ, ନିକିତା ନାଏକ, ପ୍ରତିମା ନାଏକ, ପ୍ରିୟା ନାଏକ, ଲଭଲି ମହାନ୍ତ, ମାଳତୀ ନାଏକ, ଶ୍ରେୟା ନାଏକ, ଲକ୍ଷ୍ମୀପ୍ରିୟା ନାଏକ ଏବଂ ସାଗରୀକା ମୁଣ୍ଡା । ଦଳ ସହ ପ୍ରକାଶ କୁମାର ବେଜ ମୁଖ୍ୟ କୋଚ ଭାବେ ଯାତ୍ରା କରୁଥିବା ବେଳେ କୋଚ ଭାବେ କାଳିଦାସ ସୋରେନ ଏବଂ ମ୍ୟାନେଜର ଭାବେ ବରିଷ୍ଠ ଜାତୀୟ ଖୋଖୋ ଖେଳାଳି କ୍ଷଣପ୍ରଭା ନାୟକ ଯାତ୍ରା କରୁଥିବାର ଜଣାଯାଇଛି ।

## ରାହାଞ୍ଜୀ ସମବାୟ ସମିତି ପରିଦର୍ଶନ କଲେ ସମବାୟ ସଚିବ

ଭଦ୍ରକ,(ସବ୍ୟୁ): ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଜୀ ସମବାୟ ସମିତି ପରିଦର୍ଶନରେ ଆସି ଓଡିଶା ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ,ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଏଆରସି ଏସ ପ୍ରଚେତା ଜେନା,ଡିଆରସିଏସ ଦୁଃଖିଆ ଟୁଡୁ ଓ ଉପସହକାରୀ ନିବନ୍ଧକ ବସନ୍ତ କୁମାର ରଣା ସମବାୟ ସମିତିରେ ପହଂଚି ଆଗକୁ ମଣ୍ଡିରେ ଧାନକିଣା ପାଇଁ ପ୍ରସ୍ତୁତି,ଗୋଦାମ ଘର ପରିଦର୍ଶନ ସହ ସମବାୟ ସମିତିର ଉନ୍ନତି ପାଇଁ କେନ୍ଦ୍ର ଓ ରାଜଯ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ କରିବାକୁ ପରାମର୍ଶ ଦେଇଥିଲେ। ସମବାୟ ସମିତିର ବିଭିନ୍ନ ଦାବୀ ବିଷୟରେ ଅବଗତ ହୋଇଥିଲେ। ଯଥାଶୀଘ୍ର ପୂରଣ ପାଇଁ ପ୍ରତିଶୃତି ଦେଇଥିଲେ। ଆଗକୁ ସମବାୟ ସମିତିରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହେବାର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାହାଞ୍ଜୀ ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା,ସମ୍ପାଦକ ଅନିରୁଦ୍ଧ ଧୀନ୍ଦା,ବୋର୍ଡ ଡାଇରେକ୍ଟର ଅଶୋକ ଧିନ୍ଦା,ରଙ୍ଗଲତା ସାହୁ,ଚାଷୀ ଅଟଳ ବାରିକ,ରମେଶ ପୃଷ୍ଟି,କାଳନ୍ଦୀ ଜେନା ସମବାୟ ସମିତି କର୍ମଚାରୀ ସଞ୍ଜୟ ମହୁରୀ,ଦୀନବନ୍ଧୁ ବେହେରା ଓ ବିକାଶ ବଳ ଉପସ୍ଥିତ ଥିଲେ।

## ଆର୍ଡେଣ୍ଟ ଷ୍ଟିଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର ,(ଜିପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝରସ୍ଥିତ ଆର୍ଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲିଃ ପରିସରରେ ଭୁବନେଶ୍ୱର ସ୍ଥିତ ହାଇଟେକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସହଯୋଗରେ ବାର୍ଷିକ ମେଗା ସ୍ୱାସ୍ଥ୍ୟଶିବିର ବୁଧବାର ପୂର୍ବାହ୍ନ ୬ଟାରେ ଆରମ୍ଭ ହୋଇଛି । ଆର୍ଡେଣ୍ଟ ଷ୍ଟିଲର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସ ଏହାକୁ ଉଦ୍ଘାଟନ କରିଥିଲେ । ସ୍ୱାସ୍ଥ୍ୟ ଶିବିରରେ କାରଖାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିରେ ହାଇଟେକ ହସ୍ପିଟାଲର କର୍ଣ୍ଣ ,ନାସା ଓ ଗଳା ବିଶେଷଜ୍ଞ ଡାକ୍ତର ଶିବ କଲାଣ ସୁମନ ପ୍ରଧାନ, ହୃଦ ବିଶେଷଜ୍ଞ ଡାକ୍ତର ରିତେଶ ଆଚାରଯ , ଭେଷଜ ବିଶେଷଜ୍ଞ ଡାକ୍ତର ଅନୁରାଗ ଅନୁଭବ ନାୟକ,ଦନ୍ତ ବିଶେଷଜ୍ଞ ଡାକ୍ତର ସୌମଯା ଅଗ୍ରୱାଲ ଏବଂ ଚକ୍ଷୁ ଚିକିତ୍ସା ବିଶେଷଜ୍ଞ ଡାକ୍ତର ସୌମ୍ୟ ରଞ୍ଜନ ସାହୁ ସହ ନଅ ଜଣ ସହଯୋଗୀ କର୍ମଚାରୀ ଦ୍ୱାରା ସମୁଦାୟ ୨୦୦ ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ମାନବ ସମ୍ବଳ,ଶିଳ୍ପ ସମ୍ବନ୍ଧ ଓ ପ୍ରଶାସନ ମୁଖ୍ୟ ରଞ୍ଜନ କୁମାର ନାୟକ ଏହି ଶିବିରକୁ ପରିଚାଳନା କରିଥିଲେ । ମେଗା ସ୍ୱାସ୍ଥ୍ୟ ଶିବିରକୁ କାରଖାନା ମୁଖ୍ୟ ଏସ.କେ.ଲେଙ୍କା,କାରଖାନା ପରିଚାଳକ ଦି.ପାଣି, ଏନ.ଆର.ମହନ୍ତ ବି.ମହନ୍ତ ସହ ସମସ୍ତ ମାନବ ସଂବଳ କର୍ମଚାରୀ, ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ହସ୍ପିଟାଲର ଇନସୁରାନ୍ସ ସାଧାରଣ ପରିଚାଳକ୍ରୀ ଅଜିତ ଜେନା ସହ ବହୁ ପାରା ମେଡକାଲ ଷ୍ଟାଫ ଓ ଗୋ ଡିଜିଟ ଇନସୁରାନ୍ସ କମ୍ପାନି ତରଫରୁ ସୁନୀଲ ଦାସ ଏବଂ ଇନସୁରାନ୍ସ ଉପଦେଷ୍ଟା ଯେ ପଙ୍କଜ ନଳିନୀ ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରଗୁରୁବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁ ରହିବ । ବିଭିନ୍ନ ରୋଗରୁ ବର୍ତ୍ତିବା ପାଇଁ ଠିକ ସମୟରେ ଖାଦ୍ୟ ଖାଇବା, ଯଥେଷ୍ଟ ଜଳ ପିଇବା ଏବଂ ଦୈନିକ ଶାରୀରିକ ଯୋଗ କରିବା ସହିତ ମାଦକଦ୍ରବ୍ୟ,ଧୂମ୍ରପାନ ଠାରୁ ସମ୍ପୂର୍ଣ ଦୂରେଇ ରହିବା ଉଚିତ ବୋଲି ଶ୍ରୀ ନାୟକ ଅବଗତ କରାଇଥିଲେ ।

## ମହିଳାଙ୍କ ଅକାଳ ବିୟୋଗ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ବରାହନୂଆପଡା(କୂଳସାହି) ଗ୍ରାମର ବ୍ରଜକିଶୋର ରାଉତଙ୍କର ଧର୍ମପତ୍ନୀ ପ୍ରମିଳା(୫୯)ଙ୍କ ଗତ ସୋମବାର ରାତି୧୦ଟାରେ ଅକାଳ ବିୟୋଗ ହୋଇଯାଇଛି। ସୋମବାର ଦିନ ପ୍ରମିଳାଙ୍କ ଝିଆରୀ ବିଭାଘର ଥିଲା। ଘରୁ କନ୍ୟା ବିଦାୟ ନେବା ପରେ ପ୍ରମିଳା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ଯାଜପୁର ବଡମେଡିକାଲ ନେବା ବାଟରେ ପ୍ରାଣବାୟୁ ଉଡିଯାଇଥିଲା। ମରଶରୀରକୁ ବାରୁଣୀ ପଡିଆ ଶ୍ମଶାନରେ ମଙ୍ଗଳବାର ପ୍ରତ୍ୟୁଷରେ ଦାହ ସଂସ୍କାର କରାଯାଇଥିଲା। ପୁତ୍ର ଦିଲ୍ଲିପ ମୁଖାଗ୍ନି ଦେଇଥିଲେ। ଯୌଥ ପରିବାରର ବଡବୋହୂ ଭାବେ ଦୀର୍ଘ ଦିନ ଧରି ପରିବାର ପରିଚାଳନା କରି ଆସୁଥିଲେ।

## ଜଙ୍ଗଲଜମି ବିକ୍ରି ଅଭିଯୋଗ : ତଦନ୍ତ କଲେ ଅତିରିକ୍ତ ତହସିଲଦାର

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶଯାମସୁନ୍ଦରପୁର ପଞ୍ଚାୟତ ଅଧୀନ ଚକ୍ରଧରପୁର ମୌଜାରେ ମହିଁଷାମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତି ୬ଡିସିମିଲ ଜଙ୍ଗଲଜମି ବିକ୍ରି କରିଥିବା ନେଇ କଲିହା ଗ୍ରାମର ରତ୍ନାକର ବେହେରା ଅଭିଯୋଗ କରିବା ସହ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ବୁଧବାର ଖଇରା ତହସିଲର ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଓ ଖଇରା ଥାନା ଏସଆଇ ତପନ କୁମାର ଜେନା ଉକ୍ତ ଅଭିଯୋଗର ତଦନ୍ତ କରିଥିଲେ । ଚକ୍ରଧରପୁର ମୌଜାରେ ୧୦୬ ନମ୍ବର ଖାତାର ୨୮୭ନମ୍ବର ପ୍ଲଟର ଥିବା ୬ଡିସିମିଲର ଜଙ୍ଗଲଜମିକୁ ବୁଲି ଦେଖିଥିଲେ । ଏଥିସହ ଜଙ୍ଗଲ ଜମି ସଂଲଗ୍ନ ୨ ପ୍ରତିପକ୍ଷ ପ୍ରତାପ ଗିରି ଓ ରତ୍ନାକର ବେହେରାଙ୍କର ନାମରେ ଥିବା ଜମିକୁ ମଧ୍ୟ ଅନୁଧ୍ୟାନ କରିଥିଲେ । ଏ ସମ୍ପର୍କରେ ଖଇରା ଅତିରିକ୍ତ ତହସିଲଦାରଙ୍କ ପ୍ରତିକ୍ରିୟା ନେବାରେ ଜଙ୍ଗଲ ଜମି କୁ କେହି ଅବରୋଧ କରିନାହାଁନ୍ତି ବା ବିକ୍ରି କରି ନାହାଁନ୍ତି । କେବଳ ଏହା କିଛି ଲୋକଙ୍କ ଯାତାୟାତ ପାଇଁ ବଯବହାର କରାଯାଉଛି । ଜଙ୍ଗଲଜମି ପୂର୍ବରୁ ଓ ପରେ ପ୍ରତାପ ଗିରିଙ୍କ ଜମି ଓ ରାସ୍ତା ରହିଛି । ଅବଶଯ ଧାନକଟା ସରିବା ପରେ ଆଉ ଥରେ ଭଲ ଭାବେ ଅମିନକୁ ନେଇ ଜଙ୍ଗଲଜମିର ଚିହ୍ନଟ ପରେ ସବୁକିଛି ପରିଷ୍କାର ହୋଇଯିବ ବୋଲି କହିଛନ୍ତି ।

## ବାଲେଶ୍ୱର ଲୋକ ମହୋତ୍ସବ ଅଷ୍ଟମ ସନ୍ଧ୍ୟା

ବାଲେଶ୍ୱର,(ସବ୍ୟୁ):ଆଇଟିଆଇ ପଡ଼ିଆରେ ଆୟୋଜିତ ବାଲେଶ୍ୱର ଲୋକ ମହୋତ୍ସବର ବୁଧବାର ଥିଲା ଅଷ୍ଟମ ସନ୍ଧ୍ୟା ଏହି ଅବସରରେ ଉପସଭାପତି ସୌଭାଗ୍ୟ ମାନସ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗ ଦେଇଥିବାବେଳେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ୍, ଆରସିଏଫ ର ସ୍ୱାଧୀନ ନିର୍ଦ୍ଦେଶକ ସିପ୍ରା ବାଜପେୟୀ, ଏସବିଆଇ ମୁଖ୍ୟପରିଚାଳକ ସତ୍ୟସେସ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକାରି ସଭାପତି ଶ୍ରୀଚନ୍ଦନ ମଞ୍ଚ ଆହ୍ୱାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପଦେଷ୍ଟା ପ୍ରକାଶ ନାୟକ, ସୂର୍ଯ୍ୟକାନ୍ତ କର, କୋଷାଧକ୍ଷ ନିଶିତ୍ ବାରିକ, କାର୍ଯ୍ୟକାରୀ ସଦସ୍ୟ ଜିତେନ୍ଦ୍ର ମହାଲିକ, ସମ୍ପିତ ବିଶ୍ୱାଳ, ଝଡେଶ୍ୱର୍ ଜେନା, ହ୍ରୀତିକ ନାୟକ, ସଞ୍ଜୟ ଦାସ୍, ଗୁରୁପ୍ରସାଦ ମିଶ୍ର, ଅନୁଜ ଷଡ଼ଙ୍ଗୀ ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ସଂପାଦକ ତାପସ ପାଣିଗ୍ରାହୀ ଧନ୍ୟବାଦ ଆପଣ କରିଥିଲେ। । ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱନାମ ଧନ୍ୟଯ କଣ୍ଠଶିଳ୍ପୀ ନଭ୍ୟା ଜାଇତି ଅଷ୍ଟମ ସଂଧ୍ୟାରେ ମଞ୍ଚରେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଲୋକ ମହୋତ୍ସବ ଆସନ୍ତା ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୁଚନା ମିଳିଛି।

## ଦୋକାନରେ ଜଳିଗଲା ୪ଲକ୍ଷ ଟଙ୍କାର ମଦ

ତିହିଡି,(ସବ୍ୟୁ):ତିହିଡି ବଜାରରେ ଥିବା ସରକାରୀ ଦେଶୀମଦ ଦୋକାନକୁ ମଙ୍ଗଳବାର ରାତିରେ କେତେକ ଦୁର୍ବୃତ୍ତ ପେଟ୍ରୋଲ ପକାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ମଦ ଦୋକାନ ମାଲିକ ସାବରଙ୍ଗ ଥାନା ଅଧୀନ ନଛିପୁର ଗ୍ରାମର ରତ୍ନାକର ବେହେରା ଏ ସମ୍ପର୍କରେ ତିହିଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦୋକାନ ଜଳିଯିବା ଫଳରେ ଦୋକାନରେ ଥିବା ୪ଲକ୍ଷ ଟଙ୍କାର ଦେଶୀ ମଦ ଜଳିଯାଇଛି। ଏହାଛଡ଼ା ଦୋକାନରେ ଥିବା ବିଭିନ୍ନ ଆସବାବପତ୍ର ମଧ ଜଳିଯାଇଥିବା ଦର୍ଶାଯାଇଛି । ମଙ୍ଗଳବାର ରାତିରେ ପୂର୍ବ ଶତ୍ରୁତାରୁ କେତେକ ଦୁର୍ବୃତ୍ତ ଏପରି କାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଛି ।

## ନାଳରେ ଭାସିଲା ଛାତ୍ରଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, (ଜିପ୍ର):କେନ୍ଦୁଝର ଜିଲା ପାଟଣା ବ୍ଲକ ଚିନାମାଳି ପୋଷି ପଞ୍ଚାୟତ କେତାଙ୍ଗ ଗ୍ରାମ ନାଳରୁ ମଙ୍ଗଳବାର ଜଣେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି କେତାଙ୍ଗ ଗ୍ରାମର ପ୍ରମୋଦ କୁମାର ନାଏକଙ୍କ ପୁଅ ଆକାଶ(୧୫)।ସୂଚନା ଅନୁଯାୟୀ, ସୋମବାର ୧୧ଟାରେ ଆକାଶ ଗାଁ ର ଆଉ ୨ସାଙ୍ଗଙ୍କ ସହ ମିଶି ନାଳକୁ ମାଛ ଧରିବା ପାଇଁ ଯାଇଥିଲେ। ୨ ସାଙ୍ଗ ଘରକୁ ପ୍ରଥମେ ଚାଲି ଆସିଥିବା ବେଳେ ଆକାଶ ଘରକୁ ଫେରି ନ ଥିଲେ। ଘର ଲୋକେ ବହୁ ଖୋଜାଖୋଜି କରିବା ପରେ ମଙ୍ଗଳବାର ନାଳରେ ଆକାଶଙ୍କ ମୃତଦେହ ଭାସୁଥିବା ଦେଖି ଘଟଗାଁ ପୋଲିସ ଓ ପାଟଣା ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ପାଟଣା ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଥିଲେ। ମଙ୍ଗଳବାର ସା ହୋଇଥିବାରୁ ମୃତଦେହକୁ ବ୍ୟବଚ୍ଛେଦ କରାଯାଇପାରି ନାହିଁ । ମୃତଦେହକୁ କେନ୍ଦୁଝର ଶବଗୃହରେ ରଖାଯାଇଛି । ଏନେଇ ଘଟଗାଁ ଥାନା ରେ ୫୭/୨୫ରେ ମାମଲା ରୁଜୁ ହୋଇଛି ବୋଲି ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ନାଏକ କହିଛନ୍ତି।

## ବାଲିଘାଟରେ ଅଧିକାରୀଙ୍କ ଆତର୍କିତ ଚଢ଼ାଉ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନରେ ମଙ୍ଗଳବାର ଦିନ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକାଧିକ ବାଲି ମାଫିଆଙ୍କ ଦ୍ୱାରା ବେତନଟୀ ତହସିଲଦାର , ଗାଡି ଚାଳକଙ୍କ ସମେତ ତିନି ଜଣଙ୍କ କର୍ମଚାରୀଙ୍କୁ ଆକ୍ରମଣ ଘଟଣା ପରେ ଏକ୍ସନ ମୋଡ଼ରେ ଜିଲ୍ଲା ପ୍ରଶାସନ ।ବୁଧବାର ମଧ୍ୟାହ୍ନ ସମୟ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମୟୁରଭଞ୍ଜ ଜିଲ୍ଲା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡାଙ୍କ ନେତୃତ୍ୱରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା , ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାର , ବେତନଟୀ ଅତିରିକ୍ତ ତହସିଲଦାର ଈଶର ଚନ୍ଦ୍ର ରଣା , ମାଇନିଂ ଅଫିସର ଉଦୟଭାନୁ ସାହୁ , ଜୁନିଆର ମାଇନିଂ ଅଫିସର ଭବାନୀ ଶଙ୍କର ପାତ୍ର , ଶିବ ନାଥ ମୁଣ୍ଡାରି , ବାରିପଦା ତଦସିଲଦାର ସପନ କୁମାର ସାହୁ , ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ ଙ୍କୁ ନେଇ ଗଠିତ ହୋଇଥିବା ସବଡିଭିଜନାଲ ଏନଫୋର୍ସମେଣ୍ଟ ଟିମ ବେତନଟୀ ଏବଂ ବଡସାହି ବ୍ଲକ ଅଧୀନର ବିଭିନ୍ନ ବେଆଇନ ବାଲି ଘାଟ ଚଢାଉ କରିଥିଲେ । ବୁାବଳଙ୍ଗ ନଦୀ ଅବବାହିକାର ବଡ଼ସାହି ବ୍ଲକର ବର୍ତ୍ତନା, ହରିପୁର, ମାଧପୁର ଏବଂ ବେତନଟୀ ବ୍ଲକର କାଠପାଳ ପ୍ରଭୃତି ଘାଟରେ ଆତର୍କିତ ଚଢ଼ାଉ ହୋଇଥିଲା। ତେବେ ମାଧପୁର ଓ କାଠପାଳ ଘାଟରେ ଥିବା ବେଆଇନ ବାଲି ଗଦାକୁ ନିଲାମ କରି ପାଖାପାଖି ଦେଢ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରିଛନ୍ତି। ଅନ୍ୟପଟେ କାଠପାଳ ଘାଟରୁ ଏକ ବାଲି ଉତ୍ତୋଳନ ପାଇଁ ରଖାଯାଇଥିବା ଚେନ ପୁଲି ମେସିନ ଜବତ କରିଥିଲେ । କାଠପାଳ ବାଲି ଘାଟରେ ନିର୍ମିତ ହୋଇଥିବା ଏକ ଅସ୍ଥାୟୀ ଇଟା କାନ୍ଥ ଘରଟିକୁ ଭାଙ୍ଗିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ମଧ ଦେଇଥିଲେ ।

## ସ୍କୁଟିକୁ ଘୋଷାଡି ନେଲା କାର୍ ବାପ-ଝିଅ ଗୁରୁତର

ଢେଙ୍କିକୋଟ,(ସବ୍ୟୁ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ଢେଙ୍କିକୋଟ ହାଇସ୍କୁଲ ସମ୍ମୁଖ ୨୦ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକସ୍କୁଟିକୁ ଧକ୍କା ଦେଇ ଏକ କାର କାର ଘୋଷାଡ଼ି ନେବାରୁ ବାପା, ଝିଅ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଦ୍ୱୟ ବାଲେଶ୍ୱରର କିଶୋର ଚନ୍ଦ୍ର ପଡ଼ିଆରି ଓ ଝିଅ ଭାଗ୍ୟଶ୍ରୀ ପଡ଼ିଆରି।

ପ୍ରକାଶ ଯେ, ଭାଗ୍ୟଶ୍ରୀ ତେଲକୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରନ୍ତି କୌଣସି ପରୀକ୍ଷା ଥିବାରୁ ବାପାଙ୍କ ସହ ସ୍କୁଟି (ନଂ. ଓଡି ୦୧ ଓ୍ୱାଇକ୍ୟୁ ୭୬୦୬) ଯୋଗେ ବାଲେଶ୍ୱରକୁ ଯାଉଥିଲେ। ୨୦ ନମ୍ବର ଜାତୀୟ ରାଜପଥ ମରାମତି କାର୍ଯ୍ୟ ଯୋଗୁ ୨ ଲେନ ବନ୍ଦ ରହିଥିଲା। କୌଣସି ସିଗନାଲ ନ ଦେଇ ଗୋଟିଏ ପାର୍ଶ୍ୱରେ ୨ ଲେନରେ ଗାଡ଼ି ଯାତାୟତ କରୁଥିଲା।ଏହି ସମୟରେ ଢେଙ୍କିକୋଟ ହାଇସ୍କୁଲ ସମ୍ମୁଖ ବିପରିତ ଦିଗରୁ ଆସୁଥିବା କାର (ନଂ. ଓଡି୦୯ ଏମ ୩୮୯୯) ସ୍କୁଟିକୁ ସମ୍ମୁଖରୁ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଥିଲା। ବାପ, ଝିଅ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। କିଶୋରଙ୍କ ଦୁଇଗୋଡ଼ ଜଙ୍ଘରୁ ଭାଙ୍ଗି ଯାଇଥିବା ବେଳେ ଭାଗ୍ୟଶ୍ରୀଙ୍କ ଅଣ୍ଟା ଭାଙ୍ଗି ଯାଇଥିବା ଜଣାପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଘଟଗାଁ ଡା. ମୁକ୍ତିକାନ୍ତ ନାୟକ ସୂଚନା ଦେଇଛନ୍ତିଖବର ପାଇ ଘଟଗାଁ ଓ ଢେଙ୍କିକୋଟ ପୋଲିସ ପହଞ୍ଚି ୩ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ଦୁର୍ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଶହ ଗାଡି ଛିଡ଼ା ହୋଇଥିଲା। ପୋଲିସ ଗାଡ଼ି ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା।

## ସତ୍ୟସାଇଙ୍କ ଶହେତମ ଜୟନ୍ତୀ

ଆନନ୍ଦପୁର , (ସବ୍ୟୁ): ଆନନ୍ଦପୁର ସତ୍ୟସାଇ ସେବା ସମିତି ପକ୍ଷରୁ ଶହେତମ ଜୟନ୍ତୀ ଭାବଭକ୍ତିରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସମିତିର ଆବାହକ ନିତ୍ୟାନନ୍ଦ ସାମଲଙ୍କ ତତ୍ତ୍ୱାବଧାନରେ ଶହେ ପରିବାରରେ ଭଜନ କରାଯାଇ ଅର୍ପଣ କରାଯାଇଥିଲା । ରବିବାର ପ୍ରତ୍ୟୁଷରୁ ନଗର ସଂକୀର୍ତ୍ତନ ପରେ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ମନ୍ଦିରରେ ଷୋଡଶ ଉପଚାର ପୂଜା ପରେ ଆନନ୍ଦପୁର ଡାକ୍ତରଖାନାରେ ରୋଗୀ କାରାଗାରରେ ବନ୍ଦୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପୂର୍ବାହ୍ନରେ ନାରାୟଣ ସେବା ଓ ବସ୍ତ୍ର ବଣ୍ଟନ ପରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା ଓଁ ସନ୍ଧ୍ୟାରେ ସମୂହ ଭଜନ ଓ ସତସଙ୍ଗରେ ଡାକ୍ତର ଶିଶିର କୁମାର ଦାସ ବାବାଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରମୋଦ ରାଜ ତରୁଣ କୁମାର ବାରିକ ଦିଲୀପ ଧଳ ଅସିତକୁମାର ନାୟକ ନନ୍ଦକିଶୋର ଦଳେଇ ହାଡିବନ୍ଧୁ ସି ତପନ କୁମାର ବେହେରା ସୁରେଶ କୁମାର ପୃଷ୍ଟି ପ୍ରଦୀପ୍ତ କୁମାର ଦାଶ ସତ୍ୟରଞ୍ଜନ ନାୟକ ବିଶ୍ୱନାଥ ନାୟକ ପୂର୍ଣଚନ୍ଦ୍ର ମିଶ୍ର ରାଜେନ୍ଦ୍ର ସାହୁ ଗୋପରଞ୍ଜନ ପାଣିମନରଞ୍ଜନ ପାତ୍ର ଦୟାନିଧି ନାୟକ ସହଯୋଗ କରିଥିଲେ।

# ରେମୁଣା ଗୋଲେଇ : ନୂତନ ହୋଣ୍ଡା ବିଗ୍ ୱିଙ୍ଗ ସୋରୁମ୍ ଉଦ୍ଘାଟିତ

ବାଲେଶ୍ୱର,(ସବ୍ୟୁ୦: ।ରତର ଅଗ୍ରଣୀ ଟୁ-ହୁଇଲର୍ସ ବ୍ରାଣ୍ଡ ହୋଣ୍ଡାର ପ୍ରିମିୟମ ସେଗମେଣ୍ଟ ବାଇକର ଏକ ନୂତନ ସୋରୁମ୍ ହୋଣ୍ଡା ବିଗ ୱିଙ୍ଗ ବାଲେଶ୍ୱର ସହର ଉପକଣ୍ଠ ରେମୁଣା ଗୋଲେଇ ନିକଟରେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଜେନେରାଲ ମ୍ୟାନେଜର ସରବଜିତ ଚୌହାନ ଏହି ସୋରୁମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମଗ୍ର ବିଶ୍ୱରେ ବାଇକ୍ ଲଭର ତଥା ଯୁବବର୍ଗଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କରିଥିବା ହୋଣ୍ଡା କମ୍ପାନୀର ବଛା ବଛା ମୋଡେଲ ଭାରତରେ ଉପଲବଧ କରାଇବା ଲକ୍ଷ୍ୟରେ ହୋଣ୍ଡା ବିଗ୍ ୱିଙ୍ଗ ସର୍ଭିସ କାର୍ଯ୍ୟକାରୀ ହୋଇଛି। ବିଶେଷତଃ ଗ୍ରାହକଙ୍କୁ ୩୫୦ସିସି ବା ତାଠାରୁ ଅଧିକ କ୍ଷମତା ସମ୍ପନ୍ନ ବାଇକ ଚାଳନାର ପ୍ରକୃତ ଅନୁଭୂତି ପ୍ରଦାନ ସହିତ ବିକ୍ରୟ ଓ ପରବର୍ତ୍ତୀ ସେବା ପ୍ରଦାନରେ ଏହି ନୂତନ ସୋ ରୁମ ଅଦ୍ୱିତୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବ ବୋଲି ଶ୍ରୀ ଚୌହାନ ଆଶା ପ୍ରକାଶ କରିଥିଲେ । ବାଲେଶ୍ୱରରେ ହୋଣ୍ଡା ମୋଟର୍ସର ଅଧିକୃତ ବିକ୍ରେତା ୟୋର୍ସ ହୋଣ୍ଡାର ମୁଖ୍ୟ ସଞ୍ଜୟ ଦାସ ଉଦଘାଟନୀ ଉତ୍ସବରେ ପୌରହିତ୍ୟ କରିବା ସହିତ ହୋଣ୍ଡା ବିଗ୍ ୱିଙ୍ଗରେ ଉପଲବଧ ବାଇକଗୁଡିକର ପ୍ରମୁଖ ବୈଶିଷ୍ଟ୍ୟ ଉପରେ ସୂଚନା ଦେଇଥିଲେ। ବିଭିନ୍ନ ଦେଶରେ ଲୋକପ୍ରିୟ ହୋଇଥିବା ହୋଣ୍ଡା କମ୍ପାନୀ ପ୍ରସ୍ତୁତ ଅତି ଆକର୍ଷଣୀୟ ତଥା ଅତଯାଧୁନିକ ମୋଡେଲର ବାଇକ ଭାରତରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ବାଲେଶ୍ୱରରେ ମଧ ଏହା ଅନୁରୂପ ଭାବେ ସଫଳତା ପାଇବ ବୋଲି ଶ୍ରୀ ଦାସ ଆଶା



ପ୍ରକାଶ କରିଥିଲେ। ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହି ନୂତନ ସୋ ରୁମର ବଯବସାୟିକ ସଫଳତା କାମନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହୋଣ୍ଡା ମୋଟର୍ସ ବିଗ୍ ୱିଙ୍ଗ ସର୍ଭିସର ବିଭିନ୍ନ ପଦାଧିକାରୀଙ୍କ ସମେତ ଭଗବାନଦାସ ଗୁପ୍ତା, ବାଲେଶ୍ୱର ଲାୟନସ କ୍ଲବ ସଭାପତି ଶିବ କୁମାର ପୋଦାର ଓ ଶଯାମସୁନ୍ଦର ଖଣ୍ଡେଲୱାଲ୍, ମନୀଷ ସରାଓଗୀ, ସରୋଜ ବଦନୱାଲା, ନୋସି ସଭାପତି ପ୍ରଜୟ କୁମାର ଡାଭେ, ଯୁବ ବଯବସାୟୀ ଅୟେନ କୁମାର ସେନ, ଷ୍ଟେଟ ବଯାଙ୍କ ଏସଏମଇ ବ୍ରାଞ୍ଚ ଚିଫ ମଯାନେଜର ସଞ୍ଜୟ କୁମାର ଦାସ, ଡେପୁଟି ମଯାନେଜର ମୁକୁଲ ଜୈନ ଓ ସିନିୟର୍ ଆସୋସିଏଟ ଜ୍ୟୋତିବାଳା ସେନାପତି ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ପାଞ୍ଚ ଜଣ ଗ୍ରାହକଙ୍କୁ ନୂତନ ୩୫୦ସିସି ବାଇକର ଚାବି ପ୍ରଦାନ କରାଯାଇଥିଲା। ପ୍ରକାଶ ଦାସ, ଇନ୍ଦ୍ରଜିତ ସିଂହ, ସୁବ୍ରତ ମହାନ୍ତି, ଅରବିନ୍ଦ ଘୋଷ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବାଲେଶ୍ୱର ସହରର ବହୁ ବିଶିଷ୍ଟ ବଯକ୍ତି ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।


### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
CAD-2437
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା ୨୦୬ **ବିଜ୍ଞାପନ** ତା : ୭.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗତ ଆର୍ତ୍ତତ୍ରାଣ ମହାନ୍ତି<br>ପି- ସ୍ୱର୍ଗତ ପଞ୍ଚାନନ ମହାନ୍ତି<br>ଗ୍ରା/ପୋ-ରେବଣା ନୂଆଗାଁ<br>ଥାନା-ବ୍ରହ୍ମଗିରି<br>ଜିଲ୍ଲା-ପୁରୀ | ଇ.ଏମ୍-୯୭<br>(E.M.-97)<br>ବାସନ୍ତୀ କଲୋନୀ<br>ଦ୍ୱିତୀୟ ପର୍ଯ୍ୟାୟ<br>ରାଉରକେଲା | ୧. ଶୁଭେନ୍ଦ୍ର କୁମାର ମହାନ୍ତି (ବି.ପୁତ୍ର)<br>୨. ସୁବ୍ରତ କୁମାର ମହାନ୍ତି (ବି.ପୁତ୍ର)<br>୩. ସ୍ମିତା ମହାନ୍ତି (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

### OFFICE OF THE NOTIFIED AREA COUNCIL, BANKI

No: 3196 / Dt. 21.11.2025
C-1552

**E - PROCUREMENT NOTICE**

**Bid Identification No:NAC-BAN-05/2025-26**

The Executive Officer, Banki NAC.invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited - 1 nos.
2. Place of execution - In Banki NAC area.
3. Estimated cost of individual work - Rs.70,57,591/-
4. Eligible class of contractor - Govt, registered contractors as per OPWD code
5. The Bid documents will be available in the web-site from 11.00 AM on dt:-25.11.2025 upto 5 PM till 06.12.2025 for on line bidding.
6. The bid documents will be opened on dt:-08.12.2025 at 11.00 AM.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd/- Executive Officer,
NAC Banki

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୨୨୪୭୩/ଭୁ.ଉ.କ., ଭୁବନେଶ୍ୱର ତା.୧୭.୧୧. ରିଖ
AVA(M)-111/05
CAD- 2448

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆର୍ଯ୍ୟବିହାର ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ–MIG-S-6/12କୁ ଚିତ୍ତରଞ୍ଜନ ସ୍ୱାଇଁ, ପିତା- ସ୍ୱର୍ଗତ ଲକ୍ଷ୍ମୀଧର ସ୍ୱାଇଁ, ଗ୍ରାମ-ପୁରୁଣି, ପୋଷ୍ଟ-ଖୋଦଶିଳା, ଥାନା-ନୀଳଗିରି, ଜିଲ୍ଲା-ବାଲେଶ୍ୱର, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରହୀତା ଚିତ୍ତ ରଞ୍ଜନ ସ୍ୱାଇଁ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅବରଣ ଆଧାରରେ ଶ୍ରୀମତୀ ଅନୁକମ୍ପା ପଟ୍ଟନାୟକ, ସ୍ୱାମୀ– ସ୍ୱର୍ଗତ ତପନ କୁମାର ଦାସ, ଏଚ୍-୫/୧୫୧ ଆଇ.ଆର୍.ସି ଭିଲେଜ, ପୋଷ୍ଟ/ଥାନା-ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅବରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ପର୍କରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ପର୍କରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

### OFFICE OF THE COLLECTOR AND DISTRICT MAGISTRATE, JAGATSINGHPUR

F-91
Letter no. 1563/OSRTC/JSP Date : 25.11.25

**RE-TENDER NOTICE**

**Ref : Tender Notice No. 1486/OSRTC/JSP, dated 23/10/2025, regarding "Selection of Agency for Providing Facility Management Services (FMS) at Atal Bus Stand, Biridi Block, Jagatsinghpur District".**

In continuation of the above communication, it is hereby informed that the Tender Notice issued vide Letter No. 1486/OSRTC/JSP, dated 23/10/2025 for "Selection of Agency for Providing Facility Management Services (FMS) at Atal Bus Stand, Biridi Block, Jagatsinghpur District" is hereby cancelled due to administrative reasons.

Fresh proposals are hereby invited from eligible Firms/Agencies interested in providing different Manpower Services / Facility Management Services (FMS) at Type-C category Atal Bus Stands on an outsourcing basis for New Bus Stands at Biridi, Jagatsinghpur.

The tender documents, eligibility criteria, terms and conditions, and formats for submission shall remain as per the original tender unless otherwise amended. Interested agencies may download the tender documents from the official website https://jagatsinghpur.odisha.gov.in/ and the tender should reach the office of the undersigned by 18/12/2025 (5.00 PM). The undersigned reserves the right to reject any or all tenders without assigning any reason thereof.

Sd/- Collector-Cum-Chairman
District Level ABS Committee,
Jagatsinghpur

(ଶ୍ରୀମଭଗବଦ୍ ଗୀତା ୧/୨୨)

**ଅର୍ଜ୍ଜୁନ-ବିଷାଦଯୋଗଃ**

ସଞ୍ଜୟ ଉବାଚ

**ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍ ।**
**କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ ॥ ୨୨ ॥**

ହେ ଅଚ୍ୟୁତ ! ଅହଂ ଯାବତ୍ ଏତାନ୍ (ପୁରତଃ ସ୍ଥିତାନ୍) ଯୋଦ୍ଧୁକାମାନ୍ ଅବସ୍ଥିତାନ୍ ନିରୀକ୍ଷେ (ପଶ୍ୟାମି) ଅସ୍ମିନ୍ ରଣସମୁଦ୍ୟମେ (ଯୁଦ୍ଧବ୍ୟାପାରେ) ମୟା କୈଃ ସହ ଯୋଦ୍ଧବ୍ୟଂ (ଯୁଦ୍ଧଂ କର୍ତ୍ତବ୍ୟଂ), ଅତ୍ର ଯୁଦ୍ଧେ ଦୁର୍ବୁଦ୍ଧେଃ (ମନ୍ଦବୁଦ୍ଧେଃ) ଧାର୍ତ୍ତରାଷ୍ଟ୍ରସ୍ୟ (ଦୁର୍ଯ୍ୟୋଧନସ୍ୟ) ପ୍ରିୟଚିକୀର୍ଷବଃ ( ପ୍ରିୟଂ କର୍ତ୍ତୁଂ ଇଚ୍ଛନ୍ତଃ) ଯେ ଏତେ ରାଜାନଃ ସମାଗତାଃ (ଉପସ୍ଥିତାଃ), (ତାନ୍) ଯୋତ୍ସ୍ୟମାନାନ୍ ଅହଂ ଯାବତ୍ ଅବେକ୍ଷେ (ଅବଲୋକୟାମି), (ତାବତ୍) ଉଭୟୋଃ ସେବୟୋଃ ମଧ୍ୟେ ମେ (ମମ) ରଥଂ ସ୍ଥାପୟ ॥ ୨୨ ॥

# ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଥିବା ବିବାଦର ସମାଧାନ ହେଉ

ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ସୀମା ଓ ଅନ୍ୟାନ୍ୟ ବିବାଦର ସମାଧାନ ଏ ପର୍ଯ୍ୟନ୍ତ ହୋଇ ପାରି ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ଏକ ଅଂଶୀଦାର ଦଳ ଭାବରେ ତେଲୁଗୁ ଦେଶମ ଦଳ ରହିଛି । ଓଡ଼ିଶାରେ ମଧ୍ୟ ବିଜେପି ସରକାର ରହିଛି । ତେଣୁ କେନ୍ଦ୍ର ସରକାର ଏହି ସୀମା ବିବାଦ ଓ ଜଳ ବିବାଦ ପ୍ରଭୃତି ସମସ୍ୟାର ସମାଧାନ ତୁରନ୍ତ କରିବା ଉଚିତ । ଗତ ୨୫ ନଭେମ୍ବର (୨୦୨୫)ରେ ଆନ୍ଧ୍ର ପ୍ରଦେଶର କର୍ମଚାରୀମାନେ ଓଡ଼ିଶା ଅନ୍ତର୍ଗତ କୋଟିଆ ପଞ୍ଚାୟତରେ ପ୍ରବେଶ କରି ସର୍ଭେ କରିବାକୁ ଆସିଥିଲେ । ମାତ୍ର ପଟାଙ୍ଗି ବ୍ଲକର ଅଧିକାରୀମାନେ ଏହା ଜାଣି ସେମାନଙ୍କୁ ଘଉଡାଇ ଥିବାରୁ ସେମାନେ ଫେରି ଯାଇଥିଲେ । ଓଡ଼ିଶାର ସେହି ଅଧିକାରୀମାନେ ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ଏପରି ବଳିଷ୍ଠ ପଦକ୍ଷେପ ନେଇଥିବାରୁ ସେମାନଙ୍କୁ ଧନ୍ୟବାଦ । ମାତ୍ର ଆନ୍ଧ୍ର ପ୍ରଦେଶର ଅଧିକାରୀ ଓ କର୍ମଚାରୀମାନେ ବାରମ୍ବାର ଓଡ଼ିଶା ସୀମାରେ ପ୍ରବେଶ କରି ଲୋକଙ୍କୁ ବିଭ୍ରାନ୍ତ କରିବା ସଙ୍ଗେ ସଙ୍ଗେ କେତେକ ସରକାରୀ କାର୍ଯ୍ୟ ମଧ୍ୟ ଜବରଦସ୍ତ କରୁଥିବା ଘଟଣା ଦୁଃଖଦାୟକ ।

ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଥିବା ନେରେଡ଼ିବାଲାସା ଗ୍ରାମରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ କୃଷିମେଳା ହୁଏତ ଆରମ୍ଭ ହୋଇଥା'ନ୍ତା । ମାତ୍ର ପଟାଙ୍ଗି ବିଡିଓ ରାମକୃଷ୍ଣ ନାୟକଙ୍କ ହସ୍ତକ୍ଷେପ ଫଳରେ ତାହା ଭଣ୍ଡୁର ହୋଇଥିଲା । ସୀମାନ୍ତ ଅଞ୍ଚଳର କୋଟିଆ ଗ୍ରାମ ଉପରେ ଆନ୍ଧ୍ରର ଏପରି ଲୋଲୁପ ଦୃଷ୍ଟି ଥିବାରୁ ତାହା ଓଡ଼ିଆ ଲୋକଙ୍କ ମଧ୍ୟରେ ଖୁବ୍ ପ୍ରତିକ୍ରିୟା ସୃଷ୍ଟି କରିଛି ।

ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଦୀର୍ଘ ଦିନରୁ ସୀମା ବିବାଦ ଲାଗି ରହିଛି । ଏବେ ବି ବହୁ ମାମଲା ଅଦାଲତରେ ବିଚାରାଧୀନ ଅଛି । ଏହା ସତ୍ତ୍ୱେ ଆନ୍ଧ୍ର ପ୍ରଦେଶର ସରକାର ଓଡ଼ିଶା ସୀମାରେ ଅନେକ ବେଆଇନ କାର୍ଯ୍ୟରେ ହାତ ଦେଇଥିବା ଅଭିଯୋଗମାନ ହେଉଛି । କୋଡିଏ ବର୍ଷ ତଳର ଗୋଟିଏ ଘଟଣା ମନେ ପଡୁଛି । ଗତ ୨୦୦୫ ମସିହା ଫେବୃଆରୀ ୨୪ ତାରିଖରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ତତ୍କାଳୀନ ଜଳ ସଂପଦ ମନ୍ତ୍ରୀଙ୍କ ଉପସ୍ଥିତିରେ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବଂଶଧାରା ନଦୀରେ ସେତେବେଳେ ନିର୍ମାଣାଧୀନ କାତ୍ରାଗୁଡ଼ା ପ୍ରକଳ୍ପକୁ ବନ୍ଦ କରାଯିବା ଲାଗି ସ୍ଥିର ହୋଇଥିଲା । ମାତ୍ର ଏପରି ନିଷ୍ପତ୍ତିକୁ ଆନ୍ଧ୍ର ପ୍ରଦେଶ ସରକାର ଅମାନ୍ୟ କରି କାତ୍ରାଗୁଡ଼ା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ କୌଣସି ରାଜ୍ୟ ସେଠାରେ ଫ୍ଲଡ ଫ୍ଲୋ କେନାଲ ନିର୍ମାଣ କରିବେ ନାହିଁ । ମାତ୍ର ଏହି ନିଷ୍ପତ୍ତିକୁ ଉଲଂଘନ କରିଥିବା ଆନ୍ଧ୍ର ପ୍ରଦେଶ ସରକାର ବଂଶଧାରା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଥିଲେ ସତ, ମାତ୍ର ଓଡ଼ିଶାର ପ୍ରତିବାଦ ଯୋଗୁଁ ତାହାକୁ ସ୍ଥଗିତ ରଖାଯାଇଛି । ମାମଲା ଏବେ ସର୍ବୋଚ୍ଚ ଅଦାଲତରେ ସମ୍ଭବତଃ ବିଚାରାଧୀନ ଅଛି ।

ସେହିପରି ବୋରା କେଭ (ଗୁମ୍ଫା) (Borra Caves) ଓଡ଼ିଶାର ଆଦିମ ଅଧିବାସୀ ବା ଆଦିବାସୀମାନଙ୍କର ଗୁମ୍ଫା ଥିଲା ବୋଲି ୧୮୦୭ ମସିହାରେ ଜଣେ ଇଂରେଜ ଗବେଷକ ଉଇଲିଅମ କିଙ୍ଗ ଏହି ଗୁମ୍ଫା ଆବିଷ୍କାର କରିଥିବା ବେଳେ ଜଣା ପଡ଼ିଥିଲା । ଏହି ଗୁମ୍ଫାର ଗୋଟିଏ ପଟେ ଉପର ଅଂଶର କୋଣ୍ଡା ଲାଇଟ ଓ ଗ୍ରାନାଇଟ ପଥର ବିପୁଳ ପରିମାଣରେ ରହିଥିଲା । ପର୍ଯ୍ୟଟକମାନଙ୍କ ପାଇଁ ଏହା ଏବେ ବି ଆକର୍ଷଣର କେନ୍ଦ୍ର ବିନ୍ଦୁ । ଏହି ଗୁମ୍ଫାର ପାଦ ଦେଶରେ ଗୋସ୍ତାନୀ ନଦୀ ବାହାରି ପ୍ରାୟ ଷାଠିଏ କିଲୋମିଟର ଅତିକ୍ରାନ୍ତ କରି ବଙ୍ଗୋପସାଗରରେ ମିଶିଛି । ଗୁମ୍ଫାର ପାଦ ଦେଶରେ ଏକ ଶିବ ଲିଙ୍ଗ ଜୟପୁର ମହାରାଜାଙ୍କ ଅମଳରୁ ପୂଜା ପାଇ ଆସୁଥିଲା ଏବଂ ମହାରାଜା ଗୋଟିଏ ପୂଜାରୀ ମଧ୍ୟ ରଖିଥିଲେ । ମାତ୍ର ବିବାଦ କାରଣରୁ ସେଠାରେ ପୂଜା ପାଠ ବନ୍ଦ ରହିଥିବା କୁହାଯାଇଛି । ଓଡ଼ିଶାର ୧୪ ଗୋଟି ଆଦିବାସୀ ପଡା ଏହି ଗୁମ୍ଫା ନିକଟରେ ଥିଲେ ମଧ୍ୟ ଆନ୍ଧ୍ର ପ୍ରଦେଶ ତାହାକୁ ନିଜ ରାଜ୍ୟର ବୋଲି କହି ଆସୁଥିଲା । ୧୯୬୦ ମସିହାରୁ ଏ ବିବାଦ ଆରମ୍ଭ ହୋଇ ୧୯୬୮ରେ ଏ ବିବାଦ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିଲା । ମାତ୍ର ୨୦୧୦ ମସିହା ମେ' ମାସରେ ଏହାର ଅଧିକାର ଉପରେ ମାମଲାକୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର କାଉନସେଲ ଓଡ଼ିଶାର ଦାବିକୁ ଅଗ୍ରାହ୍ୟ କରି ଦେଇଛନ୍ତି । ଏହି ଗୁମ୍ଫାଟି ଏବେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲ୍ଲାରେ ଅବସ୍ଥିତ । ବିଗତ ରାଜ୍ୟ ସରକାର ଏହା ଉପରେ ବିଶେଷ ଦୃଷ୍ଟି ଦେଇ ନଥିଲେ । ମାତ୍ର ଏବେ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ଅଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ । ଏବେ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପତି ଅଛନ୍ତି । ସେ ମଧ୍ୟ ବିଶାଖାପାଟଣାର ପୂର୍ବତନ ବିଧାୟକ ଓ ସାଂସଦ ଥିଲେ । ତେଣୁ ଏ ସବୁ ବିବାଦର ସମାଧାନ ଅବିଳମ୍ବେ ହୋଇ ପାରିବ ବୋଲି ଆମର ଆଶା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।

**ଗୋପବନ୍ଧୁ ଦାସ**

# ଆମ ସମ୍ବିଧାନ, ଆମ ରାଷ୍ଟ୍ର



**ଗୁରୁକଲ୍ୟାଣ ମହାପାତ୍ର**

ସଂବିଧାନ ବା constitution ଲାଟିନ ଶବ୍ଦ କନ୍‌ଷ୍ଟିଚୁଏର constiture ରୁ ଉଦ୍ଭବ ହୋଇଛି । ଜନମଙ୍ଗଳ ଏହାର ସର୍ବୋଚ୍ଚ ଲକ୍ଷ୍ୟ ବୋଲି କୁହା ଯାଇଥିଲା । ସମ୍ବିଧାନର ଗଣ୍ଡି ମଧ୍ୟରେ ରାଷ୍ଟ୍ରର ପ୍ରଶାସନ ନିହିତ, ଯିଏ କି କାର୍ଯ୍ୟପାଳିକା, ବିଧାନପାଳିକା ଓ ନ୍ୟାୟପାଳିକାକୁ ପ୍ରତିନିଧିତ୍ୱ କରିବାକୁ ସମର୍ପଣ କରିଥାଏ । ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସଂବିଧାନ ହିଁ ସମ୍ପର୍କ ସ୍ଥାପନ କରିଥାଏ । ଭାରତ ପରି ଏକ ଜନବହୁଳ ଓ ବିଭିନ୍ନ ରାଜ୍ୟକୁ ନେଇ ଗଠିତ ରାଷ୍ଟ୍ରପାଇଁ ସଂବିଧାନ ତେଣୁ ଜୀବନ୍ତ ଦେବତା ସଦୃଶ ପ୍ରତୀୟମାନ ହୋଇଥାଏ । ଭାରତରେ ନଭେମ୍ବର ୨୬ ତାରିଖଟିକୁ ସଂବିଧାନ ଦିବସ କୁହାଯିବା ସହିତ ଜାତୀୟ ଆଇନ ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ ।

ଉଲ୍ଲେଖନୀୟ ଯେ ଭାରତର ସଂବିଧାନ ହେଉଛି ବିଶ୍ୱର ସର୍ବବୃହତ୍ ଲିଖିତ ସଂବିଧାନ । ଯଦିଓ ଭାରତକୁ ଶତାଧିକ ବର୍ଷ କାଳ ଶାସନ କରିଥିବା ବ୍ରିଟିଶ ଢାଞ୍ଚାରେ ଭାରତର ସଂବିଧାନ ହୋଇଛି, ତଥାପି ସେ ଦେଶର ସଂବିଧାନକୁ ଅନୁସରଣ କରିନାହିଁ ଭାରତ । ସେ ଦେଶରେ ଅଲିଖିତ ସଂବିଧାନ ଭାରତର ସଂବିଧାନକୁ ମଧ୍ୟ ପ୍ରଭାବିତ କରି ପାରିନାହିଁ । ଆମ ସଂବିଧାନ ପ୍ରସ୍ତୁତ କରାଯିବାବେଳେ ତାହା ଉପରେ ଦେଶର ଚିନ୍ତାନାୟକଙ୍କଦ୍ୱାରା ଯେତେ ଆଲୋଚନା ଓ ତର୍ଜମା ହୋଇଛି, ବ୍ରିଟିଶ ସଂବିଧାନରେ ସେପରି ହୋଇନାହିଁ । ସେହିପରି ସମଗ୍ର ବିଶ୍ୱରେ ଅନ୍ୟତମ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର, ଯୁକ୍ତରାଷ୍ଟ୍ର ଆମେରିକାରେ ସଂବିଧାନ ସବୁଠାରୁ କ୍ଷୁଦ୍ର । ସାତଗୋଟି ସରଳ ଧାରାକୁ ଭିତ୍ତିକରି ଲେଖାଯାଇଛି ଆମେରିକାର ସଂବିଧାନ । ଜଣାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକା ଇତି ମଧ୍ୟରେ ତାର ସଂବିଧାନକୁ ୨୭ ଥର ସଂଶୋଧନ କରିଛି । ଅବଶ୍ୟ ଭାରତରେ ୧୯୫୦ରୁ ସଂବିଧାନ ଆରମ୍ଭ ହେବା ଦିନରୁ ଏହାର ୭୫ ବର୍ଷ ପୂର୍ତ୍ତି ପୂର୍ବରୁ ଆମ ସଂବିଧାନକୁ ପ୍ରାୟ ୧୦୬ ଥର ସଂଶୋଧନ କରାଗଲାଣି । ୧୦୬ ସଂଶୋଧନ ଜରିଆରେ ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ଏହି ସଂଶୋଧନକୁ ସର୍ବାଧିକ ଥର ବୋଲି ମଧ୍ୟ କୁହାଯାଇ ପାରିବ ।

ଆମ ସଂବିଧାନ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ସେଥିପାଇଁ ଫେବୃଆରୀ ୨୦୦୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ଏକ ସଂକଳ୍ପ ଜରିଆରେ ଜଷ୍ଟିସ ଏମ୍. ଏନ୍. ଭେଙ୍କଟଚଲ୍ଲିଆଙ୍କ ଅଧ୍ୟକ୍ଷତାରେ ଏକ ଜାତୀୟ କମିଶନ ଗଠନ କରାଯାଇଥିଲା । ସଂବିଧାନରେ ସମ୍ଭାବ୍ୟ ସଂଶୋଧନ ବିଷୟରେ ଏହି କମିଶନ ଅନୁଧ୍ୟାନ କରିବେ ବୋଲି ମଧ୍ୟ କୁହାଯାଇଥିଲା । ସୁପ୍ରିମକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଶ୍ରୀ ଭେଙ୍କଟଚଲ୍ଲିଆ ବର୍ଷକ ମଧ୍ୟରେ ତାଙ୍କର ରିପୋର୍ଟ ପ୍ରଦାନ କରିବେ ବୋଲି ସୂଚନା ମଧ୍ୟ ଦିଆ ଯାଇଥିଲା । ମାତ୍ର ଏହି କମିଶନଙ୍କ ସମସ୍ତ ସୀମାକୁ ତିନି ଥର ବୃଦ୍ଧି କରାଯାଇଥିଲା । ଏହା ପରେ, କମିଶନ ୨୦୦୨ ମାର୍ଚ୍ଚ ୩୧ ରେ ତତ୍କାଳୀନ କେନ୍ଦ୍ର ଆଇନମନ୍ତ୍ରୀ ଅରୁଣ ଜେଟଲିଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ । ୧୯୭୯ ପୃଷ୍ଠାର ଏହି ବୃହତ୍ ରିପୋର୍ଟକୁ ପରବର୍ତ୍ତୀ କୌଣସି କେନ୍ଦ୍ର ସରକାର ଅବଶ୍ୟ କାର୍ଯ୍ୟକାରୀ କରି ନଥିଲେ ।

ସେ ଯାହା ହେଉ, ଆମ ସଂବିଧାନର ମୁଖବନ୍ଧରେ ଏହାର ବୈଶିଷ୍ଟ୍ୟ ପ୍ରତିଫଳିତ । ସେଥିରେ ନିହିତ ଭାବ ଓ ଭାଷା ଖୁବ୍ ହୃଦୟସ୍ପର୍ଶୀ ବୋଲି ମନେ ହୋଇଥାଏ । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କରିବା ପରେ ଭାରତ ପରି ଏକ ବୃହତର ଗଣତାନ୍ତ୍ରିକ ରାଷ୍ଟ୍ରରେ ସଂବିଧାନ ପ୍ରଣୟନ ପାଇଁ ସଂବିଧାନ ପ୍ରଣୟନକାରୀ ସଭା ବା ଗଣ ପରିଷଦ ଗଠିତ ହୋଇ ସେହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଜାରି ରହିଥିଲା । ୧୯୪୭ ଅଗଷ୍ଟ ୨୯ ତାରିଖରେ ଆମ ସଂବିଧାନରେ ଖସଡ଼ା ଓ ଚିଠା ପ୍ରସ୍ତୁତ କରିବା ପାଇଁ ଯେଉଁ କମିଟି ଗଠିତ ହୋଇଥିଲା, ବିଶିଷ୍ଟ ଆଇନ ବିଶାରଦ ଡକ୍ଟର ବି.ଆର୍. ଆମ୍ବେଦକର ତାହାର ଅଧ୍ୟକ୍ଷ ରହିଥିଲେ ।

ଏହା ବ୍ୟତୀତ ବିଶିଷ୍ଟ ଭାରତୀୟମାନଙ୍କୁ ନେଇ ଅନ୍ୟାନ୍ୟ କମିଟି ଓ ସବ୍ କମିଟି ଆମ ସଂବିଧାନ ପାଇଁ ଗଠିତ ହୋଇଥିଲା । ସେହି କମିଟି ଓ ସବ୍ କମିଟି ଯେଉଁ ବିଷୟଗୁଡ଼ିକ ସୁପାରିଶ କରିଥିଲେ, ଡକ୍ଟର ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ସଂବିଧାନ ଖସଡ଼ା ପ୍ରସ୍ତୁତକାରୀ କମିଟି ୧୯୪୮ ଫେବୃଆରୀ ମାସରେ ସେ ସବୁକୁ ସଂବିଧାନ ପ୍ରଣୟନକାରୀ ସଭା ବା ଗଣ ପରିଷଦରେ ଉପସ୍ଥାପନ କରିଥିଲେ । ମାତ୍ର ବହୁ ତର୍କ ବିତର୍କ ଓ ବିଚାରବିମର୍ଷ ପରେ କୁଆଡ଼େ ସେହି ସାମ୍ବିଧାନିକ ଖସଡ଼ାରେ ଅନେକ ସଂଶୋଧନ ଓ ପରିବର୍ତ୍ତନ ସଂଘଟିତ ହୋଇଥିଲା ଓ ଅବଶେଷରେ ପ୍ରସ୍ତାବିତ ଆମର ସଂବିଧାନ ୧୯୪୯ ନଭେମ୍ବର ୨୬ ତାରିଖରେ ସଂବିଧାନ ପ୍ରଣୟନକାରୀ ସଭା ଓ ଗଣ ପରିଷଦର ଅନୁମୋଦନ ଲାଭ କରିଥିଲା । ସେତେବେଳେ ସଂବିଧାନର ଅନେକ ଅନୁଚ୍ଛେଦକୁ ତୁରନ୍ତ କାର୍ଯ୍ୟକାରୀ କରା ଯାଇଥିଲା । ଆମ ସଂବିଧାନର ମୁଖବନ୍ଧ ସମେତ ଅବଶିଷ୍ଟ ଅନୁଚ୍ଛେଦଗୁଡ଼ିକୁ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଜୀବନ୍ୟାସ ଦିଆ ଯାଇଥିଲା ।

ଆମ ସଂବିଧାନର ପ୍ରଥମ ଅନୁଚ୍ଛେଦ ଅନୁଯାୟୀ ଯଦିଓ ଭାରତକୁ ଏକ ୟୁନିଅନ୍ ବା ସଂଘ ଭାବରେ ବର୍ଣ୍ଣନା କରାଯାଇଛି, ପ୍ରକୃତପକ୍ଷେ ରାଜ୍ୟଗୁଡିକ ସହିତ ଚୁକ୍ତି ବା ରାଜିନାମା ବଳରେ ବିଭିନ୍ନ ରାଜ୍ୟକୁ ନେଇ ୟୁନିଅନ୍ ଗଠିତ ହୋଇନାହିଁ । ଅବଶ୍ୟ ସଂବିଧାନର କେନ୍ଦ୍ରପ୍ରବଣତା ନୀତିକୁ ମଧ୍ୟ କେହି କେହି ସମାଲୋଚନା କରିଛନ୍ତି । ଆଉ କେହି କେହି କେନ୍ଦ୍ର-ରାଜ୍ୟ ମଧ୍ୟରେ କ୍ଷମତାର ବିକେନ୍ଦ୍ରୀକରଣକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଏହା ସତ୍ତ୍ୱେ ଭାରତୀୟ ସଂବିଧାନର ପ୍ରଶଂସା ମଧ୍ୟ କରାଯାଇଛି । ବ୍ୟକ୍ତି ଓ ରାଷ୍ଟ୍ର ମଧ୍ୟରେ ସ୍ୱାଧୀନତା ଓ ସୁସଂପର୍କ ସ୍ଥାପନ କରାଯାଇ ପାରିଛି ଆମ ସଂବିଧାନରେ । ଏହି ସଂବିଧାନରେ ଭାରତର ନାଗରିକତା ଅଧିକାରକୁ ବିସ୍ତାରିତ ଭାବେ ବର୍ଣ୍ଣନା କରାଯାଇଛି । ସଂବିଧାନର ତୃତୀୟ ଭାଗଟିରେ ରହିଛି ନାଗରିକଙ୍କ ମୌଳିକ ଅଧିକାର । ଏପରିକି ସମସ୍ତ ମୌଳିକ ଅଧିକାରର ସୁରକ୍ଷା ପାଇଁ ସଂବିଧାନରେ ୩୨ ଧାରାକୁ ମଧ୍ୟ ମୌଳିକ ଅଧିକାରର ଅର୍ନ୍ତଭୁକ୍ତ କରାଯାଇଛି ।

ଆବଶ୍ୟକତା ଦୃଷ୍ଟିରୁ ଆମ ସଂବିଧାନର ଅପବ୍ୟବହାର କରାଯାଇ ଦେଶରେ ଜରୁରୀ ପରିସ୍ଥିତି ଅନାବଶ୍ୟକ ଭାବେ ଜାରି କରାଯାଇଥିଲା ୧୯୭୫ରୁ ୧୯୭୭ ପର୍ଯ୍ୟନ୍ତ । ଦେଶବାସୀ ଓ ସମ୍ବାଦପତ୍ରର ସ୍ୱାଧୀନତାକୁ ମଧ୍ୟ ସଂକୁଚିତ କରାଯାଇଥିଲା । ଅବଶ୍ୟ ଭାରତର ପ୍ରଧାମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ କେନ୍ଦ୍ର ସରକାର ଗତ ୨୦୧୯ ଅଗଷ୍ଟ ୫ ତାରିଖରେ ଭାରତର ଜାମ୍ମୁ ଓ କାଶ୍ମୀରକୁ ସଂବିଧାନର ୩୭୦ ଅନୁଚ୍ଛେଦରୁ ମୁକ୍ତ କରି ସ୍ୱାଧୀନତା ପ୍ରଦାନ କରିଥିଲେ । ଭାରତୀୟମାନଙ୍କର ଆଶା ଓ ଆକାଂକ୍ଷା ଏଥିରେ ପ୍ରତିଫଳିତ ହୋଇଛି ।

ଏକା ସମୟରେ ସ୍ୱାଧୀନତା ଲାଭ କରିଥିଲେ ମଧ୍ୟ ଭାରତର ସଂବିଧାନ ଓ ଏହାର ଗଣତାନ୍ତ୍ରିକ ଶାସନ ପଦ୍ଧତି ଯେ ପାକିସ୍ତାନ ଠାରୁ ଅଧିକ ଉନ୍ନତ, ଯାହା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଭାରତୀୟ ନାଗରିକମାନଙ୍କର ସୁରକ୍ଷା, ନିରାପତ୍ତା ଓ ଧର୍ମ ନିରପେକ୍ଷ ତଥା ଅହିଂସା ନୀତି ଏବଂ ଆତଙ୍କବାଦର ଅବସାନ ପାଇଁ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଶାସନନୀତିକୁ ସମସ୍ତେ ବିଦେଶରେ ମଧ୍ୟ ପ୍ରଶଂସା କରି ଆସୁଛନ୍ତି । ତେଣୁ ଆମ ସଂବିଧାନ ପଞ୍ଚସ୍ତରୀ ବର୍ଷରେ ପଦାର୍ପଣ କରିବା ବେଳକୁ ଭାରତ ଯେ ତାହାର ସୁଦୃଢ଼ ଅର୍ଥନୀତି ଓ ସୁଶାସନ ଯୋଗୁଁ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାକୁ ଅଗ୍ରଗମନ କରୁଥିବ, ତାହା ହିଁ ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ, ଏଥିରେ ସନ୍ଦେହ ନାହିଁ ।

**ଭୁବନେଶ୍ୱର**
**ମୋ-୯୪୩୭୦୧୨୧୨୩**

> **ସାତଗୋଟି ସରଳ ଧାରାକୁ ଭିତ୍ତିକରି ଲେଖାଯାଇଛି ଆମେରିକାର ସଂବିଧାନ । ଜଣାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକା ଇତି ମଧ୍ୟରେ ତାର ସଂବିଧାନକୁ ୨୭ ଥର ସଂଶୋଧନ କରିଛି । ଅବଶ୍ୟ ଭାରତରେ ୧୯୫୦ରୁ ସଂବିଧାନ ଆରମ୍ଭ ହେବା ଦିନରୁ ଏହାର ୭୫ ବର୍ଷ ପୂର୍ତ୍ତି ପୂର୍ବରୁ ଆମ ସଂବିଧାନକୁ ପ୍ରାୟ ୧୦୬ ଥର ସଂଶୋଧନ କରାଗଲାଣି । ୧୦୬ ସଂଶୋଧନ ଜରିଆରେ ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ଏହି ସଂଶୋଧନକୁ ସର୍ବାଧିକ ଥର ବୋଲି ମଧ୍ୟ କୁହାଯାଇ ପାରିବ ।**

# ଆତ୍ମନିର୍ଭର ମହିଳା ସୁବାହକ ଯୋଜନା



**ପ୍ରଭାକର ସାହୁ**

ଯେତେବେଳେ ଏକ ସରକାରୀ କାର୍ଯ୍ୟକ୍ରମ ସବସିଡିଠାରୁ ଆଗକୁ ଯାଇ ମର୍ଯ୍ୟାଦା ଏବଂ ସଶକ୍ତୀକରଣ କ୍ଷେତ୍ରରେ ପ୍ରବେଶ କରେ, ସେତେବେଳେ ଏହା କେବଳ ବ୍ୟକ୍ତି ବିଶେଷଙ୍କୁ ନୁହେଁ ବରଂ ସମଗ୍ର ସମ୍ପ୍ରଦାୟକୁ ପରିବର୍ତ୍ତନ କରିଥାଏ । ମହିଳାମାନଙ୍କୁ ଗତିଶୀଳତା, ଆର୍ଥିକ ସ୍ୱାଧୀନତା ଏବଂ ଦୀର୍ଘକାଳୀନ ଜୀବିକାର ଶକ୍ତି ଯୋଗାଇବା ଉଦ୍ଦେଶ୍ୟରେ ୪୬.୬୬ କୋଟି ଟଙ୍କା ପ୍ରାରମ୍ଭିକ ବ୍ୟୟ ବରାଦରେ ଓଡ଼ିଶାର ନୂତନ ଭାବେ ଆରମ୍ଭ ହୋଇଥିବା ଆତ୍ମନିର୍ଭର ମହିଳା ସୁବାହକ ହେଉଛି ଏହିପରି ଏକ ସୁଦୂର ପ୍ରସାରୀ ପଦକ୍ଷେପ ।

ଏହି ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିବାର ନିଷ୍ପତ୍ତି ମହିଳା କେନ୍ଦ୍ରୀୟ ବିକାଶ ପ୍ରତି ରାଜ୍ୟ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ନୀତି ସ୍ତରରେ ଏହି ପଦକ୍ଷେପକୁ ରଣନୀତି ମୂଳକ ଭାବେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଦ୍ୱାରା ପରିଚାଳିତ କରାଯାଉଛି । ସ୍ଥାୟୀ ଗତିଶୀଳତା, ମହିଳା ସୁରକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ତାଙ୍କର ଗୁରୁତ୍ୱ ଏହି ଯୋଜନାକୁ ଏକ ସୁସଂଗଠିତ, ଭବିଷ୍ୟତ ପାଇଁ ପ୍ରସ୍ତୁତ ମଡେଲରେ ବିକଶିତ କରିବାରେ ସାହାଯ୍ୟ କରିଛି । ତାଙ୍କ ନେତୃତ୍ୱରେ ବିଭାଗ ସୁନିଶ୍ଚିତ କରିଛି ଯେ ଏହି ଯୋଜନା କେବଳ ଘୋଷଣା କରାଯାଇ ନାହିଁ ବରଂ ଏକ ଦୃଢ କାର୍ଯ୍ୟକାରିତା ରୋଡମ୍ୟାପ୍ ସହିତ ସମର୍ଥିତ-ପ୍ରଶିକ୍ଷଣ ଏବଂ ଲାଇସେନ୍ସଠାରୁ ଆରମ୍ଭ କରି ଆର୍ଥିକ ସହାୟତା ଏବଂ କ୍ରୟ ପରବର୍ତ୍ତୀ ସହାୟତା ପର୍ଯ୍ୟନ୍ତ ରହିଥାଏ ।

ସ୍ୱାଧୀନ ଭାବରେ ଗାଡ଼ି ଚଳାଇବା କିମ୍ବା ସରକାରୀ ସଂସ୍ଥା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସଂସ୍ଥାମାନଙ୍କୁ ଯାନ ଭଡ଼ା ଦେବା ଏହି ଯୋଜନାର ଦୃଢ ଏବଂ ମହିଳା ଅନୁକୂଳ ଅଟେ । ଏହି କାର୍ଯ୍ୟକ୍ରମର ମୌଳିକ ଢାଞ୍ଚା ଏହାକୁ ଏକ ସୁବିଧା ଭାବରେ ନୁହେଁ ବରଂ ଜୀବିକା ନିର୍ବାହ ଭାବରେ ବିବେଚନା କରାଯାଏ । ଚାରି ବର୍ଷ ମଧ୍ୟରେ ୧୧୦୦ ମହିଳାଙ୍କୁ ନିଜର ଗାଡ଼ି କିଣିବା ପାଇଁ ସହାୟତା ପ୍ରଦାନ କରି ସରକାର ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ସୁଧ ବୋଝକୁ ବହନ କରିବା, ଗାଡିର ଅନ-ରୋଡ ମୂଲ୍ୟର ୧୦ ପ୍ରତିଶତ ପୁଞ୍ଜି ସହାୟତା ପ୍ରଦାନ କରିବା ଏବଂ ଋଣ ସହିତ ଜଡିତ ସାଧାରଣ ଆର୍ଥିକ ଚିନ୍ତା ଦୂର କରି ତିନି ମାସର ଇଏମଆଇ ଆଗୁଆ ପ୍ରଦାନ କରିବା ଆଦି ଅର୍ନ୍ତଭୁକ୍ତ ।

ଏହା ଏକ ବିରଳ ଉଦାହରଣ ଯେଉଁଠାରେ ସାର୍ବଜନୀନ ନୀତି ମହିଳା ଉଦ୍ୟମ ପାଇଁ ଉଭୟ ଗଠନମୂଳକ ଏବଂ ମାନସିକ ପ୍ରତିବନ୍ଧକକୁ ଦୂର କରିଥାଏ ।

ଦକ୍ଷତାର ଅଭାବ ଅପେକ୍ଷା ସାମାଜିକ ନିୟମ ଯୋଗୁଁ ଡ୍ରାଇଭିଂ ପ୍ରାୟତଃ ଏକ ପୁରୁଷ-ପ୍ରାଧାନ ବୃତ୍ତି ହୋଇ ରହିଛି । ଆତ୍ମନିର୍ଭର ମହିଳା ସୁବାହକ ଆନୁଷ୍ଠାନିକ ଡ୍ରାଇଭିଂ ପ୍ରଶିକ୍ଷଣକୁ ଏକ ପୂର୍ବ ସର୍ତ୍ତ କରି ସିଧାସଳଖ ଏହି ଅଭାବକୁ ଦୂର କରି ପାରିଛନ୍ତି । ମହିଳାମାନେ ରାଜ୍ୟର ଡ୍ରାଇଭିଂ ଏବଂ ଗବେଷଣା କେନ୍ଦ୍ରରୁ ପ୍ରାପ୍ତ ଲାଇସେନ୍ସ ଆଣିବା ସହିତ ବୃତ୍ତିଗତ ଦକ୍ଷତାରେ ତାହାକୁ କାମରେ ଲଗାନ୍ତି ।

ସମ୍ପୃକ୍ତ ମହିଳା ୨୧ ବର୍ଷରୁ ୪୦ ବର୍ଷ ବୟସ ମଧ୍ୟରେ ହୋଇଥିବେ ଏବଂ ବାର୍ଷିକ ପାରିବାରିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଏବଂ ଅତି କମ୍‌ରେ ପାଞ୍ଚ ବର୍ଷ ପାଇଁ ଗାଡ଼ି ଚଳାଇବାକୁ ପ୍ରତିବଦ୍ଧତା ଥିଲେ, ଏହି ଯୋଜନାକୁ ସାମାଜିକ ଏବଂ ଅର୍ଥନୈତିକ ଉନ୍ନତି ଦୃଷ୍ଟିରୁ ଆଗକୁ ବଢ଼ା ଯାଇଥାଏ ।

ଏହି ଯୋଜନାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ସରକାରୀ ବିଭାଗ ଏବଂ ଅନୁଷ୍ଠାନଗୁଡ଼ିକଦ୍ୱାରା ଏହି ମହିଳା ଚାଳିତ ଯାନଗୁଡିକର ବ୍ୟବହାରକୁ ପ୍ରାଥମିକତା ଦିଆଯିବ । ଏହା ଏକ ନିର୍ଭରଯୋଗ୍ୟ ଗ୍ରାହକ ଆଧାର ସୃଷ୍ଟି କରିବା ସହିତ ହିତାଧିକାରୀଙ୍କ ପାଇଁ ଆୟ ପ୍ରବାହ ବଜାୟ ରଖିବ । କୁଟ ଓଏସଆରଟିସି ବସ୍‌ର ମହିଳା ଚାଳକ, ଏସଏଚଜି ସଦସ୍ୟ ଏବଂ ସୁଭଦ୍ରା ଯୋଜନା ହିତାଧିକାରୀଙ୍କୁ ପ୍ରାଥମିକତା ଦିଆଯିବ ।

ବିଶ୍ୱର ବିଭିନ୍ନ ଦେଶମାନେ ସ୍ୱୀକାର କରୁଛନ୍ତି ଯେ ମହିଳା ନେତୃତ୍ୱାଧୀନ ଗତିଶୀଳତା ପଦକ୍ଷେପ ନିରାପଦ, ଅଧିକ ଅନ୍ତର୍ଭୁକ୍ତ ଏବଂ ଅର୍ଥନୈତିକ ପରିବହନ ବ୍ୟବସ୍ଥା ସୃଷ୍ଟି କରିଥାଏ । ଓଡ଼ିଶାର ମଡେଲ ଏହାର ପ୍ରତିଫଳନ କରେ । ଏହା ସଫଳ ଜାତୀୟ ଉଦାହରଣ ସହିତ ମେଳ ଖାଉଛି ଯେଉଁଠାରେ ମହିଳା ଟ୍ୟାକ୍ସି ଚାଳକମାନେ ସୁରକ୍ଷା ଧାରଣାକୁ ଉନ୍ନତ କରିଛନ୍ତି ଏବଂ ନୂତନ ବୃତ୍ତିଗତ ମାନଦଣ୍ଡ ସ୍ଥିର କରିଛନ୍ତି ।

ଯୋଜନାର ସମ୍ପୂର୍ଣ୍ଣ ସଫଳତା ପାଇଁ ମହିଳାମାନଙ୍କ ଲାଗି ଉନ୍ନତ ମଡ୍ୟୁଲ୍ ସହିତ ଡ୍ରାଇଭିଂ ପ୍ରଶିକ୍ଷଣ କେନ୍ଦ୍ରର ନବୀକରଣ, ଆର୍ଥିକ ସାକ୍ଷରତା, ଯାନ ରକ୍ଷଣାବେକ୍ଷଣ ଅଭିଜ୍ଞତା ଏବଂ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ, ରାଇଡ୍-ହେଲିଂ ପ୍ଲାଟଫର୍ମ ଏବଂ ସରକାରୀ ପରିବହନ ସହିତ ହିତାଧିକାରୀଙ୍କୁ ସାମିଲ କରିବା, ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ବୀମା ଏବଂ ସାମାଜିକ ସୁରକ୍ଷା ସହାୟତା ବିସ୍ତାର କରିବା ଦିଗରେ ପ୍ରମୁଖ ଶାସନ ସଚିବ ଏହି ମିଶନର ନେତୃତ୍ୱ ନେଉଛନ୍ତି । ରାଜ୍ୟ ସରକାରଙ୍କ ସକ୍ରିୟ ପ୍ରତିବଦ୍ଧତା, ଏହି କାର୍ଯ୍ୟକ୍ରମ ଏକ ବୃହତ ମହିଳା ପରିବହନ ଆନ୍ଦୋଳନରେ ବିକଶିତ ହେବା ପାଇଁ ଉପଯୁକ୍ତ ବୋଲି ମନେ ହେଉଛି ।

ମହିଳାମାନଙ୍କୁ ପରିବହନ କ୍ଷେତ୍ରରେ ସାମିଲ କରି ଓଡ଼ିଶା ଗତିଶୀଳତା, ଜୀବିକା ସୃଷ୍ଟି ଏବଂ ଲିଙ୍ଗଗତ ସମାନତାକୁ ପୁନଃ ପରିଭାଷିତ କରୁଛି । ଆତ୍ମନିର୍ଭର ମହିଳା ସୁବାହକ କେବଳ ଏକ ଯୋଜନା ନୁହେଁ, ଏହା ମହିଳାମାନଙ୍କର ନେତୃତ୍ୱ ନେବା, ରୋଜଗାର କରିବା ଏବଂ ପ୍ରେରଣା ଦେବା ପାଇଁ ଏକ ପ୍ରେରଣା ।

ଯଦି ଏହି ଯୋଜନା ଦୃଢ଼ ବିଶ୍ୱାସର ସହ ସଫଳ ଭାବେ କାର୍ଯ୍ୟକାରୀ ହୁଏ, ତେବେ ଏହି ପଦକ୍ଷେପ ଓଡ଼ିଶାର ସବୁଠାରୁ ପ୍ରଭାବଶାଳୀ ସାମାଜିକ-ଅର୍ଥନୈତିକ ହସ୍ତକ୍ଷେପ ମଧ୍ୟରୁ ଅନ୍ୟତମ ହେବ । ହଜାର ହଜାର ମହିଳାଙ୍କୁ ସ୍ୱାଧୀନତା, ଆତ୍ମବିଶ୍ୱାସ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ନେଇଯିବ ।

**ମୋ- ୯୪୩୯୬୫୪୨୨୨**

# କାନ ପାଇଁ ମୁଣ୍ଡବିନ୍ଧା

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଶୀତ ବଢ଼ିଲାଣି, ଶୀତର ପ୍ରକୋପରେ ଅନେକଙ୍କର କାନବିନ୍ଧା ସମସ୍ୟା ଦେଖା ଦେଇଥାଏ । ବିଶେଷକରି କାନ ପାଇଁ ମୁଣ୍ଡବିନ୍ଧା ଏକ ଅନ୍ୟତମ ଯନ୍ତ୍ରଣାଦାୟକ ଅନୁଭୂତି । କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ । ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ ।

ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି । ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ । ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା । ଅନ୍ୟୂନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି । କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ଼ର ବ୍ୟବହାର କରନ୍ତି । ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ । କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍‌କାରେ ନିଅନ୍ତି । ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ । ଫଳରେ ମୁଣ୍ଡ ବୁଲାଇଥାଏ । କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମି କରି ହେଉ । ଏହାପରେ କାନକୁ ଭଲ ଶୁଣାଯାଏନା ।

କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ । ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ । ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ । ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ । କାନ କୁଣ୍ଡାଇ ହୁଏ । ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ । ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ । ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ । ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ । ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

**ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ମୋ- ୯୪୩୮୨୭୬୭୬୦**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତର...

ସମ୍ବିଧାନ ହେଉଛି ଆମର ଜାତୀୟ ଗର୍ବ । ଦେଶର ସମ୍ବିଧାନ ନିର୍ମାତାମାନେ ବ୍ୟକ୍ତିଗତ ଓ ଗଣତାନ୍ତ୍ରିକ ଅଧିକାର ନାଗରିକଙ୍କର ସୁରକ୍ଷିତ ରହୁ ବୋଲି ଚାହିଁଥିଲେ । ସେହିଭଳି ସେ ୩୭୦ ଧାରାର ଉଚ୍ଛେଦକୁ ଅବତାରଣ କରିଥିଲେ । ରାଷ୍ଟ୍ର ଏବେ ରାଜନୈତିକ ପ୍ରତିରୋଧ ଠାରୁ ମୁକ୍ତ ହୋଇଛି । ଗତ ଦଶନ୍ଧି ଧରି ଆମ ସଂସଦ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିଛି । ତ୍ରିପଲ ତଲାକକୁ ନିଷେଧ କରିବା ସହ ଜିଏସ୍‌ଟି ଲାଗୁ କରାଯାଇଛି । ଏହା ମହିଳା ଓ ଆର୍ଥିକ କ୍ଷେତ୍ରକୁ ସଶକ୍ତ କରିଛି । ଆମ ଦେଶ ଏବେ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାପାଇଁ ଆଗକୁ ବଢୁଛି । ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ମାଲାୟାଲମ, ମରାଠୀ, ନେପାଳି, ପଞ୍ଜାବୀ, ବୋଡୋ, କାଶ୍ମୀର, ତେଲୁଗୁ, ଓଡ଼ିଆ ଓ ଆସାମୀ ଭାଷାରେ ସମ୍ବିଧାନର ଡିଜିଟାଲ ଭର୍ସନକୁ ଉନ୍ମୋଚନ କରିଥିଲେ । ରାଷ୍ଟ୍ରପତି ମଧ୍ୟ ସମ୍ବିଧାନର ମୁଖବନ୍ଧକୁ ପଢ଼ିଥିଲେ । ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧି, ରାଜ୍ୟସଭା ଅଧ୍ୟକ୍ଷ ସସ୍ ହରିବଂଶ, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଓ କିରନ ରିଜ୍ଜୁଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ସଂସଦର ଉଭୟ ଗୃହର ଅନେକ ସାଂସଦ ଉପସ୍ଥିତ ଥିଲେ ।

## ଲୋକଙ୍କ...

ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି । ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ ।

ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢି ଚାଲିଥିବା ବେଦନା ଦାୟକ । ଗତ ୧୮ ମାସ ଭିତରେ ରାଜ୍ୟରେ ସ୍ଥିତିରେ ଅବନତି ଘଟିଛି । ନିକଟରେ କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଘଟଣା ଓଡିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ ଖେଦୋକ୍ତି ପ୍ରକାଶ କରିଥିଲେ ।

ଶ୍ରୀ ପଟ୍ଟନାୟକ କହିଲେ ଯେ ଆଜି ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି । ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି, ନା ମିଶନ ଶକ୍ତି ମା' ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି । ଚାଷୀ ଓ ମିଶନ ଶକ୍ତି ମା' ମାନଙ୍କ ପ୍ରତି ସରକାରଙ୍କ ଉଦାସୀନତାର ଦୃଢ଼ ବିରୋଧ କରାଯିବ ବୋଲି ସେ କହିଥିଲେ ।

ରାଜ୍ୟରେ ଚାଲିଥିବା ବିଜେପି ସରକାରଙ୍କୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି । ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି । ତେଣୁ ଜନସାଧାରଣଙ୍କ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡିଶାରେ ଧାନ ସଂଗ୍ରହ ନେଇ ଦେଖା ଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରୀବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଆସନ୍ତା କାଲି ମାନ୍ୟବର ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ ।

## ୪୧ ମାଓବାଦୀଙ୍କ...

ଏମାନଙ୍କ ନାମରେ ୧ କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ପୁଲିସ କହିଛି । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରେ ପିଏଲଜିଏ ବାଟାଲିୟନ ନମ୍ବର ୧ ର ୫ ଜଣ, ଏସିଏମ ୩ ଜଣ, ଏରିଆ କମିଟି ପାର୍ଟି ସଦସ୍ୟ ୧୧ ଜଣ, ପିଏଲଜିଏ ସଦସ୍ୟ ୨ଜଣ, ମିଲିସିଆ କମାଣ୍ଡର ୪ ଜଣ, ମିଲିସିଆ ଡେପୁଟି କମାଣ୍ଡର ଜଣେ, ମିଲିସିଆ ପ୍ଲାଟୁନ ସଦସ୍ୟ ୬ ଜଣ, ଅନ୍ୟ ଡିକେଏମଏସ ସଦସ୍ୟ, ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ମିଶାଇ ୯ ଜଣ ବୋଲି ପୁଲିସ କହିଛି । ଏମାନଙ୍କ ମଧ୍ୟରେ ୧୨ ଜଣ ମହିଳା ମାଓବାଦୀ ରହିଥିବା ବେଳେ ୨୯ ଜଣ ପୁରୁଷ ମାଓବାଦୀ ରହିଛନ୍ତି ।

ସୂଚନାଯୋଗ୍ୟ, ଆଜି ସୁଦ୍ଧା ବିଜାପୁର ଜିଲ୍ଲାରେ ୫୨୮ ଜଣ ମାଓବାଦୀ ଗିରଫ ହୋଇଥିବା ବେଳେ ୫୬୦ ଜଣ ମାଓବାଦୀ ଆତ୍ମସମର୍ପଣ କରିସାରିଛନ୍ତି । ଗୁଳିବିନିମୟରେ ୧୪୪ ଜଣ ମାଓବାଦୀ ନିହତ ହୋଇଥିବା ପୁଲିସ କହିଛି । ଏମାନଙ୍କ ମଧ୍ୟରୁ ୯ ଜଣ ନାମରେ ୮ ଲକ୍ଷ ଲେଖାଏଁ ପୁରସ୍କାର ରହିଛି ଏବଂ ୩ ଜଣ ନାମରେ ୫ ଲକ୍ଷ ଲେଖାଏଁ ରହିଛି । ପୁଲିସ ପ୍ରଶାସନ ତରଫରୁ ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏଥିସହ ସେମାନଙ୍କୁ ଆଗାମୀ ଦିନରେ ଆତ୍ମନିର୍ଭରଶୀଳ କରାଯିବ । ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଜଙ୍ଗଲ ମାଓ ଶୂନ୍ୟ ହେବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି . ପ୍ରକାଶ କରିଛନ୍ତି ।

## ଆବଶ୍ୟକ...

ଡିସେମ୍ବର ୪ ତାରିଖରେ ଶୁଣାଣି ହେବ ବୋଲି କୁହାଯାଇଥିବାବେଳେ ପଶ୍ଚିମବଙ୍ଗର ଯାଚିକା ଉପରେ ୯ ତାରିଖକୁ ସମୟ ଧାର୍ଯ୍ୟ କରାଯାଇଛି । ତାମିଲନାଡୁର ଏସ୍‌ଆଇଆରକୁ ନେଇ ରାଜନୈତି ଦଳ ଡିଏମ୍‌କେ, ସିପିଆଇ, ଟିଭିକେ ଆଦି ପକ୍ଷରୁ ଏହା ବିରୋଧରେ ଯାଚିକା ଦାଖଲ କରାଯାଇଥିବାବେଳେ ଏଆଇଏଡିଏମ୍‌କେ ପକ୍ଷରୁ ଏସ୍‌ଆଇଆର ସମର୍ଥନରେ ଯାଚିକା ଦାଖଲ ହୋଇଛି । ଡିଏମ୍‌କେର ଯାଚିକା ଅନୁଯାୟୀ ଏସ୍‌ଆଇଆର ତାମିଲନାଡୁରେ ଅକ୍ଟୋବରରୁ ଆସନ୍ତା ଜାନୁଆରୀ ୬ ଯାଏ ହେବ ବୋଲି ସ୍ଥିର ହୋଇଛି । ଏହି ସମୟରେ ଭୋଟର ତାଲିକା ସଂଶୋଧନ କରାଯିବ । ପଳାୟନ କରିଥିବା ବ୍ୟକ୍ତି ଓ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମ ଏଥିରୁ କଟାଯିବ । ଜାନୁଆରୀ ୬ରେ ସଂଶୋଧିତ ଭୋଟର ତାଲିକା ପ୍ରକାଶ କରାଯିବ । ଡିଏମ୍‌କେ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ ଏସ୍‌ଆଇଆର ଦ୍ୱାରା ଇସିଆଇ ନାଗରିକଙ୍କର କ୍ଷମତାକୁ ଛଡାଇ ନେବାକୁ ବସିଛନ୍ତି । ଏସ୍‌ଆଇଆର ହେଉଛି ଜାତୀୟ ରେଜିଷ୍ଟାର ନାଗରିକର ଏକ ଅଂଶ । ତେଣୁ ପଶ୍ଚିମବଙ୍ଗ ପକ୍ଷରୁ ତୃଣମୂଳ କଗ୍ରେସ ଏହା ବିରୋଧରେ ଯାଚିକା ଦାଖଲ କରିଛି । ପଶ୍ଚିମବଙ୍ଗ କଂଗ୍ରେସ କମିଟି ମଧ୍ୟ ଏହା ବିରୋଧରେ ଯାଇଛନ୍ତି । ପୁଡୁଚେରୀ ବିଧାନସଭାର ବିରୋଧୀ ଦଳ ନେତା ଏସ୍‌ଆଇଆରକୁ ବିରୋଧ କରିଛନ୍ତି ।

## ଓଡ଼ିଶା...

୨୦୨୪ ପାଇଁ ବଂଶୀବାଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ ଓ ସୁଧାକର ସାହୁଙ୍କୁ ଏହି ସମ୍ମାନ ମିଳିଛି । ୨୦୨୩ ବର୍ଷ ଲାଗି ନୃତ୍ୟ, ସଙ୍ଗୀତ ଓ ଅଭିନୟ ବର୍ଗରେ ୩୧ ଜଣଙ୍କୁ, ୨୦୨୪ ଲାଗି ୩୬ ଜଣ, ୨୦୨୫ ପାଇଁ ୩୨ ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ସେହିଭଳି କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ୨୦୨୩ ଲାଗି ୯ ଜଣ, ୨୦୨୪ ପାଇଁ ୭ ଜଣ ଓ ୨୦୨୫ ପାଇଁ ୮ ଜଣଙ୍କୁ ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଧାୟକ ବାବୁ ସିଂହ, ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ୧ରୁ...

ମନ୍ଦିରକୁ ପ୍ରବେଶ କରିପାରିବେ କେବଳ ଶୀତଦିନେ ନଭେମ୍ବର ମାସରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ସକାଳ ୬ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର । ଗୁଣ୍ଡିଚା ମନ୍ଦିର ଉନ୍ନତି ମୂଳକ କିଛି ବାକି ରହିଥିବାରୁ ସିଂହଦ୍ୱାର ଦେଇ ଭକ୍ତ ମାନଙ୍କ ପ୍ରବେଶ ପ୍ରସ୍ଥାନ କରିବାର ବ୍ୟବସ୍ଥା ହୋଇଛି । ସେପଟେ ଭକ୍ତମାନଙ୍କ ଜୋତା ଓ ମୋବାଇଲ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଶୁଳ୍କ କରାଯାଇଛି । ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ରାମ୍ପ ବ୍ୟବସ୍ଥା କରାଯାଇଛି । ସ୍ୱେଚ୍ଛାସେବୀମାନେ ଦିବ୍ୟାଙ୍ଗ ଭକ୍ତମାନଙ୍କ ପାଇଁ ନିୟୋଜିତ କରାଯିବ । ତ୍ରୁଟି ଶୂନ୍ୟ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତି ହୋଇଛି । ପରିଚାଳନା କମିଟିର ସଦସ୍ୟ ମାନେ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି । ଭକ୍ତମାନେ ଶୃଙ୍ଖଳିତ ସୁରକ୍ଷିତ ଦର୍ଶନ ଉପରେ ଦିଆଯାଇଛି ଗୁରୁତ୍ୱ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

## ଓଡ଼ିଶାରେ...

ଦେବାରେ ସକ୍ଷମ କରିବ - ଅର୍ଥାତ ଲୋକ-କେନ୍ଦ୍ରିକ ବିକାଶ ହେବ । ଓଡ଼ିଶା ବିକାଶ ସମାବେଶ ୨୦୨୫ ରୁ ମୋର ମୁଖ୍ୟ ଶିକ୍ଷା ହେଉଛି ସହଯୋଗର ଦର୍ଶନ ଏହା ହେଉଛି ସଂସ୍କାରର ରାସ୍ତା ବୋଲି ଶ୍ରୀ ଆହୁଜା କହିଥିଲେ ।

ଏକ ଉତ୍ସର୍ଗୀକୃତ ପରିବର୍ତ୍ତନ ପାଣ୍ଠି ଏବଂ ଶକ୍ତି ପରିବର୍ତ୍ତନ ନୀତି ଘୋଷଣା କରି, ଓଡ଼ିଶା ସରକାରଙ୍କ ଶକ୍ତି ସଚିବ ବିଶାଳ କୁମାର ଦେବ ଗୁରୁତ୍ୱାରୋପ କରିଛନ୍ତି ଯେ ଶକ୍ତି ପରିବର୍ତ୍ତନ କେବଳ ନବୀକରଣ ଶକ୍ତି ବିକାଶ ବିଷୟରେ ନୁହେଁ । ଏହା ନିଯୁକ୍ତି , ଅନ୍ତର୍ଭୁକ୍ତ ବିକାଶ ଏବଂ ସମସ୍ତଙ୍କୁ ଲାଭ ପହଞ୍ଚାଉଥିବା ଏକ ପରିବର୍ତ୍ତନ ସୁନିଶ୍ଚିତ କରିବା ବିଷୟରେ ଅଟେ । ଆମେ ଏହି ସମସ୍ତ ବିଷୟକୁ ସମ୍ବୋଧିତ କରୁଥିବା ଏକ ବ୍ୟାପକ ଶକ୍ତି ପରିବର୍ତ୍ତନ ନୀତି ପ୍ରଣୟନ କରୁଛୁ । ଏହା ସହିତ, ପରିବର୍ତ୍ତନ ମାଧ୍ୟମରେ ଶ୍ରମିକ ଏବଂ ସମ୍ପ୍ରଦାୟକୁ ସମର୍ଥନ କରିବା ପାଇଁ ଏକ ଉତ୍ସର୍ଗୀକୃତ ପରିବର୍ତ୍ତନ ପାଣ୍ଠି ସୃଷ୍ଟି କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ ।

କାର୍ଯ୍ୟକ୍ରମରେ ମତ ରଖି ଆଇଫରେଷ୍ଟ ର ନ୍ୟାୟ ପରିବର୍ତ୍ତନ ଏବଂ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶିକା ଶ୍ରେଷ୍ଠା ବାନାର୍ଜୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଆଉ କେବଳ ଏକ ବୈଜ୍ଞାନିକ ଚିନ୍ତା ନୁହେଁ - ଏହା ଏକ ବିକାଶ ପ୍ରସଙ୍ଗ । ଆମର ନୂତନ ଜଳବାୟୁ ଏବଂ ନ୍ୟାୟପୂର୍ଣ୍ଣ ପରିବର୍ତ୍ତନ ମଞ୍ଚର ଲକ୍ଷ୍ୟ ହେଉଛି ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ବିକାଶ ଯୋଜନାର କେନ୍ଦ୍ରରେ ଜଳବାୟୁ ବିଚାରକୁ ସାମିଲ କରିବା ପାଇଁ ନାଗରିକ, ଶିଳ୍ପ ଏବଂ ପ୍ରତିଷ୍ଠାନ ଗୁଡ଼ିକୁ ଏକାଠି କରିବା ।

ସିୱାଇଏସଡିର ସହ-ପ୍ରତିଷ୍ଠାତା ଜେ. ଜଗଦାନନ୍ଦ, ଏହି ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ଆମେ ଜନସଂଖ୍ୟାଗତ ପରିବର୍ତ୍ତନ ଏବଂ ଜଳବାୟୁ ସ୍ଥିରତାର ଏକ ଗୁରୁତ୍ୱପୂର୍ଣ୍ଣ ଛକରେ ଠିଆ ହୋଇଛୁ । ଓଡ଼ିଶାର ମହତ୍ୱାକାଂକ୍ଷୀ ଦୃଷ୍ଟିକୋଣକୁ ସାକାର କରିବା ପାଇଁ, ଆମକୁ ହାତ ମିଳାଇବା ସହ ଏକାଠି କାମ କରୁଥିବା ଅନୁଷ୍ଠାନ ଏବଂ ଉଦ୍ଦେଶ୍ୟମୂଳକ ସହଭାଗୀତା ଆବଶ୍ୟକ । ଓଡ଼ିଶା ବିକାଶ ସମାବେଶ ହେଉଛି ସାମୂହିକ କଳ୍ପନା ପାଇଁ ଏକ ସ୍ଥାନ, ଏବଂ ଏକ ନ୍ୟାୟ ପରିବର୍ତ୍ତନ ଏବଂ ଜଳବାୟୁ ଫୋରମକୁ ପ୍ରତିଷ୍ଠା କରିବା ଏକ ପ୍ରମୁଖ ପଦକ୍ଷେପ ।

ଏହି ଅଧ୍ୟୟନରୁ ଜଣାପଡିଛି ଯେ ଏକ ନ୍ୟାୟପୂର୍ଣ୍ଣ ଶକ୍ତି ପରିବର୍ତ୍ତନ ହାସଲ କରିବା ପାଇଁ କାର୍ଯ୍ୟଶକ୍ତି ବିକାଶ ମୁଖ୍ୟ କାରଣ, ଯାହାଦ୍ୱାରା ଓଡ଼ିଶାର ଯୁବପିଢ଼ି ଏବଂ ଶ୍ରମିକମାନେ ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ଯାନବାହନ ଏବଂ ସବୁଜ ଉତ୍ପାଦନ ଇତ୍ୟାଦି ଉଦୀୟମାନ ସବୁଜ ଅର୍ଥନୈତିକ କ୍ଷେତ୍ରଗୁଡ଼ିକରେ ନିଯୁକ୍ତି ପାଇପାରିବେ ।

## ସିବିଆଇ...

ପ୍ରାୟ ୫ଦିନରେ ପହଞ୍ଚିଥିବା ବେଳେ ତଦନ୍ତକାରୀ ଟିମ୍ ୧୩ଜଣ ଆଶାୟୀଙ୍କୁ ପଚରାଉଚରା କରିସାରିଛି । ସେମାନଙ୍କ ବୟାନ ଭିତ୍ତିରେ ସିବିଆଇ ତଦନ୍ତକାରୀ ଟିମ୍ ୪ଜଣଙ୍କୁ ରିମାଣ୍ଡରେ ଆଣିବା ପାଇଁ ନିଷ୍ପତ୍ତି କରିଥିଲା ।

ନିଷ୍ପତ୍ତି ଅନୁଯାୟୀ ତଦନ୍ତକାରୀ ଟିମ୍ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ୪ଦିନ ରିମାଣ୍ଡ ଆବେଦନ କରିଥିବା ବେଳେ କୋର୍ଟ ୩ ଦିନ ପାଇଁ ଅନୁମତି ଦେଇଥିଲେ । ଅନୁମତି ଅନୁଯାୟୀ ତଦନ୍ତକାରୀ ଟିମ୍ ବିଶ୍ୱଜିତ ବେହେରା (ଏସ୍‌ଏସ୍‌ବି ଯବାନ), ବିଶ୍ୱରଞ୍ଜନ ହରିଚନ୍ଦନ, ଲୋକନାଥ ସାହୁ, ତପିମ୍ ଅହମ୍ମଦ ଖାନ୍‌ଙ୍କୁ ହେପାଜତକୁ ନେଇଛି ଜେରା କରିବା ପାଇଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗିରଫ ହୋଇଥିବା ୧୨ଦଲାଲ ବ୍ରହ୍ମପୁର ଜେଲରୁ ଭୁବନେଶ୍ୱର ଝାରପଡା ଜେଲ୍‌କୁ ଆସିଛନ୍ତି । ଏହି ୪ଜଣଙ୍କୁ ଜେରା ପରେ ଅନ୍ୟ କେଉଁମାନଙ୍କୁ ଜେରା କରାଯିବ ଓ ଅନ୍ୟ କେଉଁ ଦଲାଲମାନଙ୍କୁ ରିମାଣ୍ଡରେ ଅଣାଯିବ ତାହା ସ୍ପଷ୍ଟ ହୋଇନାହିଁ । ରିମାଣ୍ଡରେ ଆସିଥିବା ୪ ଦଲାଲଙ୍କ ସହ କେତେକ ଆଶାୟୀଙ୍କୁ ବସାଇ କ୍ରସ୍ ଜେରା କରାଯାଇପାରେ । କାରଣ ଏହି ଦଲାଲମାନେ ଆଶାୟୀ ସଂଗ୍ରହ ଦାୟିତ୍ୱରେ ଥିଲେ । ଯେଉଁ ଆଶାୟୀଙ୍କ ଠାରୁ ସେ ଟଙ୍କା ଓ ସାର୍ଟିଫିକେଟ୍ ପ୍ରଭୃତି ଆଣିଥିଲେ ହୁଏତ ସେମାନଙ୍କ ସହ କ୍ରସ ଜେରା କରାଯାଇପାରେ ।

## ଭୋଟ୍...

ଶୃଙ୍ଖଳା ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦାଦନ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଧାନମଣ୍ଡିରେ କଟନୀ ଛଟନୀ ଚାଷୀଙ୍କୁ ହନ୍ତସନ୍ତ କରୁଛି । ଓବିସି ସଂରକ୍ଷଣ ପ୍ରସଙ୍ଗକୁ ମଧ୍ୟ ଗୃହରେ ଉଠାଯିବ । ଏହି ପ୍ରସଙ୍ଗ ସମେତ ୧୦ ରୁ ୧୫ ପ୍ରସଙ୍ଗ ଗୃହରେ ଉପସ୍ଥାପନ ହେବ ବୋଲି ଶ୍ରୀ କାଡାମ କହିଛନ୍ତି । ଏହାଛଡା ଆଉ ଯେଉଁ ଜ୍ୱଳନ୍ତ ପ୍ରସଙ୍ଗ ଆସିବ ତାହା ଉତ୍‌ଥାପନ ହେବ ।

## ଆଜିଠୁ...

ଘଣ୍ଟା ଧରି ଶ୍ରୀମତୀ ମୁର୍ମୁ ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ ।ସେହି ଦୃଷ୍ଟିରୁ ବିଧାନସଭାକୁ ସେ ସମ୍ବୋଧିତ କରିବା ଉଲ୍ଲେଖନୀୟ । ଯଦିଓ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ରାଷ୍ଟ୍ରପତି ଚାହିଁଲେ ଯେକୌଣସି ବିଧାନସଭା ଅଧିବେଶନକୁ ସମ୍ବୋଧିତ କରିପାରିବେ । ଏଭିତରେ ରାଷ୍ଟ୍ରପତି କିଛି ରାଜ୍ୟ ଓ ବିଦେଶରେ ମଧ୍ୟ ବିଧାନସଭା ଏବଂ ସଂସଦକୁ ସମ୍ବୋଧିତ କରିଛନ୍ତି ।

ନଭେମ୍ବର ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପିତ ହେବ । ନଭେମ୍ବର ୨୭ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ରହିଛି ୨୯ ଟି କାର୍ଯ୍ୟଦିବସ । ଡିସେମ୍ବର୪ରୁ ୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅତିରିକ୍ତ ବଜେଟ ଉପରେ ଆଲୋଚନା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଲ ଗୃହିତ ହେବ । ସେଥିମଧ୍ୟରେ ୨୪ଟି ସରକାରୀ କାର୍ଯ୍ୟ ଦିବସ ଥିବା ବେଳେ ୫ଟି ବେସରକାରୀ ଦିବସ ରହିଛି ।

ବୁଧବାର ପୂର୍ବାହ୍ନରେ ୧୨ଟା ୩୦ରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ଗୃହକୁ ସୁରୁଖୁରୁରେ ଓ ଶାନ୍ତିଶୃଙ୍ଖଳାର ସହ ଚଳାଇବା ପାଇଁ ସମସ୍ତ ଦଳର ସହଯୋଗ ଲୋଡ଼ିଛନ୍ତି ବାଚସ୍ପତି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ ।

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ, ବାଚସ୍ପତି ସମସ୍ତ ଦଳର ସଦସ୍ୟଙ୍କୁ ଗୃହର ମର୍ଯ୍ୟାଦା ରକ୍ଷା କରି ସୁଚାରୁରୂପେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି । ବିରୋଧୀ ଦଳମାନେ ମଧ୍ୟ ଶାସକ ଦଳ ଯେପରି ସମୟ ପାଇଛି, ସେହିପରି ସମାନ ସମୟ ଓ ସୁଯୋଗ ତାଙ୍କୁ ମିଳିବା ଉପରେ ଗୁରୁତ୍ୱ ଦେଇଛନ୍ତି । ବିଲ୍ ଆସିବା ପାଇଁ ବିଜିନେସ୍ ଆଡଭାଇଜରୀ କମିଟି ନିଷ୍ପତ୍ତି ହୋଇଛି ।

# ଆଇଫରେଷ୍ଟ ଅଧ୍ୟୟନର ରିପୋର୍ଟ ଉପସ୍ଥାପନ

ଭୁବନେଶ୍ୱର(ସବ୍ୟୁ): ସମାବେଶ ସମୟରେ, ଆଇଫରେଷ୍ଟ' ଓଡିଶାର ସବୁଜ କର୍ମଶକ୍ତି ନିର୍ମାଣ - ଦକ୍ଷତା ଇକୋସିଷ୍ଟମକୁ ଦୃଢ଼ କରିବା ଏବଂ ଉଦୀୟମାନ ଅର୍ଥନୀତିରେ ସମନ୍ୱୟକୁ ସକ୍ଷମ କରିବା' ଶୀର୍ଷକ ଏକ ପ୍ରମୁଖ ରିପୋର୍ଟ ପ୍ରକାଶ କରିଛି ।

ଆଇଫରେଷ୍ଟ ଅଧ୍ୟୟନରୁ ଜଣାପଡିଛି ଯେ ବର୍ତ୍ତମାନ ରାଜ୍ୟର ସବୁଜ କର୍ମଶକ୍ତିରେ ଏକ ବଡ଼ ଚାହିଦା-ଯୋଗାଣ ବ୍ୟବଧାନ ରହିଛି । ସୌର ଏବଂ ଇଭି ଭଳି କ୍ଷେତ୍ରଗୁଡ଼ିକ ଦ୍ରୁତ ଗତିରେ ବିସ୍ତାରିତ ହେଉଛି, ତଥାପି ଅଧିକାଂଶ ନୂତନ ପ୍ରବେଶକାରୀଙ୍କ ପାଖରେ ଆବଶ୍ୟକୀୟ ଦକ୍ଷତାର ଅଭାବ ଅଛି: ପ୍ରାୟ ୭୦% ଇଭି କର୍ମଚାରୀ ଏବଂ ୪୬% ସୌର ଶ୍ରମିକଙ୍କ ପାଖରେ କୌଣସି କ୍ଷେତ୍ର-ନିର୍ଦ୍ଦିଷ୍ଟ ତାଲିମ ନାହିଁ । ଏହା ବ୍ୟତୀତ, ତାଲିମ ପ୍ରତିଷ୍ଠାନଗୁଡ଼ିକର ସର୍ଭେରୁ ଏହା ମଧ୍ୟ ଜଣାପଡିଛି ଯେ ଓଡ଼ିଶାରେ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ର ବ୍ୟାପକ ନେଟଓ୍ୱାର୍କ ଏବଂ ୩୫୦ ରୁ ଅଧିକ ସ୍ୱଳ୍ପକାଳୀନ ଦକ୍ଷତା କେନ୍ଦ୍ର ସେ%୦, ସବୁଜ ଦକ୍ଷତାକୁ ମୁଖ୍ୟଧାରାର ବୈଷୟିକ ଶିକ୍ଷାରେ ସାମିଲ କରାଯାଇ ନାହିଁ ।

ରିପୋର୍ଟରେ ସୁପାରିଶ କରାଯାଇଛି ଯେ ସମଗ୍ର କର୍ମଶକ୍ତି ବିକାଶ ସୁନିଶ୍ଚିତ କରିବା ପାଇଁ ଓଡ଼ିଶାକୁ ସମୟ ସୀମାବଦ୍ଧ ରଣନୀତି ସହିତ ଏକ ସବୁଜ ନିଯୁକ୍ତି ଏବଂ ଦକ୍ଷତା ମିଶନ ବିକଶିତ କରିବାକୁ ପଡିବ । ଶକ୍ତି ପରିବର୍ତ୍ତନ ଦ୍ୱାରା ସମ୍ଭାବ୍ୟ ଭାବରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ ଆଞ୍ଚଳିକ ସବୁଜ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଜିବା ଦରକାର । ସୁଯୋଗ ମାନଚିତ୍ର କରିବା, ଦକ୍ଷତା ବ୍ୟବଧାନ ଚିହ୍ନଟ କରିବା ଏବଂ ସ୍ଥାନୀୟ ଦକ୍ଷତା ଯୋଜନା ଡିଜାଇନ୍ କରିବା ପାଇଁ ଜିଲ୍ଲା ସବୁଜ ଦକ୍ଷତା ପରିଷଦ ପ୍ରତିଷ୍ଠା କରାଜିବା ଦରକାର । ୪. ଆଇଟିଆଇ, ପଲିଟେକ୍ନିକ୍ସର ପାଠ୍ୟକ୍ରମରେ ସବୁଜ ଦକ୍ଷତାକୁ ଏକୀକୃତ କରାଜିବା ଦରକାର ଏବଂ ଏକ ଉତ୍ସର୍ଗୀକୃତ ସବୁଜ ତାଲିମ-ପ୍ରଶିକ୍ଷକ କାର୍ଯ୍ୟକ୍ରମ ବିକଶିତ କରାଜିବା ଦରକାର ।ଆଇଫରେଷ୍ଟ ଓଡ଼ିଶା ବିକାଶ ସମାବେଶ ୨୦୨୫ ରେ ତିନୋଟି ପ୍ରମୁଖ ଅଧିବେଶନ ମଧ୍ୟ ଆୟୋଜନ କରିଥିଲା । ଯେଉଁଥିରେ କି ନାଗରିକ ସମାଜ, ପ୍ରାକଫିସନର ଏବଂ ଅନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରଥିଲେ । ଅନ୍ତର୍ଭୁକ୍ତ ବିକାଶ ପାଇଁ କେବଳ ପରିବର୍ତ୍ତନ ସବୁଜ ଅର୍ଥନୀତିରେ କାର୍ଯ୍ୟଶକ୍ତିକୁ ଏକୀକୃତ କରିବା ଏବଂ ଜୀବିକା ନିର୍ବାପନ ଏବଂ ପୁନରୁତ୍‌ଥାନାତ୍ମକ ବୃଦ୍ଧି ପାଇଁ ବଜାର ବ୍ୟବସ୍ଥାର ପୁନଃକଳ୍ପନାଛ । ଆଇଫରେଷ୍ଟ ସମ୍ପର୍କରେ ପରିବେଶ, ସ୍ଥାୟୀତ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ଆନ୍ତର୍ଜାତୀୟ ଫୋରମ୍ ଏକ ସ୍ୱାଧୀନ ଅଣ-ଲାଭକାରୀ ଗବେଷଣା ଏବଂ ନବସୃଜନ ସଂଗଠନ ଯାହା ଭାରତରେ ପରିବେଶ-ବିକାଶ ଚ୍ୟାଲେଞ୍ଜ ଗୁଡ଼ିକୁ ସମାଧାନ ଉପରେ କାର୍ଯ୍ୟ କରୁଛି । ଯାହାର ମୁଖ୍ୟ ଧ୍ୟାନ ରାଜ୍ୟ ଏବଂ ଜିଲ୍ଲାଗୁଡ଼ିକ ଉପରେ ଥାଏ । ଆମେ ସ୍ୱାଧୀନ ପ୍ରମାଣ-ଆଧାରିତ ଗବେଷଣା କରୁ, ନୂତନ ଜ୍ଞାନ ଏବଂ ନବସୃଜନ ସମାଧାନ ବିକଶିତ କରୁ, ଏବଂ ସଚେତନତା ବୃଦ୍ଧି କରିବା, ସାମୂହିକ କାର୍ଯ୍ୟ ଚଲାଇବା ଏବଂ ସମାଧାନଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସ୍କେଲ୍-ଅପ୍ କରିବା ପାଇଁ ଅଂଶୀଦାରମାନଙ୍କ ସହିତ ଜଡିତ ହେଉ ବୋଲି କୁହାଯାଇଛି ।

**ସତ୍ୟପାଠ**

ନୋଟାରୀ ପବ୍ଲିକ୍, ଆସ୍କାଙ୍କ ନିକଟରେ ତା. ୨୧.୧୧.୨୦୨୫ ରେ ଏକ ସତ୍ୟପାଠ ନଂ. ୬୯୪ ଦ୍ୱାରା ମୁଁ "ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା", ବୟସ ପ୍ରାୟ ୪୯ ବର୍ଷ, ସ୍ୱାମୀ: କୃଷ୍ଣ ଚନ୍ଦ୍ର ପଣ୍ଡା, ବାସସ୍ଥାନ- ଗ୍ରାମ: ଭେଙ୍କଟେଶ୍ୱର ମନ୍ଦିର ଷ୍ଟ୍ରିଟ୍, କବିସୂର୍ଯ୍ୟ ନଗର, ପୋ/ଥାନା: କବିସୂର୍ଯ୍ୟ ନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏତଦ୍ୱାରା ଜଣାଇ ଦେଉଛି ଯେ, ତା. ୨୫.୦୨.୨୦୨୫ ରେ ରଜନୀ ପାତ୍ରଙ୍କ ଠାରୁ ଏକ ପ୍ଲଟ୍ ଯାହାର ପ୍ଲଟ୍ ନଂ.: ୨୧୦୧/୧୮୪୮୬, ଖାତା ନଂ.: ୨୨୩୯/୩୯୯୩, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ମୌଜା: କବିସୂର୍ଯ୍ୟ ନଗର, ଏସ୍‌ଆରଓ: କବିସୂର୍ଯ୍ୟ ନଗରର ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. ୧୦୬୫୨୫୦୦୨୩୪ କିଣିଥିଲି ଏବଂ ଉକ୍ତ ଖାତା ନଂ.: ୨୨୩୯/୩୯୯୩ର ମୂଳ ଆରଓଆର୍ (ଖାଲି ଆରଓଆର) ତାଙ୍କଠାରୁ ପ୍ରାପ୍ତ କରିଥିଲି । କିନ୍ତୁ କିଛି ମାସ ପୂର୍ବରୁ ମୁଁ ଏକ କାଠ ବାକ୍ସରେ ରଖିଥିବା ଉକ୍ତ ଆରଓଆରଟି ଉଇ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା

**AFFIDAVIT**

I,Sugriba Pattakhandal, aged about 85 years, S/o- Damburu Patakhandal, Resident of Nuagada, Padmapur, District- Rayagada, PIN-765025 Odisha by this Affidavit No.16708,Dtd-23.11.2025 Declare that henceforth, I shall be known as **Sugrib Patakhandal** for all future purposes.

ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, କଟକ
ଓ.ଏ.ନଂ......./୨୦୨୪ (୪୧ ଧାରା)
ମା' ହସ୍ତିବାହିନୀ ଠାକୁରାଣୀ ଓଗେର.................. ବାଦୀ
-ବନାମ-
ହିନ୍ଦୁ ସର୍ବସାଧାରଣ ଓଗେର .........................ପ୍ରତିବାଦୀଗଣ

**ବିଜ୍ଞାପନ**

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ମା ହସ୍ତିବାହିନୀ ଠାକୁରାଣୀ ବିଜେ ଗଡେଇରାଇଡପାଟଣା, ସା/ପୋ.ଅ-ଗଡେଇରାଇଡପାଟଣା, ଥାନା : କନ୍ଦରପୁର, ଜିଲ୍ଲା : କଟକ ଏକ ହିନ୍ଦୁ ସର୍ବସାଧାରଣ ମନ୍ଦିର, ତଫସିଲ ସମ୍ପତ୍ତି ସର୍ବସାଧାରଣ ହିନ୍ଦୁ ଦେବୋତ୍ତର ସମ୍ପତ୍ତି ବାଦୀ ନମ୍ବର ୨ ରୁ ୪ ମାନେ ଉକ୍ତ ଠାକୁରାଣୀଙ୍କର ମୌରସୀ ନ୍ୟାସୀ ଓ ମୌରସୀ ସେବକ ଏବଂ ତଫସିଲ ସମ୍ପତ୍ତିର ଉପାର୍ଜନ ଭାଗିରେ ସେବାପୂଜା ଖର୍ଚ୍ଚାନ୍ତେ ବଳକା ଭାଗ ଅର୍ଥକୁ ବାଦୀ ନମ୍ବର ୨ ରୁ ୪ ମାନେ ସେବାପୂଜା କରୁଥିବା ହେତୁ ଉପଭୋଗ କରନ୍ତି । ଉପରୋକ୍ତ ଦାବି କରି ବାଦୀମାନେ ଆମ ଇଜିଲାସରେ ଉପରୋକ୍ତ ମକଦ୍ଦମା ଆରତ କରିଅଛନ୍ତି । ଉକ୍ତ ମକଦ୍ଦମାରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଶ୍ରୀ ପୁଷ୍ପରାଜ ପ୍ରଧାନ, ପିତା – ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନ, ସା/ପୋ/ଅ-ଗଡେଇରାଇଡପାଟଣା, ଥାନା : କନ୍ଦରପୁର, ଜିଲ୍ଲା : କଟକଙ୍କୁ ପ୍ରତିନିଧିଭୁକ୍ତ କରି ଅଛନ୍ତି । ଏହି ପ୍ରତିନିଧିତ୍ୱରେ କାହାର କିଛି ଆପତ୍ତି ଥିଲେ ଆସନ୍ତା ତା. ୨୯.୧୨.୨୫ ରିଖ ସମୟ ଦିବା ୧୧ଟା ବେଳେ ଆମ ଇଜିଲାସରେ ହାଜର ହୋଇ ଆପତ୍ତି ଦର୍ଶାଇ ପାରିବେ ।

ସ୍ୱା/- ଶ୍ରୀ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକ

**ତଫସିଲ ସମ୍ପତ୍ତି**

ଜିଲ୍ଲା–କଟକ, ତହସିଲ– କଟକ ସଦର, ମୌଜା– ଗଡେଇରାଇଡପାଟଣା, ଖାତା ନଂ୧୮୪ର, ଚକ ନଂ୧୩୪ର, ପ୍ଲଟ ନଂ୧୫୪୬ର, ଏରିଆ ଏ ୦.୦୭୦ଡି.,
ଖାତା ନଂ୫୦୫ର, ଚକ ନଂ୧୩୨ର, ପ୍ଲଟ ନଂ୧୫୪୫ର, ଏରିଆ ଏ ୦.୧୭୦ଡି.
ଖାତା ନଂ୫୦୬ର
ପ୍ଲଟ ନଂ୯୮୪ର, ଏରିଆ ଏ ୦.୧୧୦ଡି
ଖାତା ନଂ୫୦୭ର
ପ୍ଲଟ ନଂ୧୪୩୭ର, ଏରିଆ ଏ ୦.୧୧୦ଡି, ପ୍ଲଟ ନଂ୧୪୩୮ର, ଏରିଆ ଏ ୦.୧୨୦ଡି, ପ୍ଲଟ ନଂ୧୪୩୯ର, ଏରିଆ ଏ ୦.୧୧୦ଡି., ପ୍ଲଟ ନଂ୧୪୫୪ର, ଏରିଆ ଏ ୦.୦୭୦ଡି, ପ୍ଲଟ ନଂ୧୪୯୬ର, ଏରିଆ ଏ ୦.୦୨୦ଡି., ପ୍ଲଟ ନଂ୧୪୯୭ର, ଏରିଆ ଏ ୦.୦୨୦ଡି. ପ୍ଲଟ ନଂ୧୪୯୮ର, ଏରିଆ ଏ ୦.୦୩୦ଡି., ପ୍ଲଟ ନଂ୧୫୦୦ର, ଏରିଆ ଏ ୦.୦୨୦ଡି., ପ୍ଲଟ ନଂ୧୫୦୧ର, ଏରିଆ ଏ ୦.୦୫୦ଡି, ପ୍ଲଟ ନଂ୧୫୦୨ର, ଏରିଆ ଏ୦.୦୭୦ଡି ପ୍ଲଟ ନଂ୧୫୦୩ର, ଏରିଆ ଏ ୦.୦୪୦ଡି ପ୍ଲଟ ନଂ୧୫୦୪ର, ଏରିଆ ଏ୦.୦୪୦ ଡି. ପ୍ଲଟ ନଂ୧୫୫୩ର, ଏରିଆ ଏ ୦.୦୨୦ଡି., ପ୍ଲଟ ନଂ୧୫୫୪ର, ଏରିଆ ଏ୦.୦୪୦ଡି ପ୍ଲଟ ନଂ୧୫୫୫ର, ଏରିଆ ୦.୦୨୦ଡି., ପ୍ଲଟ ନଂ୧୫୫୬ର, ଏରିଆ ଏ ୦.୨୫୦ଡି. ପ୍ଲଟ ନଂ୧୫୫୭ର, ଏରିଆ ଏ ୦.୦୨୦ଡି., ପ୍ଲଟ ନଂ୧୫୫୮ର, ଏରିଆ ଏ ୦.୦୨୦ଡି. ପ୍ଲଟ ନଂ୧୫୫୯ର, ଏରିଆ ଏ ୦.୧୦୦ଡି. ପ୍ଲଟ ନଂ୧୫୬୦ର, ଏରିଆ ଏ୦.୦୪୦ଡି. ପ୍ଲଟ ନଂ୧୫୬୨ର, ଏରିଆ ଏ ୦.୦୧୦ଡି., ଚକ ନଂ୧୩୬/୩୫୨ର, ପ୍ଲଟ ନଂ୧୫୮୫ର, ଏରିଆ ଏ ୦.୦୫୦ଡି. ପ୍ଲଟ ନଂ୧୪୫୩/୨୪୯୭ର, ଏରିଆ ଏ ୦.୦୨୦ଡି.,
ଖାତା ନଂ୫୦୮ର
ପ୍ଲଟ ନଂ୧୫୫୨ର, ଏରିଆ ଏ୦.୦୧୦ଡି., ପ୍ଲଟ ନଂ୧୫୮୪ର, ଏରିଆ ଏ ୦.୦୬୦ଡି, ଚକ ନଂ୧୩୬/୩୫୩ର, ପ୍ଲଟ ନଂ୧୫୮୬ର, ଏରିଆ ଏ୦.୨୮୦ଡି. ପ୍ଲଟ ନଂ୧୬୨୮ର, ଏରିଆ ଏ ୦.୨୧୦ଡି.
ଖାତା ନଂ୧୩ର
ପ୍ଲଟ ନଂ୧୬୦୬ର, ଏରିଆ ଏ୦.୦୪୦ଡି.,
ମୌଜା : ରାଜହଂସ, ଖାତା ନଂ୬୨୩ର, ଚକ ନଂ୪୦୧ର, ପ୍ଲଟ ନଂ୧୭୭୩ର, ଏରିଆ ଏ ୦.୧୪୦ଡି., ଚକ ନଂ୬୭୨ର, ପ୍ଲଟ ନ ୨୭୭୭ର, ଏରିଆ ଏ ୦.୨୯୦ଡି., ପ୍ଲଟ ନଂ୨୦୫୧/୨୮୨୮ର, ଏରିଆ ଏ ୦.୨୯୦ଡି., ପ୍ଲଟ ନଂ୧୬୮୮ର, ଏ ୦.୦୯୦ଡି.,
ଖାତା ନଂ୬୨୩ର
ଚକ ନଂ୪୦୧ର, ପ୍ଲଟ ନଂ୧୭୭୩ର, ଏରିଆ ଏ ୦.୧୪୦ଡି. ଚକ ନଂ୬୭୨ର, ପ୍ଲଟ ନଂ୨୭୭୭ର, ଏରିଆ ଏ ୦.୨୯୦ଡି., ପ୍ଲଟ ନଂ ୨୦୫୧/୨୮୨୮ର, ଏରିଆ ଏ ୦.୨୯୦ଡି., ପ୍ଲଟ ନଂ୧୬୮୮ର ଏ ୦.୦୯୦ଡି.,
ଖାତା ନଂ୩୮/୧୦୧ର
ପ୍ଲଟ ନଂ୭୦୩ର, ଏରିଆ ଏ ୦.୦୧୦ଡି. ପ୍ଲଟ ନଂ୭୦୨/୨୧୩୮ର, ଏରିଆ ଏ୦.୧୯୦ଡି.,
ମୋଟ ଏରିଆ

**LIC Housing Finance Ltd.**
LIC HFL — LIC HOUSING FINANCE LTD
Back Office, 6th Floor, Annex Building, IPICOL, Rupali Square, Janpath, Bhubaneswar-751022,
Mob.: 9440215656, E-mail: n.chandrasekhar@lichousing.com

**PREMISES REQUIRED ON RENT**

Sealed Offers are invited from the owners of commercial space at prominent locations on Main Road **preferably on Ground Floor / First Floor** having independent access, good frontage and ready for occupation/to be ready within short period of time with required independent power load along with space for four wheeler car parking at the below mentioned place / centre / location.

| Sl.No. | NAME OF BRANCH | CARPET AREA |
|---|---|---|
| 1. | BERHAMPUR | 1000-1250 sqft. (approx.) |

Last date to submit the application in all respect is **04.12.2025 upto 03:00 PM.** LIC HFL reserves the right to accept or reject any or all of the offers without assigning any reasons thereof.

Place: Bhubaneswar, Date: 27.11.2025 Sd/- Manager Operations, Back Office, Bhubaneswar

**AFFIDAVIT**

By virtue of an Affidavit sworn before the Executive Magistrate/ Notary, Paradip, I Mr. Sushant Sethy, S/o- Rabindra Sethy of Vill./Po.- Anantapur, Ps.- Balikuda, Dist.- Jagatsinghpur, Odisha- 754119 state that my actual name & Date of Birth is **Sushant Sethy & 17/06/1998** but in my Aadhhar Card it has been wrongly recorded as Susanta Sethy, DOB- 05/03/1997. That, **Sushant Sethy & 17/06/1998 & Susanta Sethy & 05/03/1997** is one and same person.

**AFFIDAVIT**

By virtue of an affidavit sworn before Executive Magistrate, BARGARH, Dated. 21st NOV 2025) I, LILI NAIK, Address VILL-MANDIRPADA, SARLA, PO-NUNIAJAMPALI, PS/DIST-BARGARH, PIN-768038, ODISHA, declare that I have changed the name of my daughter from SAPNA NAIK to SWAPNA NAIK. Henceforth, she shall be known as SWAPNA NAIK for all purposes.

(LILI NAIK)

GOVERNMENT OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, SAMBALPUR.
A-982
No. 4595/ Date.21.11.2025 Phone No.(0663)-2412791(Off.)
e-PROCUREMENT NOTICE E-mail :-eemisbp@yahoo.co.in
BID REF No: SE,MID,SBP/11/2025-26

| | | |
|---|---|---|
| Name of work | : | Civil Construction Works |
| No of works | : | 05 ( Five ) Nos |
| Estimated cost | : | Varies from approximately Rs. 24.78 lakh to Rs. 46.16 lakh for 05 Nos of work (Rs. 176.06 Lakh) |
| Tender paper cost | : | Referred to DTCN |
| Period of completion | : | Referred to DTCN. |
| Availability of bid through online | : | From dt. 28.11.2025 at 11.00 AM to dt. 08.12.2025 up to 05.30 PM in website(http://tendersodisha.gov.in) |
| Period of receipt of bid through online | : | From dt. 28.11.2025 at 11.00 AM to dt. 08.12.2025 up to 05.30 PM through online. |
| Date of opening of bid documents | : | On dt. 09.12.2025 at 10.00 AM. onwards. |
| Digital signature certificate of Bidder signature | : | The bidder must possess compatible digital certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://tendersodisha.gov in

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Sambalpur At-Motijharan,PO-BSS.Nagar,Dist -Sambalpur PIN-768001. Ph-0663-2412791. E-mail ID-eemisbp@yahoo.co in |
| Further details can be seen from the e Procurement market place | : | http://tendersodisha.gov.in |

Sd/- Superintending Engineer
M.I. Division, Sambalpur

GOVERNMENT OF ODISHA : OFFICE OF THE EXECUTIVE ENGINEER
RURAL WORKS DIVISION: RAYAGADA e-mail ID: rw_rayagada@yahoo.co.in
GEPNIC e-Procurement Notice
O-1533
Bid Identification No: EERWRGD - Online - 12/2025-26
Letter No-3725 Date : 18.11.2025

| | | | |
|---|---|---|---|
| 1 | Name of the Work | : | Construction of Building works |
| 2 | Total No. of Works | : | 01 No (Percentage rate tender) |
| 3 | Estimated Cost | : | Varies from 95.58 lakhs |
| 4 | Class of Contractor | : | "B" Class |
| 5 | Time of Completion | : | Specified in DTCN. |
| 6 | Mode of submission of tender | : | Tender should be submitted only in online https://www.tendersodisha.gov.in |
| 7 | Other details | : | Detailed tender condition specified in DTCN. |

| Procurement Officer | Bid Identification No. | No. of works | Availability of Tender online for Bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Rayagada | EERWRGD Online- 12/2025-26 | 01 (One) No | 27.11.2025 at 11.00 A.M. | 09.12.2025 up to 5.00 P.M. | 08.12.2025 up to 5.00 P.M. | 10.12.2025 at 11.00 A.M. | To be intimated separately |

Further details can be seen from the website : www.tendersodisha.gov.in

Sd/- Executive Engineer
Rural Works Division,
Rayagada

OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR
AT/P.O: Rajnagar, Dist: Kendrapara-754225, Phone: 06729-242460,
Control Room: 06729-242463, E-mail ID: dfo.rajnagarwl@odisha.gov.in
BID IDENTIFICATION NO- DFO MFD-Construction/01/1F(Accts.)/Tender/497/ Dated.25/11/2025
Dated, Rajnagar the 25th November, 2025
MM-306
**Tender Call Notice**

| | |
|---|---|
| Name of work : Division | Construction of Civil Works for Malkhana at Sansarphal of Rajnagar WL Range under Mangrove Forest (WL) Rajnagar during the FY-2025-26 |
| Total No. of Works | 01 no. |
| Eestimated Cost | Rs. 15.00 Lakh including GST |
| Period of completion | Three Calendar Months |
| Date of availability of bid Documents in portal and Office | Tender Document will be available in the O/o the Divisional Forest Officer, Mangrove Forest Division (WL) Rajnagar on payment of cost of Tender Document in shape of non-refundable Bank Draft in favour of Divisional Forest Officer, Mangrove Forest Division (WL) Rajnagar payable at Rajnagar from 11.00 AM of 27.11.2025 to 5.00 PM of 10.12.2025 or download from the https://odishaforest.in or https//forest.odisha.gov.in & https://wildlife.odisha.gov.in |
| Last date/time for receipt of bids | Up to 05.00 PM of 10.12.2025 |
| Receipt of bid documents : | Through direct deposit by hand / registered post / speed post to the Divisional Forest Officer, Mangrove Forest Division (WL) Rajnagar, Kendrapara, PIN-754225 on or before 10.12.2025 by 5.00 PM |
| Class of Contractor: | " C " &" D" Class Contractor |
| Receipt of EMD: be in Rajnagar, successful bidder will be | Earnest Money Deposit (EMD) @1% of the value of the work shall be submitted along with Tender, EMD will the shape of Demand Draft in favour of Divisional Forest Officer, Mangrove Forest Division (WL) Kendrapara. The EMD will be refunded to the unsuccessful bidder. The EMD for the released only after completion and handover the work. |
| Date & Time of opening of Bid documents | At 11.30 PM of 11.12.2025 |
| Name and address of officer : inviting bid | Divisional Forest Officer, Mangrove Forest Division (Wildlife) Rajnagar |

a. Further, details can be seen from the portal https://forest.odisha.gov.in or https://odishaforest.in
b. The addendum / Corrigendum if any will be hosted in the website only.
c. The undersigned reserves the right to accept / reject any or all Tender without assigning any reason thereof.

Sd/- Divisional Forest Officer
Managrove Forest Division (Wildlife), Rajnagar

OFFICE OF THE MUNICIPALITY, NABARANGPU
NABARANGPUR (ODISHA), PIN- 764059
E-mail-muncipalityngpr@gmail.com
C-1581
Letter No. 3477 Date : 25.11.2025
**Quotation Call Notice**

Quotation in sealed envelope are invited from the intending reputed Farm Wall painting to supply of Swachha Survekshanna ,2025 Nabarangpur Municipality who are already involved for preparation of creative art designing of works to the theme of Swachha Bharat Mission Wall Painting in different themes. The quotation documents submitted through Speed Post/Registered/Hand delivery at Nabarangpur Municipality Office, Po/Ps-Nabarangpur, Pin-764059, Dist-Nabarangpur within the working hour from Dt. 27.11.2025, 11.00 AM to Dt. 03.12.2025, 5.00 PM. The rate should be inclusive of all taxes and delivery of the materials at to be made in the municipality office, Nabarangpur. The Quotation will be opened on Dt. 05.12.2025 at 11.00 AM in the presence of the bidders in the office of the Executive Officer, Nabarangpur Municipality. The undersigned reserve all rights to reject any or all quotation without assigned any reasons thereof.

Sd/- Executive Officer,
Nabarangpur Municipality

E-mail: eeroads.khr@rediffmail.com
OFFICE OF THE SUPERINTENDING ENGINEER
KHARIAR (R&B) DIVISION, KHARIAR,
DIST. NUAPADA, ODISHA.
B-760
Letter No. 6138 Date : 24.11.2025
**1st Corrigendum to**
**Bid Identification No.SER&BKHR - 15/2025-26**

The following changes are being made for E-Procurement Notice- 15, Bid Identification No. SER&BKHR - 15 /2025-26 vide letter no.6049 dated 17.11.2025 in the above Tender Call Notice.

1. The Date of time of availability of bid documents in the portal for the works from sl.no. 1 to 2 from 10.00 hours of 21.11.2025 to 17.00 Hours of 05.12.2025 has extended to 10.00 hours of 27.11.2025 to 17.00 Hours of 11.12.2025.
2. The date & time of opening of bid documents in the-portal from 11.00 hours on 08.12.2025 has extended to 11.00 AM on date 12.12.2025 respectively.
3. All other terms and conditios remain unchanged.

Sd/- Superintending Engineer
Khariar (R&B) Division

### ଭାରତ ଯୋଡ଼ ଅଭିଯାନ ପକ୍ଷରୁ ସମ୍ବିଧାନ ଦିବସ ସମ୍ମିଳନୀ

# ସମ୍ବିଧାନ ବଞ୍ଚାଇବାକୁ ପ୍ରତି ବ୍ଲକରେ କଂଗ୍ରେସ ଆନ୍ଦୋଳନ କରିବ: ଭକ୍ତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପ ପରିସରରେ ଭାରତ ଯୋଡ଼ ଅଭିଯାନ ପକ୍ଷରୁ ଭାରତୀୟ ସମ୍ବିଧାନର ୭୬ତମ ପ୍ରଣୟନ ଦିବସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ କରି ପ୍ରଣୀତ ହୋଇଛି । ତେବେ ଦେଶରେ ରହିଥିବା ଫାଶୀବାଦୀ ନେତୃତ୍ୱ ଆମ ସମ୍ବିଧାନକୁ ବଦଳେଇ ଦେବା ନିମନ୍ତେ ଅହରହ ପ୍ରୟାସ ଜାରୀ ରଖିଛନ୍ତି । ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭକ୍ତ ଚରଣ ଦାସ ଏହି ଅବସରରେ କହିଲେ ଯେ, ଓଡ଼ିଶାରେ ଜନସଂଖ୍ୟାର ୯୪ ଅଧିକାର ଦେବା ନିମନ୍ତେ କଂଗ୍ରେସ ଚର୍ଚ୍ଚା ଆଲୋଚନା କରୁଥିଲା, ସେତେବେଳେ ହିନ୍ଦୁ ମହାସଭା ଓ ଆରଏସଏସ ଭଳି ସଂଗଠନମାନେ ଗଣତନ୍ତ୍ର, ସମ୍ବିଧାନ, ସର୍ବଧର୍ମ ସମଭାବ ତଥା ଭାଇଚାରା ବିଚାରକୁ ବିରୋଧ କରି ସାଧାରଣ ଲୋକଙ୍କୁ ପୁଣି ଅନ୍ଧକାର ଗହ୍ୱର ଭିତରକୁ



ଏହି ସମ୍ମିଳନୀରେ ଯୋଗଦେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତୃତ୍ୱ ତଥା ବିଶିଷ୍ଟ ସମାଜବାଦୀ ନେତା ଡ଼ ସୁନିଲମ କହିଲେ ଯେ, ଭାରତୀୟ ସମ୍ବିଧାନ ଆମ ସ୍ୱାଧୀନତା ଆନ୍ଦୋଳନର ଫଳଶ୍ରୁତି । ମହାତ୍ମା ଗାନ୍ଧୀ, ବାବାସାହେବ ଭୀମରାଓ ଆମ୍ବେଦକର, ପଣ୍ଡିତ ଜବାହରଲାଲ ନେହେରୁ ଆଦି ରାଷ୍ଟ୍ରୀୟ ନେତୃମଣ୍ଡଳୀ ଦୀର୍ଘ ବର୍ଷର ସ୍ୱାଧୀନତା ସଂଗ୍ରାମ କାଳରେ ଯେଉଁ ସବୁ ବିଷମତା ବିରୋଧରେ ଲଢୁଥିଲେ, ସେସବୁର ଉପଶମ ନିମିତ୍ତ ଆମ ସମ୍ବିଧାନ ନିଜକୁ ଉତ୍ତରଦାୟୀ ଭାଗ ହେଉଛନ୍ତି ଦଳିତ, ଆଦିବାସୀ ଓ ପଛୁଆ ବର୍ଗର । ଭାରତୀୟ ସମ୍ବିଧାନରେ ଏସମସ୍ତ ଜନଗଣଙ୍କୁ ଅଧିକାର ମିଳିବା ନିମନ୍ତେ ବ୍ୟବସ୍ଥା ଥିଲେ ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାର ଏହି ପଛୁଆ ବର୍ଗର ଅଧିକାର କ୍ଷୁଣ୍ଣ କରିବା ନିମନ୍ତେ ଗଳାବାଟ ବେଉ ନୀତି ବଦଳାଇବାରେ ଲାଗିଛନ୍ତି । ରାଜ୍ୟ କଂଗ୍ରେସ ସମ୍ବିଧାନ ବଂଚାଇବା ନିମନ୍ତେ ରାଜ୍ୟର ପ୍ରତି ବ୍ଲକରେ ଆନ୍ଦୋଳନ କରିବ । ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ ଯେ, ସମ୍ବିଧାନ ପ୍ରଣୟନ ସଭାରେ ଯେତେବେଳେ ପ୍ରତି ମଣିଷକୁ ଠେଲିଦେବାକୁ ପ୍ରୟାସ ଚଳାଇଥିଲା । ଭାରତ ଯୋଡ ଅଭିଯାନର ରାଷ୍ଟ୍ରୀୟ ସମ୍ପାଦକ ଡାକ୍ତର ବିଶ୍ୱଜିତଙ୍କ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ ରବି ଦାଶ, ସିପିଆଇଏମର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସର୍ବୋଦୟ ନେତା ସେକ ନାସିର ବକ୍ସ, ଜୟଦେବ ଜେନା, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ଅଜୟା ପାଶାନ, ଶିବାନନ୍ଦ ରାୟ, ସୁଧାଂଶୁ ଶେଖର ଦେଓ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବ ଗାନ୍ଧିବାଦୀ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

### ରବି ରାୟ ଜନ୍ମ ଶତବାର୍ଷିକୀ ସମାରୋହ ଉଦ୍‌ଘାଟିତ

# ନଟବର ଷଡ଼ଙ୍ଗୀ ପାଇଲେ ରବି ରାୟ ଲୋକଶକ୍ତି ସବୁଜ ସମ୍ମାନ

ଭୁବନେଶ୍ୱର,(ସବ୍ୟୁ): ଗଣତନ୍ତ୍ର, ଗୋଟିଏ ଅର୍ଥରେ, ଶାସନର ଏକ ରୂପ ଭାବରେ ବିବେଚିତ ହୋଇଛି । ଏକ ବ୍ୟାପକ ଅର୍ଥରେ, ଏହା ଏକ ଜୀବନଶୈଳୀ ଅଟେ । ଶାସନର ଏକ ଢାଞ୍ଚା ଭାବରେ, କ୍ଷମତା କେନ୍ଦ୍ରୀଭୂତ ହେବା ଉଚିତ ନୁହେଁ ଏହା ଅନେକ ଅନୁଷ୍ଠାନ ମଧ୍ୟରେ ବିକେନ୍ଦ୍ରିତ ହୋଇ ରହିଥାଏ । ଭାରତୀୟ ସମ୍ବିଧାନର ଉଦଘାଟନୀ ସମୟରେ, ଡକଟର ବାବାସାହେବ ଆମ୍ବେଦକର ମତ ଦେଇଥିଲେ ଯେ, ଆମର ବିଷମତା ମୂଳକ ସମାଜ ଉପରେ ଗଣତନ୍ତ୍ର କେବଳ ଏକ ଆବରଣ ମାତ୍ର ଥିଲା । ଠିକ୍ ଏହି କାରଣରୁ ହିଁ ଭାରତୀୟ ରାଷ୍ଟ୍ରରେ ପରିବର୍ତ୍ତନ ଆଣିବା ପାଇଁ ସମ୍ବିଧାନରେ ନିର୍ଦ୍ଦେଶ ଥିଲା । ରାଷ୍ଟ୍ର ମୂଳତଃ କ୍ଷମତାର ଏକ ସଂଗଠିତ ରୂପ । ପ୍ରଶ୍ନ ହେଉଛି : କ୍ଷମତା, ଯାହା ମୂଳତଃ ସ୍ୱାଧୀନତାର ବିପରୀତ, କିପରି ଏକ ଗଣତାନ୍ତ୍ରିକ ସମାଜ ସୃଷ୍ଟି କରିପାରିବ ? ସାମ୍ବିଧାନର ଲକ୍ଷ କେବଳ ଏକ ଗଣତାନ୍ତ୍ରିକ ସମାଜ ନିର୍ମାଣ ନୁହେଁ, ବରଂ ଏକ ସମାନତାବାଦୀ, ଅଂଶଗ୍ରହଣକାରୀ ଏବଂ ସୁସଙ୍ଗତ ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା ସୃଷ୍ଟି କରିବା ଥିଲା । ଏହି ଦ୍ୱନ୍ଦ ଭାରତକୁ ଦ୍ୱିଧାଗ୍ରସ୍ତ କରିଛି ଏବଂ ଫଳସ୍ୱରୂପ ସମାଜ ଆଜି ବି ବିଖଣ୍ଡିତ ହୋଇ ରହିଛି ବୋଲି ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଲୋକସଭାର ପ୍ରାକ୍ତନ ବାଚସ୍ପତି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସମାଜବାଦୀ ନେତା ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ ସ୍ମାରକୀ ବକ୍ତୃତା ପ୍ରଦାନ କରି ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ପ୍ରଫେସର ଜି ହରଗୋପାଳ ଏହା କହିଥିଲେ ।

ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି, ରବି ରାୟ ସ୍ମୃତି କମିଟି ଓ ଲୋହିଆ ଏକାଡ଼େମୀର ମିଳିତ ସହଯୋଗରେ ଆୟୋଜିତ ରବି ରାୟ ଜନ୍ମ ଶତବାର୍ଷିକୀ ଉଦଘାଟନ ସମାରୋହରେ ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ ତଥା ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତିର ଅଧ୍ୟକ୍ଷା କୃଷ୍ଣା ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଆନନ୍ଦ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ପ୍ରଫେସର ମନୋରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଲୋହିଆ ଏକାଡ଼େମୀର ସଭାପତି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ସଭାରେ ଉପସ୍ଥିତ ଥିବା ବେଳେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରରେ ହେବାକୁ ଥିବା ଶତବାର୍ଷିକୀ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଓଡ଼ିଶାର ବିସ୍ଥାପିତ ଲୋକମାନଙ୍କ ସ୍ଥିତିକୁ ଆଧାର କରି ୩୯ ହୋୟାର ଇଜ ଜଷ୍ଟିସ ? ୩୯ ପୁସ୍ତକ ଉନ୍ମୋଚିତ କରାଯାଇଥିଲା । ଏହି ସଭାରେ ବିଶିଷ୍ଟ ଦେଶୀ ଚାଷ ଗବେଷକ ନଟବର ଷଡଙ୍ଗୀଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ନିମନ୍ତେ ରବି ରାୟ ଲୋକଶକ୍ତି ସବୁଜ ସମ୍ମାନରେ ସମ୍ମାନିତ କରାଯିବା ସହ ସମ୍ମାନ ବାବଦରେ ମାନପତ୍ର, ମୋମେଣ୍ଟୋ ଓ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଲୋହିଆ ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ଶତବାର୍ଷିକୀ ସମିତିର ସମ୍ପାଦକ ଡାକ୍ତର ବିଶ୍ୱଜିତ ଧନ୍ୟବାଦ ଅର୍ପଣ କରିଥିଲେ ।



# ହତ୍ୟାକାରୀ ସ୍ତ୍ରୀ ଗିରଫ କାଠ ଫାଳିଆ ଜବତ

ସୋର,(ସବ୍ୟୁ): ସୋର ଥାନା ମଧୁସୂଦନପୁର ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ସ୍ୱାମୀକୁ ସ୍ତ୍ରୀ ପିଟି ପିଟି ହତ୍ୟା କରିଥିବା ଘଟଣାରେ ଅଭିଯୁକ୍ତ ସ୍ତ୍ରୀକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି । କୃଷ୍ଣଚନ୍ଦ୍ରପୁର ଗ୍ରାମର ଗ୍ରାମର ଋଷି ଦାସ (୪୬) ସୋମବାର ରାତିରେ ମଦପିଇ ଘରେ ପହଞ୍ଚି ଉର୍ମିଳାଙ୍କୁ ମାଡ଼ ମାରିଥିଲେ । ଏଥିରେ ଅତିଷ୍ଠ ହୋଇ ଉର୍ମିଳା ଏକ କାଠ ଫାଳିଆରେ ତାଙ୍କୁ ପିଟୁ ଥିବା ବେଳେ ଏହା ତାଙ୍କ ମୁଣ୍ଡରେ ବାଜି ଯାଇଥିଲା ।ଘଟଣାସ୍ଥଳରେ ଋଷିର ମୃତ୍ୟୁ ହୋଇଯାଇଥିଲା ।ଏ ବାବଦରେ ଋଷିର ବାପା କାହ୍ନୁ ଚରଣ ଦାସଙ୍କ ଅଭିଯୋଗ ମୂଳେ କେଶ୍ ନମ୍ବର ୯୭୫/୨୫ରେ ଏକ ମାମଲା ରୁଜୁ କରି ବୁଧବାର ସକାଳେ ସକାଳେ ଉର୍ମିଳାକୁ ଗିରଫ କରି ତା ନିକଟରୁ କାଠ ଫାଳିଆକୁ ଜବତ କରିଥିଲେ ।

### ଡ୍ରିମ୍‌ସରେ ମା'ଇଚ୍ଛାବତୀ ରଥଙ୍କ ୯ମ ପୁଣ୍ୟତିଥି

# ସନ୍ତାନକୁ ମଣିଷ କରିବାରେ ମା'ର ଭୂମିକା ଅତୁଳନୀୟ

କଟକ, (ସ୍ୱପ୍ର): ଏ ସମାଜରେ ଭଲ ମଣିଷ ଯଦି ଅଛନ୍ତି, ତାହା କେବଳ ମା' ଦ୍ୱାରା ହିଁ ସମ୍ଭବ ହୋଇଛି । ସନ୍ତାନକୁ ମଣିଷ କରି ଗଢି ତୋଳିବାରେ ମା'ର ଭୂମିକା ଅତୁଳନୀୟ । ଏଣୁ ଜୀବନରେ ପିତାମାତାଙ୍କ ଅଣଦେଖା ନକରି ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେବା ସନ୍ତାନସନ୍ତତିଙ୍କର ପରମ କର୍ତ୍ତବ୍ୟ ବୋଲି ବିଶିଷ୍ଟ ବୈଦିକ ସଂସ୍କୃତି ପ୍ରବକ୍ତା ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି । କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯ ମ ପୁଣ୍ୟତିଥି ପାଳନ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଯୋଗଦେଇ ଶ୍ରୀ ପଣ୍ଡା କହିଲେ, ସନ୍ତାନର ସଫଳତାରେ ଯଦି ଅଧିକ କିଏ ଖୁସୀ ହୁଅନ୍ତି ସେ ହେଉଛନ୍ତି ପିତାମାତା । ଜଣେ ମା' ଶହେ ସନ୍ତାନକୁ ମଣିଷ କରିପାରେ ମାତ୍ର ଶହେ ସନ୍ତାନ ଗୋଟିଏ ମାର ଦାୟିତ୍ୱ ନେବାକୁ ଅକ୍ଷମତା ପ୍ରକାଶ କରୁଛନ୍ତି, ଏହାହିଁ ଆଜିର ସମୟର ବଡ ବିଡମ୍ବନା । ସୁତରାଂ ଜୀବନରେ କିଛି ହେବାକୁ ହେଲେ ପ୍ରଥମେ ପିତାମାତାଙ୍କ ଆଶୀର୍ବାଦ ଲୋଡା ବୋଲି ସେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ଇଚ୍ଛାବତୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ଅବସରରେ ପିତାମାତା ଈଶ୍ୱରଙ୍କ ପ୍ରତିରୂପ ବୋଲି ବର୍ଣ୍ଣନା କରିଥିଲେ । ସ୍ୱର୍ଗତ ଇଚ୍ଛାବତୀଙ୍କ ସୁପୁତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପିତାମାତାଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ ଏବଂ ଏହାକୁ ପାଳନ କଲେ ଜୀବନ ସାର୍ଥକ ହୋଇଥାଏ ବୋଲି କହିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ବିପିୟୁଟିର ଭାଇସ୍ ଚ୍ୟାନ୍‌ସେଲର ପ୍ରଫେସର ଡା. ଅମୀୟ କୁମାର ରଥ, ବିଶିଷ୍ଟ ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତମୋହନ ମିଶ୍ର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗା ପ୍ରସାଦ ରଥ, ଇଂ ଶିବ ପ୍ରସାଦ ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ଡ. ବିଶ୍ୱ ରଂଜନ ମହାନ୍ତି, ନିର୍ଦ୍ଦେଶକ ଲୋକନାଥ ବେହେରାଙ୍କ ସମେତ ପଦ୍ମିନୀ କେୟାର ହସ୍‌ପିଟାଲ, ମେଡିକାଲ କଲେଜର ଡାକ୍ତର, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ରଥ ପରିବାରର ସଦସ୍ୟ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଧନେଶ୍ୱର ରଥ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଧନ୍ୟବାଦ ଅର୍ପଣ କରିଥିଲେ ।



### ହାଇକୋର୍ଟଙ୍କ ଆଦେଶକୁ ମାନିଲେନି ଗଣଶିକ୍ଷା ବିଭାଗ

# ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ ବ୍ୟକ୍ତିଗତ ହାଜର ହେବେ ସଚିବ

କଟକ,(ସବ୍ୟୁ) : ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ନିର୍ଦ୍ଦିଷ୍ଟ ସମୟ ସୀମା ଆଳ ଦର୍ଶାଇ ଜଣେ ମହିଳାଙ୍କୁ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଚାକିରି ନଦେବା ଘଟଣାରେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଅଦାଲତ ଅବମାନନା ମାମଲାରେ ନୋଟିସ୍ ପାଇବା ସତ୍ତ୍ୱେ ଆଦେଶ କାର୍ଯ୍ୟକାରୀ ନହେବାରୁ ହାଇକୋର୍ଟ ଶେଷ ଥର ଲାଗି ପ୍ରତିପକ୍ଷଙ୍କୁ ସୁଯୋଗ ଦେଇଛନ୍ତି। ଚାରି ସପ୍ତାହ ମଧ୍ୟରେ ଯଦି ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ନହୁଏ ତାହେଲେ ଅଦାଲତ ଅବମାନନା ଘଟଣାରେ ଗଣଶିକ୍ଷା ବିଭାଗ ସଚିବ, କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ସ୍ଥାନୀୟ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ। ଏଥିସହ ସେମାନଙ୍କ ଉପରେ ଜରିମାନା ମଧ୍ୟ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ କ୍ଷଣପ୍ରଭା ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରିଣୀ କ୍ଷଣପ୍ରଭା ନାୟକଙ୍କ ସ୍ୱାମୀ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରୁଥିଲାବେଳେ ହଠାତ୍ ତାଙ୍କର ଦେହାନ୍ତ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଆଇନଗତ ଉତ୍ତରାଧୀକାରୀ ଭାବେ ଆବେଦନକାରିଣୀ ଚାକିରି ପାଇଁ ଆବେଦନ କରିଥିଲେ। ବିଳମ୍ବରେ ଆବେଦନ କରିଥିବା ଦର୍ଶାଇ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଗତ ଅଗଷ୍ଟ ୧୮ ତାରିଖରେ ଆବେଦନକୁ ବିଚାରକୁ ନେଇ ୮ ସପ୍ତାହ ମଧ୍ୟରେ କ୍ଷଣପ୍ରଭାଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନକାରିଣୀଙ୍କୁ ନିଯୁକ୍ତି ଦିଆନଯିବାରୁ ସେ ହାଇକୋର୍ଟରେ ଅଦାଲତ ଅବମାନନା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ଅଦାଲତ ପତିପକ୍ଷଙ୍କୁ ପୁଲିସ୍ ଜରିଆରେ ନୋଟିସ୍ କରିଥିଲେ ।

# ଚୌଦ୍ୱାର କଟକ ବିଜେପି ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି




କଟକ, (ସ୍ୱପ୍ର): ଚୌଦ୍ୱାର କଟକ ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି ନେତା ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥି ଦଳାଇଙ୍କ ତତ୍ତ୍ୱାବଧାନରେ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଣୀହାଟ ସ୍ଥିତ ଘଣ୍ଟାଛକ ଠାରୁ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତାମାନେ ଏକାଠି ହୋଇ ପଦଯାତ୍ରା କରି ଯୋବ୍ରା ଆଇ ଲଭ୍ କଟକ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ବନ୍ଦେ ମାତରମ ଗୀତ ଗାଇ ସମସ୍ତେ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ସହିତ ନିଜ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଓ ନିଜ ପରିବାର ଲୋକମାନଙ୍କୁ ସ୍ୱଦେଶୀ ବ୍ୟବହାର କରିବା ପାଇଁ ଶପଥ ପାଠ କରିଥିଲେ । ଏଥିରେ କର୍ପୋରେଟର ଦୀପକ ଦାସ, ଗୋପାଳ ବେହେରାଙ୍କ ସହ ବହୁ ଅନୁଭବୀ କାର୍ଯ୍ୟକର୍ତ୍ତା ବୈରାଗୀ ପ୍ରଧାନ, ମୁନୀନ୍ଦ୍ର ଭୋଳ, ମହେନ୍ଦ୍ର ମହାନ୍ତି, ଧିର ପ୍ରସାଦ ମହାନ୍ତି, ସନ୍ତୋଷ ସାହୁ, ମମତା ବେହେରା, ଅନୀଲ ଦଳାଇ, ତ୍ରିଲୋଚନ ସାହୁ, ଦାମୋଦର ନାୟକ, ସିତା ସାହୁ, ଜ୍ୟୋତ୍ସ୍ନା ରାଣୀ ରାଉତ, ବିନୋଦିନୀ ବାରିକ, ତନୁଶ୍ରୀ ମହାନ୍ତି, ହରିପ୍ରିୟା ଧଳ, ନିକୁଞ୍ଜ ବିହାରୀ କାନୁନଗୋ, ଅଜୟ ବେହେରା ପ୍ରମୁଖଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ବିର୍ଲା ଓପସ ର ନୂତନ ପେଣ୍ଟସ ଗ୍ୟାଲେରୀ ଉଦ୍‌ଘାଟିତ

କଟକ, (ସବ୍ୟୁ) :କଟକ ନୟାସଡ଼କ ଠାରେ ବିର୍ଲା ଓପସ୍ ର ନୂତନ ପେଣ୍ଟସ୍ ଗ୍ୟାଲେରୀର ସୋ ରୁମ୍ ଉଦ୍ଘାଟିତ ହୋଇଯାଇଅଛି ।। ଏଥିରେ ମୁଖ୍ୟ ଅତିଥି ଭାବେ ନୟାସଡ଼କ ସ୍ଥିତ ଗୋପୀନାଥ ମନ୍ଦିର ର ସମ୍ପାଦକ କିଶନ୍ କୁମାର୍ ମୋଦୀ ଉଦଘାଟନ କରିଥିଲେ ।ଏହି ଅବସରରେ କମ୍ପାନୀର ରାଜ୍ୟ ସେଲସ୍ ମୁଖ୍ୟ ଆୟନ୍ ରୟ,ଏରିଆ ସେଲସ ସିନିୟର୍ ମ୍ୟାନେଜର ଦେବାଶିଷ ପତି,ସେଲସ ମ୍ୟାନେଜର ବିକାଶ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଏହି କମ୍ପାନୀ ବିର୍ଲା ଓପସ୍ ପେଣ୍ଟସ୍ ଗ୍ୟାଲେରୀ ପ୍ରଥମ ଥର ଗ୍ରାହକ ମାନଙ୍କ ପାଇଁ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ରିହାତି ର ବ୍ୟବସ୍ଥା କରାଯାଇଛି କମ୍ପାନୀ ପକ୍ଷରୁ ଉନ୍ନତ ମାନର ୱାରେଣ୍ଟି ଏବଂ ଓପସ୍ ଆସ୍ୟୁରାନ୍ସ ର ସୁବିଧା ଉପଲବ୍ଧି ହୋଇପାରିବ ।ତତ୍ ସହିତ କମ୍ପାନୀ ତାର ପେଣ୍ଟସ୍ କ୍ରାଫ୍ଟ ସର୍ଭିସ୍ ଆରମ୍ଭ କରିବାକୁ ଯାଉଅଛି ।ପ୍ରତିଦ୍ୱନ୍ଦୀ ମାନଙ୍କ ଅପେକ୍ଷା ଉନ୍ନତ ମାନର ରଙ୍ଗ ୧୦ ପ୍ରତିଶତ ରୁ ୧୫ ପ୍ରତିଶତ କଭରେଜ ଅଧିକ ହୋଇପାରିବ ।ଏହି ଅବସରରେ ଓଡ଼ିଶା ପେଣ୍ଟସ୍ ଓ ଡେକର ର ପାର୍ଟନର ଶିବ କୁମାର୍ ଅଗ୍ରୱାଲ,ବିକାଶ ଅଗ୍ରୱାଲ ଙ୍କ ସହପରିବାର ଜନ ଉପସ୍ଥିତ ଥିଲେ ।ଏହି ଶୁଭ ମୁହୂର୍ତ୍ତରେ ଅନ୍ୟ ପାର୍ଟନର ଶୀତଲ ସିଂହାନୀୟା ଙ୍କ ସମେତ ଅତିଥି ବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମିଡିଆ ପ୍ରଭାରୀ ରାମ ଗୋପାଳ ଅଗ୍ରୱାଲା ପରିଚାଳନା କରିଥିଲେ।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ସମ୍ବିଧାନ ଦିବସ

ଜଟଣୀ, (ସବ୍ୟୁ) : ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଗୁରୁତ୍ୱ ଏବଂ ଗର୍ବର ସହିତ ସମ୍ବିଧାନ ଦିବସ ପାଳନ କରିଛି । ଏହି ପାଳନର ଲକ୍ଷ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ଗଭୀର ସଚେତନତା ସୃଷ୍ଟି କରିବା । ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ରେଳମଣ୍ଡଳ ମୁଖ୍ୟାଳୟରେ ଏହି ପାଳନର ନେତୃତ୍ୱ ନେଇଥିବାବେଳେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି. କେ. ବେହେରା ଏବଂ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ ।ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ, ବିଭାଗ, କ୍ଷେତ୍ର ୟୁନିଟ୍, ଷ୍ଟେସନ, ଡିପୋ ଏବଂ ଦୂରବର୍ତ୍ତୀ କାର୍ଯ୍ୟସ୍ଥଳରେ ଏକକାଳୀନ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ରେଳମଣ୍ଡଳ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର. ଏନ. ଏ. ପରିଡାଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା ।

# ସୋଆରେ ଇନ୍‌ଷ୍ଟିଚ୍ୟୁସନ୍‌ସ ଇନୋଭେସନ୍ କାଉନ୍‌ସିଲ୍‌ର ଆଞ୍ଚଳିକ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଇନ୍‌ଷ୍ଟିଚ୍ୟୁସନ୍‌ସ ଇନୋଭେସନ୍ କାଉନ୍‌ସିଲ୍ (ଆଇଆଇସି) ର ୨୦୨୫ ନିମନ୍ତେ ଆଂଚଳିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ପୂର୍ବ ଭାରତର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ଶିକ୍ଷା କ୍ଷେତ୍ରର ନେତୃବର୍ଗ, ନୀତି ନିର୍ଦ୍ଧାରକ, ଇନ୍‌କ୍ୟୁବେସନ୍ ମ୍ୟାନେଜର, ବିଭିନ୍ନ ଷ୍ଟାର୍ଟ-ଅପ୍ ସ୍ଥାପକ ତଥା ଶିଳ୍ପ ଏବଂ ଉଦ୍‌ଭାବନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ୫୦୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର ଟେକ୍ନିକାଲ୍ ଏଜୁକେସନ୍ ସୋଆ କ୍ୟାମ୍ପସ-୨ରେ ଆୟୋଜିତ ଏହି ସମ୍ମିଳନୀରେ ଏଆଇସିଟିଇର ଆସିଷ୍ଟାଂଟ ଇନୋଭେସନ୍ ଡାଇରେକ୍ଟର ଡକ୍ଟର ଦୀପନ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ ଦିଲ୍ଲୀସ୍ଥିତ ଏଆଇସିଟିଇ ମୁଖ୍ୟ କାର୍ଯ୍ୟାଳୟରୁ ଭର୍ଚୁଆଲି ଉଦ୍‌ଘାଟନ କରିବା ସହ ସାରା ଦେଶର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଉଦ୍‌ଭାବନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ କ୍ୟାମ୍ପସ ଗୁଡ଼ିକରେ ବୈଷୟିକ ନେତୃତ୍ୱକୁ ଅଧିକ ଗୁରୁତ୍ୱ ଦେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଟେଲିକମ୍ ସେକ୍ଟର ସ୍କିଲ କାଉନ୍‌ସିଲର ପୂର୍ବତନ ସିଇଓ ଡକ୍ଟର ଯଦୁମଣୀ ଜେନା, ଭାରତ ସରକାରଙ୍କ ଜାତୀୟ ଗବେଷଣା ବିକାଶ ଆୟୋଗର ସିନିୟର ରିଜିଓନାଲ୍ ମ୍ୟାନେଜର ଡକ୍ଟର ବିଜୟ କୁମାର ସାହୁ, ବିଶାଖାପାଟଣା ସ୍ଥିତ ରତନ ଟାଟା ଇନୋଭେସନ ହବ୍‌ର ସିଇଓ ଶ୍ରୀ ରବି ଇଶ୍ୱାରୁପୁ, ଆଇଆଇଟି ବମ୍ବେର ପ୍ରଫେସର ଏମରିଟସ ପ୍ରଫେସର ଦୀପକ ବି. ପାଠକ ଯୋଗ ଦେଇ ଉଦ୍‌ଭାବନ, ଟେକ୍ନୋଲଜି ସଲ୍ୟୁସନ୍ ଏବଂ ଏଥି ସହିତ ଶୈକ୍ଷିକ ଇନ୍‌କ୍ୟୁବେଟରର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସରକାରଙ୍କ ଅଧିନସ୍ଥ ଷ୍ଟାର୍ଟ-ଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତି ରଶ୍ମିତା ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଯୁବ ଉଦ୍‌ଭାବନକାରୀ ଏବଂ ଅନୁଷ୍ଠାନଗୁଡ଼ିକୁ ଓଡ଼ିଶା ସରକାର କିଭଳି ପ୍ରୋତ୍ସାହନ ଦେଉଛନ୍ତି ଏବଂ ଓଡ଼ିଶାର ଷ୍ଟାର୍ଟଅପ୍‌ଗୁଡ଼ିକୁ କେଉଁଭଳି ଭାବରେ ବିଶ୍ୱସ୍ତରୀୟ ମାନ୍ୟତା ଦିଆଯାଇପାରିବ ସେ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇଥିଲେ।




# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ପ୍ରଚଳନ କଲା ଡିଏସ୍‌ପି ନିଫ୍‌ଟି

ଭୁବନେଶ୍ୱର, (ସବ୍ୟୁ) : ଡିଏସପି ମୁଚୁଆଲ ଫଣ୍ଡ ଚାରିଟି ନୂତନ ପାସିଭ ସ୍କିମ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି । ସେଗୁଡିକ ହେଉଛି ଡିଏସପି ନିଫଟି ମିଡକାପ ୧୫୦ ଇଣ୍ଡେକ୍ସ ଫଣ୍ଡ, ଡିଏସପି ନିଫଟି ମିଡକାପ ୧୫୦ ଇଟିଏଫ, ଡିଏସପି ନିଫଟି ସ୍ମଲକାପ ୨୫୦ ଇଣ୍ଡେକ୍ସ ଫଣ୍ଡ ଏବଂ ଡିଏସପି ନିଫଟି ସ୍ମଲକାପ ୫୦ ଇଟିଏଫ । ଏହି ନୂତନ ଉପାଦଗୁଡିକ ମିଡ ଓ ସ୍ମଲ କାପ ବିଭାଗଗୁଡିକ ନିମନ୍ତେ ନିୟମ ଆଧାରିତ, କମ ଖର୍ଚ୍ଚସାପେକ୍ଷ ସୁଯୋଗ ଯୋଗାଇଦେଇ ଡିଏସପିର ପରୋକ୍ଷ ପୁଞ୍ଜିନିବେଶ କ୍ଷେତ୍ରକୁ ସୁଦୃଢ଼ କରୁଛି । ଏଗୁଡିକ ସମ୍ମିଳିତ ଭାବରେ ଭାରତର ସବୁଠାରୁ ବିସ୍ତାରିତ ଏବଂ ସର୍ବାଧିକ ଗତିଶୀଳ କର୍ପୋରେଟ ଜଗତକୁ ପ୍ରତିନିଧିତ୍ୱ କରୁଛନ୍ତି । ନିଫଟି ମିଡକାପ ୧୫୦ ଇଣ୍ଡେକ୍ସରେ ନିଫଟି ୫୦୦ରୁ ଭାରତର ୧୦୧ତମରୁ ୨୫୦ତମ ପର୍ଯ୍ୟନ୍ତ ସର୍ବବୃହତ କମ୍ପାନୀଗୁଡିକ ରହିଥିବାବେଳେ ନିଫଟି ସ୍ମଲକାପ ୨୫୦ ଇଣ୍ଡେକ୍ସରେ ନିଫଟି ୫୦୦ରୁ ୨୫୧ରୁ ୫୦୦ତମ ସ୍ଥାନରେ ରହିଥିବା କମ୍ପାନୀଗୁଡିକ ରହିଛନ୍ତି । ଅତୀତର ତଥ୍ୟରୁ ଜଣାଯାଏ ଯେ ଉଭୟ ସୂଚକାଙ୍କ ବ୍ରଡର ମାର୍କେଟ (ବିସ୍ତାରିତ ପୁଞ୍ଜି ବଜାର) ତୁଳନାରେ ଅର୍ଥପୂର୍ଣ୍ଣ ଏବଂ ଉଚ୍ଚତର ଦୀର୍ଘସୂତ୍ରୀ ରିଟର୍ଣ୍ଣ ପ୍ରଦାନ କରିଛି । ୧୦ ବର୍ଷ ସମୟ ମଧ୍ୟରେ ନିଫଟି ମିଡକାପ ୧୫୦ ଟିଆରଆଇ ୧୬.୨%ର ହାରାହାରି ରୋଲିଂ ରିଟର୍ଣ୍ଣ ପ୍ରଦାନ କରିଛି, ଯାହା ନିଫଟି ୫୦୦ ଟିଆରଆଇ ପ୍ରଦାନ କରିଥିବା ହାରାହାରି ରୋଲିଂ ରିଟର୍ଣ୍ଣ ୧୨.୬% ତୁଳନାରେ ଯଥେଷ୍ଟ ଅଧିକ ବୋଲି ୨୦୨୫ ଅକେଟାବର ୩୧ ସୁଦ୍ଧା ସୂଚକାଙ୍କ ପ୍ରଦର୍ଶନ ବିଶ୍ଳେଷଣରୁ ଜଣାଯାଇଛି । ସ୍ମଲ-କାପ ସୂଚକାଙ୍କ ମଧ୍ୟ ପୁଞ୍ଜିନିବେଶକଙ୍କୁ ଦୀର୍ଘସୂତ୍ରୀ ଆକାରରେ ଲାଭାନ୍ୱିତ କରାଇଛି, ଯେଉଁଥିରେ ନିଫଟି ୫୦୦ ଟିଆରଆଇର ୧୦ବର୍ଷରେ ହାରାହାରି ୧୨.୬% ରୋଲିଂ ରିଟର୍ଣ୍ଣ ତୁଳନାରେ ନିଫଫି ସ୍ମଲକାପ ୨୫୦ ଟିଆରଆଇ ୧୦ ବର୍ଷରେ ହାରାହାରି ୧୩.୫% ରୋଲିଂ ରିଟର୍ଣ୍ଣ ପ୍ରଦାନ କରିଛି । ଉଭୟ ସୂଚନାଙ୍କ ବ୍ରଡର ମାର୍କେଟ ସୂଚକାଙ୍କ ତୁଳନାରେ ଅଧିକ ହ୍ରାସ ଘଟିପାରେ । ତେବେ ଧାରଣ ଅବଧି ଦୀର୍ଘ ରହୁଥିବାରୁ ଉଭୟ ସୂଚକାଙ୍କ ପାଇଁ ଅଣ ନକରାତ୍ମକ ରିଟର୍ଣ୍ଣ ସ୍ଥିତିରୁ ଉନ୍ନତି ଆସିବାର ସମ୍ଭାବନା ରହୁଛି । ଦୁଇ ସୂଚକାଙ୍କ ମଧ ସେହି କ୍ଷେତ୍ର ଓ ଶିଳ୍ପଗୁଡିକରେ ନିବେଶ ସୁଯୋଗ ପ୍ରଦାନ କରୁଛି, ଯେଉଁଠାରେ ଲାର୍ଜ କାପ ପ୍ରତିନିଧିତ୍ୱ ସୀମିତ । ସ୍ମଲକାପ ୨୫୦ର ପୁଞ୍ଜି ବଜାର, ଶିଳ୍ପ ଉତ୍ପାଦନ, ସ୍ୱାସ୍ଥ ପ୍ରଯନିକାରୀ ଉପକରଣ, କୋଠାବାଡି ନିର୍ମାଣ ସାମଗ୍ରୀ, ବୟନଶିଳ୍ପ ଏବଂ ଅନ ବିଶେଷ ବିଭାଗଗୁଡିକରେ ସ୍ୱଷ୍ଟ ଉପସ୍ଥିତି ରହୁଛି । ଏହା ମଧ ବିବିଧ ବର୍ଗର ନେତୃତ୍ୱଙ୍କୁ ମଧ ଆତିଥ ପ୍ରଦାନ କରୁଛି, ଯାହା ୨୫୦ ଶୀର୍ଷ କମ୍ପାନୀସମୂହ ଉର୍ଦ୍ଧ୍ୱର୍ରେ ନୂତନ ନେତୃତ୍ୱମାନଙ୍କର ଗଭୀରତା ସମ୍ପର୍କରେ ଉଲ୍ଲେଖ କରୁଛି । ଇତିମଧ୍ୟରେ ମିଡକାପ ୧୫୦ ବ୍ରଡ ସ୍ମଲକାପ ଦୁନିଆଁ ଅପେକ୍ଷା ଅଧିକ ସ୍ଥିର ଉପାର୍ଜନ ପ୍ରଦାନ କରୁଛି ଏବଂ ବ୍ରଡ-ବେସଡ ମାର୍କେଟ ଅଂଶଗ୍ରହଣ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶସ୍ତତା ପ୍ରତି ଅବଦାନ ରଖୁଛି । ଉଭୟ ସୂଚକାଙ୍କ ସକ୍ରିୟ ଫଣ୍ଡ ବିଭାଗଗୁଡିକରେ ନିମ୍ନ ଓଭରଲାପ ବଜାୟ ରଖିବା ସହିତ ଭୌôତିକ ଭାବରେ ଭିନ୍ନ ଏକ୍ସପୋଜର ପ୍ରଦାନ କରୁଛି । ମିଡକାପ ୧୫୦ ସକ୍ରିୟ ମିଡକାପ ଫଣ୍ଡଘୁଡିକ ସହିତ ମାତ୍ର ୩୨% ଓଭରଲାପ ଅଂଶୀଦାର କରୁଥିବାବେଳେ ସ୍ମଲକାପ ୨୫୦ର ସକ୍ରିୟ ସ୍ମଲକାପ ଫଣ୍ଡ ପୋର୍ଟଫୋଲିଓଗୁଡିକ ସହିତ ତାହାଠାରୁ କମ ୧୮% ଓଭରଲାପ ରହିଛି ।

### ବ୍ରାଉନ ସୁଗର ଜବତ : ଜଣେ ଗିରଫ

ସାକ୍ଷୀଗୋପାଳ, (ସବ୍ୟୁ) : ବୁଧବାର ସକାଳେ ସତ୍ୟବାଦୀ ପୁଲିସ ପ୍ରାୟ ୧୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ବିଶେଷ ସୂତ୍ରରୁ ନିଶା କାରବାର ସୂଚନା ପାଇ ନିର୍ଦ୍ଦେଶ ମତେ ସତ୍ୟବାଦୀ ଥାନାର ସବଇନିସ୍ପେକଟର ସୁକାନ୍ତି ମୁର୍ମୁଙ୍କ ନେତୃତ୍ୱରେ ଏକ ପୁଲିସ ଟୀମ ନିକଟସ୍ଥ ସାକ୍ଷୀଗୋପାଳ କଲେଜ ଛକ, ଜୟା ହୋଟେଲ ପାଖ, ଅହମ୍ମଦ ପୁର-ବାସୁକେରା ରୋଡରେ ଚଢାଉ କରି ସେଠାରେ ସନ୍ଦେହ ଜନକ ଭାବରେ ବୁଲୁଥିବା ସତ୍ୟବାଦ ଥାନା ଅହମଦପୁର ଗ୍ରାମର ସେକ ତପିନ ସାକିନଙ୍କ ପୁଅ ସେକ ସାଜିଦକୁ ହେପାଜତକୁ ନେଇ ପଚରା ଉଚରା କରିଥିଲେ ।

# ୭,୨୮୦ କୋଟି ଟଙ୍କାର ଆରଇପିଏମ ଯୋଜନାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ସିଣ୍ଟର୍ଡ ରେୟାର ଆର୍ଥ ପର୍ମାନେଣ୍ଟ ମ୍ୟାଗ୍ନେଟ୍ (ଆରଇପିଏମ) ଯୋଜନାକୁ ଅନୁମୋଦନ କରାଯାଇଛି। ୭ ହଜାର ୨୮୦ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ ସହିତ ଏହି ଯୋଜନାରେ ସିଣ୍ଟର୍ଡ ରେୟାର ଆର୍ଥ ପର୍ମାନେଣ୍ଟ ମ୍ୟାଗ୍ନେଟ୍ ନିର୍ମାଣକୁ ଦେଶରେ ପ୍ରୋତ୍ସାହିତ କରାଯିବ। ଭାରତ ସରକାର ପ୍ରଥମ ଥର ପାଇଁ ଏଭଳି ଅଭିନବ ଯୋଜନା ଆଣିଛନ୍ତି ଯାହାର ଲକ୍ଷ୍ୟ ହେଉଛି ଦେଶରେ ବାର୍ଷିକ ୬ ହଜାର ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ଆରଇପିଏମ୍ ନିର୍ମାଣ କ୍ଷମତା ବିକଶିତ କରିବା। ଏହା ଭାରତକୁ ଆତ୍ମନିର୍ଭରଶୀଳ କରିବା ସହିତ ବିଶ୍ୱ ଆରଇପିଏମ୍ ବଜାରରେ ଭାରତକୁ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ସ୍ଥାପିତ କରିବ।

ଆରଇପିଏମ ହେଉଛି ପର୍ମାନେଣ୍ଟ ମ୍ୟାଗ୍ନେଟର ସବୁଠୁ



କଠିନ ସ୍ୱରୂପ ଏବଂ ଏହା ଇଲେକ୍ଟ୍ରୋନିକ୍ସ ବାହନ, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଏହା ଏକ ଜରୁରୀ ଉପକରଣ ରୂପେ ବ୍ୟବହୃତ ହୋଇଥାଏ। ଏହି ଯୋଜନା ସମନ୍ୱିତ ଆରଇପିଏମ ଉତ୍ପାଦନ ୟୁନିଟ୍ ନିର୍ମାଣକୁ ସମର୍ଥନ କରିବ। ଏସବୁ ୟୁନିଟରେ ପ୍ରଥମେ ରେୟାର ଆର୍ଥ ଅକ୍ସାଇଡକୁ ଧାତୁରେ, ଧାତୁକୁ ଆଲଏରେ ଏବଂ ଆଲଏକୁ ଅନ୍ତିମ ଆରଇପିଏମ ରୂପେ ନିର୍ମାଣ କରାଯିବ।

ବୈଦ୍ୟୁତିକ ଯାନବାହନ, ଅକ୍ଷୟ ଶକ୍ତି, ଶିଳ୍ପ ଉପକରଣ ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସର ଦ୍ରୁତ ବର୍ଦ୍ଧିତ ଚାହିଦା ଯୋଗୁଁ ଭାରତରେ ଆରଇପିଏମ ବ୍ୟବହାର ୨୦୨୫ ତୁଳନାରେ ୨୦୩୦ ସୁଦ୍ଧା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ, ଭାରତର ଆରଇପିଏମ ଚାହିଦା ମୁଖ୍ୟତଃ ଆମଦାନୀ ମାଧ୍ୟମରେ ପୂରଣ କରାଯାଉଛି। ଏହି ପଦକ୍ଷେପ ସହିତ ଭାରତ ଏହାର ପ୍ରଥମ ସମନ୍ୱିତ ଆରଇପିଏମ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ, ନିଯୁକ୍ତି ସୃଷ୍ଟି କରିବ, ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବ ଏବଂ ୨୦୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ହାସଲ କରିବା ପାଇଁ ଦେଶର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବ। ଏହି ଯୋଜନାର ମୋଟ ଆର୍ଥିକ ବ୍ୟୟବରାଦ ୭୨୮୦ କୋଟି ଟଙ୍କା ରଖାଯାଇଛି ଯେଉଁଥିରେ ପାଞ୍ଚ ବର୍ଷ ପାଇଁ ଆରଇପିଏମ ବିକ୍ରୟ ଲାଗି ୬୪୫୦ କୋଟି ଟଙ୍କାର ବିକ୍ରି ଆଧାରିତ ପ୍ରୋତ୍ସାହନ ଏବଂ ମୋଟ ୬ ହଜାର ଆରଇପିଏମ ଉତ୍ପାଦନ ସୁବିଧା ସ୍ଥାପନ ପାଇଁ ୭୫୦ କୋଟି ଟଙ୍କାର ପୁଞ୍ଜି ସବସିଡି ଅନ୍ତର୍ଭୁକ୍ତ। ଏହି ଯୋଜନାରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଡିଂ ପ୍ରକ୍ରିୟା ମାଧ୍ୟମରେ ପାଞ୍ଚଟି ହିତାଧିକାରୀ ସଂସ୍ଥାଗୁଡ଼ିକୁ ମୋଟ କ୍ଷମତା ଆବଣ୍ଟନ କରିବାର ପରିକଳ୍ପନା କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ବାର୍ଷିକ ୧,୨୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଉତ୍ପାଦନ କ୍ଷମତା ଆବଣ୍ଟନ କରାଯିବ।

# ଦିଲ୍ଲୀ ବିସ୍ଫୋରଣ: ଗିରଫ ହେଲା ଅଲ ଫଲାହର ଜଣେ ୱାର୍ଡ ବୟ

ନୂଆଦିଲ୍ଲୀ: ଦେଶକୁ ଦୋହଲାଇ ଦେଇଥିବା ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣରେ ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ଆଉ ଜଣଙ୍କୁ ଗିରଫ କରିଛି। ନଭେମ୍ବର ୧୦ରେ ବିସ୍ଫୋରଣ କରିଥିବା ଆତ୍ମଘାତୀ ଆତଙ୍କୀ ଉମର ଉନ ନବିକୁ ସହାୟତା କରିଥିବା ଘଟଣାରେ ଏପରି ଗିରଫଦାରୀ ହୋଇଛି। ଗିରଫ ଯୁବକ ଜଣଙ୍କ ଫରିଦାବାଦର ଅଲ ଫଲହା ବିଶ୍ୱବିଦ୍ୟାଳୟର ହସ୍ପିଟାଲରେ ୱାର୍ଡବୟ ଭାବେ କାମ କରୁଥିଲା। ନଭେମ୍ବର ୧୦ ଆତଙ୍କବାଦୀ ଆକ୍ରମଣର କିଛି ସମୟ ପୂର୍ବରୁ ଗିରଫ ହୋଇଥିବା ସୋଏବ ନିଜ ଭାଉଜଙ୍କ ଘରେ ଆତଙ୍କୀ ଉମରକୁ ଆଶ୍ରୟ ଦେଇଥିଲା। ଏଥିସହ ତା'କୁ ଲଜିଷ୍ଟିକ ସହାୟତା ଯୋଗାଇ ଦେଇଥିଲା। ଗିରଫ ପରେ ସୋଏବକୁ ଏନଆଇଏ ୭ ଦିନିଆ ରିମାଣ୍ଡରେ ନେଇଛି। ତା'ଠାରୁ ଉମର ସମ୍ପର୍କରେ ଅଧିକୁ ତଥ୍ୟ ହାସଲ କରିବା ଲକ୍ଷ୍ୟରେ ରହିଛି ଏନଆଇଏ। ଜମ୍ମୁ-କଶ୍ମୀର ପୁଲିସ୍ ପର୍ଦ୍ଦାଫାସ କରିଥିବା ହ୍ୱାଇଟ କଲାର ଟେରର ମଡ୍ୟୁଲର ଅଂଶବିଶେଷ ହେଉଛି ଡାକ୍ତର ଉମର। ତା' ସହ ଅଲ ଫଲାହ ବିଶ୍ୱବିଦ୍ୟାଳୟରେ କାମ କରୁଥିବା ଶାହୀନ ସୟିଦ, ମୁଜାମିଲ ଶକୀଲ ଓ ଆଦିଲ ରାଥେରକୁ ପୂର୍ବରୁ ଏନଆଇଏ ଗିରଫ କରିସାରିଛି। ଏନଆଇଏ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ସୋଏବର ଘର ହେଉଛି ଫରିଦାବାଦର ଧୌଜରେ। ସେ ଦିଲ୍ଲୀ ବିସ୍ଫୋରଣ ଘଟଣାରେ ୭ ବ୍ୟକ୍ତି ଭାବେ ଗିରଫ ହୋଇଛି। ସୋଏବ ଅଲ ଫଲାହରେ ୱାର୍ଡବୟ ଭାବେ କାମ କରୁଥିଲା। ଏଥିସହ ଉମର ଓ ମୁଜାମିଲକୁ ବେଶ ଭଲ ଭାବେ ଜାଣିଥିଲା। ମେୱାତରୁ ସେ ଉମର ଓ ମୁଜାମିଲ ପାଖକୁ ବିଭିନ୍ନ ଲୋକଙ୍କୁ ନେଉଥିଲା। ସେମାନେ ତା' ସହ ନିୟମିତ ଯୋଗାଯୋଗରେ ରହିଥିଲେ। ନୁହରେ ଥିବା ନିଜ ଭାଉଜଙ୍କ ଘରେ ଉମରର ରହିବା ପାଇଁ ସୋଏବ ବ୍ୟବସ୍ଥା କରିଥିଲା। ସେହିପରି ଆଉ ଗୋଟିଏ ଠିକଣାରେ ମଧ୍ୟ ସେ



ଉମରକୁ ଆଶ୍ରୟ ଦେଇଥିଲା। ଆକ୍ରମଣ ପୂର୍ବରୁ ଉମରର ଯିବା ଆସିବା କଥା ବୁଝିଥିଲା ସୋଏବ। ନଭେମ୍ବର ୧୦ରେ ହୋଇଥିବା ବିସ୍ଫୋରଣରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଥିଲେ। ଉମର ନବି ଆଇ ୨୦ କାର ଦ୍ୱାରା ଲାଲକିଲ୍ଲା ନିକଟରେ ଏପରି ବିସ୍ଫୋରଣ କରିଥିଲା। ଉମର ମଧ୍ୟ ଅଲ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ଭାବେ କାମ କରୁଥିଲା।

# ଦିଲ୍ଲୀର ପ୍ରଦୂଷଣକୁ ନେଇ ପ୍ରଧାନ ବିଚାରପତିଙ୍କ ଚିନ୍ତା

ନୂଆଦିଲ୍ଲୀ: ବୁଧବାର ସୁପ୍ରିମକୋର୍ଟ ଦିଲ୍ଲୀର ବାୟୁ ପ୍ରଦୂଷଣକୁ ନେଇ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। କାରଣ ଦିନକୁ ଦିନ ଦିଲ୍ଲୀ ବାୟୁର ପ୍ରଦୂଷଣର ସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପ୍ରଦୂଷଣ ଯଦି କ୍ରମାଗତ ଭାବେ ଜାରି ରୁହେ ଆଗାମୀ ଦିନରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସାମ୍ନା କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସୂତ୍ରରୁ ପ୍ରକାଶ ପାଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, 'ରାଜଧାନୀରେ ପ୍ରଦୂଷଣ ପରିସ୍ଥିତି ଏତେ ଗମ୍ଭୀର ହୋଇଗଲାଣି ଯେ ୫୫ ମିନିଟ ବାହାରେ ଚାଲି ଆସିଲେ ସକାଳ ପର୍ଯ୍ୟନ୍ତ ଅସ୍ୱସ୍ତିକର ଅନୁଭବ ହେଉଛି। ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ତାଙ୍କ ଅସୁସ୍ଥ ସ୍ୱାସ୍ଥ୍ୟାବସ୍ଥା ଦର୍ଶାଇ ଶୁଣାଣିରୁ



ରହିତ। ଦେଶ ମାଗିବା ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ମନ୍ତବ୍ୟ ଦେଇଥିଲେ। ପ୍ରଧାନ ବିଚାରପତି ଆଇନଜୀବୀଙ୍କୁ ପଚାରିଥିଲେ ଆପଣଙ୍କ ଏ ଅସୁସ୍ଥତା ଦିଲ୍ଲୀର ପ୍ରଦୂଷଣ ଯୋଗୁଁ ହେଉଛି କି? ବିଚାରପତିଙ୍କ ପ୍ରଶ୍ନର ଉତ୍ତର ଦେଇ ଦ୍ୱିବେଦୀ କହିଥିଲେ, ' ହଁ ଆଜ୍ଞା। ଏସବୁ ଅସୁସ୍ଥତା ପ୍ରଦୂଷଣ କାରଣରୁ ହେଉଛି।'

ବରିଷ୍ଠ ଆଇନଜୀବୀ କପିଲ ସିବଲ ମଧ୍ୟ କହିଛନ୍ତି ଯେ ସେ ପ୍ରଦୂଷଣ ଯୋଗୁଁ ଚାଲିବା ବନ୍ଦ କରିଦେଇଛନ୍ତି। ସନ୍ଧ୍ୟା ସମୟରେ ମଧ୍ୟ ଦିଲ୍ଲୀର AQI ୩୦୦ ରୁ ୩୫୦ ମଧ୍ୟରେ ରହୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯେତେବେଳେ ବାୟୁପ୍ରଦୂଷଣ ସ୍ତର ଅଧିକ ରହୁଛି, ସେତେବେଳେ ବାହାରେ ଚାଲିବା କିମ୍ବା ଦୌଡ଼ିବା ଠାରୁ ନିବୃତ୍ତ ରହିବା ଉଚିତ। କାରଣ ଆମେ ଅନ୍ୟ ସମୟ ଅପେକ୍ଷା ଯେତେବେଳେ ବ୍ୟାୟାମ କରୁ କିମ୍ବା ଦ୍ରୁତ ଗତିରେ ଚାଲିଥାଉ ଅଧିକ ଗଭୀର ନିଶ୍ୱାସ ନେଇଥାଉ। ଯଦ୍ୱାରା ବାୟୁରେ ଥିବା କ୍ଷତିକାରକ କଣିକା ଏବଂ ବିଷାକ୍ତ ଗ୍ୟାସଗୁଡ଼ିକୁ ଆମ ନିଶ୍ୱାସ ଓ ପ୍ରଶ୍ୱାସରେ ଯାଇ ଫୁସଫୁସରେ ପହଞ୍ଚି ଗଭୀର କ୍ଷତି ପହଞ୍ଚାଇଥାଏ।

# ହାଇଦ୍ରାବାଦରେ ଏସ୍ଏଇଏସ୍ଆଇ ସୁବିଧାର ଉଦଘାଟନ

ହାଇଦ୍ରାବାଦ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଜିଏମଆର ଏରୋସ୍ପେସ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ପାର୍କ – ଏସଇଜେଡରେ ଅବସ୍ଥିତ ସଫରାନ୍ ଏୟାରକ୍ରାଫ୍ଟ ଇଞ୍ଜିନ୍ ସର୍ଭିସେସ୍ ଇଣ୍ଡିଆ (ଏସଏଇଏସଆଇ) ସୁବିଧାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ, "ଆଜିଠାରୁ ଭାରତର ବିମାନ ଚଳାଚଳ କ୍ଷେତ୍ର ଏକ ନୂତନ ଉଡ଼ାଣ ନେଉଛି। ସଫରାନର ନୂତନ ସୁବିଧା ଭାରତକୁ ଏକ ବିଶ୍ୱସ୍ତରୀୟ ମେଣ୍ଟେନାନ୍ସ, ରିପେୟାର ଏବଂ ଓଭରହଲ୍ (ଏମଆରଓ) ହବ୍ ଭାବରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ"। ପ୍ରଧାନମନ୍ତ୍ରୀ ରେଖାଙ୍କିତ କରିଥିଲେ ଯେ ଏହି ଏମଆରଓ ସୁବିଧା ଉଚ୍ଚ-ପ୍ରଯୁକ୍ତିବିଦ୍ୟା ମହାକାଶ କ୍ଷେତ୍ରରେ ଯୁବପିଢ଼ି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ସେ ମନେ ପକାଇଥିଲେ ଯେ, ସେ ୨୪ ନଭେମ୍ବରରେ ସଫରାନ ବୋର୍ଡ ଏବଂ ପରିଚାଳନାକୁ ଭେଟିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ପୂର୍ବରୁ ମଧ୍ୟ ସେମାନଙ୍କ ସହିତ ପ୍ରତ୍ୟେକ ଆଲୋଚନାରେ ସେ ଭାରତ ସମ୍ପର୍କରେ ସେମାନଙ୍କର ଆତ୍ମବିଶ୍ୱାସ ଏବଂ ଆଶା ଦେଖିଥିଲେ। ସେ ଆଶା ପ୍ରକାଶ କରିଥିଲେ ଯେ ଭାରତରେ ସଫରାନ ର ନିବେଶ ସମାନ ଗତିରେ ଜାରି ରହିବ। ତାଙ୍କର ଶୁଭକାମନା ଜଣାଇ ପ୍ରଧାନମନ୍ତ୍ରୀ ଏହି ନୂତନ ସୁବିଧା ପାଇଁ ଟିମ୍ ସଫରାନକୁ ଅଭିନନ୍ଦନ ଜଣାଇଥିଲେ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତର ବିମାନ ଚଳାଚଳ କ୍ଷେତ୍ର ଅଭୂତପୂର୍ବ ଗତିରେ ଆଗକୁ ବଢ଼ିଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ ଯେ ଆଜି ଭାରତ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ଘରୋଇ ବିମାନ ଚଳାଚଳ ବଜାର ମଧ୍ୟରେ ଅନ୍ୟତମ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଭାରତର ଘରୋଇ ବିମାନ ଚଳାଚଳ ବଜାର ଏବେ ବିଶ୍ୱ ସ୍ତରରେ ତୃତୀୟ ସର୍ବବୃହତ ହୋଇପାରିଛି। ପ୍ରଧାନମନ୍ତ୍ରୀ ଲକ୍ଷ୍ୟ କରିଥିଲେ ଯେ, ଭାରତର ଲୋକଙ୍କ ଆକାଂକ୍ଷା ନୂତନ ଉଚ୍ଚତାରେ ପହଞ୍ଚିଛି, ଏବଂ ଫଳସ୍ୱରୂପ ଦେଶରେ ବିମାନ ଯାତ୍ରାର ଚାହିଦା ବୃଦ୍ଧି ପାଉଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ଚାହିଦା ପୂରଣ କରିବା ପାଇଁ ବିମାନ କମ୍ପାନୀଗୁଡ଼ିକ ନିରନ୍ତର ସେମାନଙ୍କର ସକ୍ରିୟ ବିମାନବାହୀ ଜାହାଜକୁ ବିସ୍ତାର କରୁଛନ୍ତି। ସେ ଆହୁରି କହିଛନ୍ତି ଯେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ୧,୫୦୦ରୁ ଅଧିକ ନୂତନ ବିମାନ ପାଇଁ ଅର୍ଡର ଦେଇଛନ୍ତି।

ଭାରତର ବିମାନ ଚଳାଚଳ କ୍ଷେତ୍ରର ଦ୍ରୁତ ପ୍ରସାର ସହିତ, ଏମଆରଓ ସୁବିଧାର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ ଯେ ଭାରତର ପ୍ରାୟ ୮୫ ପ୍ରତିଶତ ଏମଆରଓ କାର୍ଯ୍ୟ ଦେଶ ବାହାରେ ହେଉଛି, ଯାହା ଫଳରେ ଅଧିକ ଖର୍ଚ୍ଚ, ଅଧିକ ସମୟ ଏବଂ ବିମାନଗୁଡ଼ିକ ଦୀର୍ଘ ସମୟ ପାଇଁ ଗ୍ରାଉଣ୍ଡେଡ୍ ରହିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ପରିସ୍ଥିତି ଭାରତ ଭଳି ଏକ ବିଶାଳ ବିମାନ ଚଳାଚଳ ବଜାର ପାଇଁ ଉପଯୁକ୍ତ ନୁହେଁ। ତେଣୁ, ସେ କହିଥିଲେ ଯେ ଆଜି ଭାରତ ସରକାର ଦେଶକୁ ବିଶ୍ୱର ପ୍ରମୁଖ ଏମଆରଓ ହବ୍ ମଧ୍ୟରୁ ଗୋଟିଏ ଭାବରେ ବିକଶିତ କରୁଛି। ଶ୍ରୀ ମୋଦୀ ଆହୁରି ମନ୍ତବ୍ୟ ଦେଇଥିଲେ ଯେ ପ୍ରଥମ ଥର ପାଇଁ, ଏକ ବିଶ୍ୱ ଓଇଏମ ଦେଶରେ ଡିପ୍ ଲେଭଲ୍ ସର୍ଭିସିଂ ସୁବିଧା ପ୍ରତିଷ୍ଠା କରୁଛି।

ଆଜି ଭାରତରେ ଦ୍ରୁତ ଅଭିବୃଦ୍ଧି, ଏକ ସ୍ଥିର ସରକାର, ଏକ ସଂସ୍କାର-ମୁଖୀ ମାନସିକତା, ଏକ ବିଶାଳ ଯୁବ ପ୍ରତିଭା ପୁଲ ଏବଂ ଏକ ବୃହତ ଘରୋଇ ବଜାର ଅଛି। ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତରେ ନିବେଶ କରୁଥିବା ଲୋକଙ୍କ ପାଇଁ, ଦେଶ ସେମାନଙ୍କୁ କେବଳ ନିବେଶକ ଭାବରେ ନୁହେଁ ବରଂ ଏକ ବିକଶିତ ଭାରତର ଯାତ୍ରାରେ ସହ-ସର୍ଜନାକାରୀ, ଅଂଶୀଦାର ଭାବରେ ବିବେଚନା କରେ। ପ୍ରଧାନମନ୍ତ୍ରୀ ଶେଷରେ କହିଥିଲେ, "ଭାରତ ଭାରତ ଉପରେ ବାଜି ଲଗାଇ ପ୍ରମାଣ କରୁଛି ଯେ ଏହା ଏହି ଦଶନ୍ଧିର ସବୁଠାରୁ ଚତୁର ବ୍ୟବସାୟିକ ନିଷ୍ପତ୍ତି।" ସେ ପୁଣି ଥରେ ଏହି ଆଧୁନିକ ଏମଆରଓ ସୁବିଧା ପ୍ରତିଷ୍ଠା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଶ୍ରୀ ରେବନ୍ତ ରେଡ୍ଡୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ କେ ରାମ ମୋହନ ନାଇଡୁ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉପସ୍ଥିତ ଥିଲେ।

# ହସିନାଙ୍କ ଲକରରେ ୧୦ କିଲୋ ସୁନା

ଢାକା: କୋର୍ଟଙ୍କ ଅନୁମତି କ୍ରମେ ଅଗ୍ରଣୀ ବ୍ୟାଙ୍କରେ ପଦଚ୍ୟୁତ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନାମରେ ଥିବା ଦୁଇଟି ଲକର ମଙ୍ଗଳବାର ଅପରାହ୍ନରେ ଭାଙ୍ଗି ଦିଆଯାଇଥିଲା। ଭିତରେ ଆବିଷ୍କୃତ ଧନ ସମ୍ପତ୍ତି ନେଇ ଦେଶବ୍ୟାପୀ ପ୍ରଶ୍ନ ଉଠାଇଛି। ଅଧିକାରୀଙ୍କ ଅନୁଯାୟୀ, ଲକର ନମ୍ବର ୭୫୧ ଏବଂ ୭୫୩ ରୁ ପ୍ରାୟ ୮୩୨ ଭରି (ପ୍ରାୟ ୧୦କିଲୋଗ୍ରାମ) ସୁନା ଅଳଙ୍କାର ଏବଂ ବାର୍ ଜବତ କରାଯାଇଛି। କେନ୍ଦ୍ରୀୟ ଗୁପ୍ତଚର ପ୍ରକୋଷ୍ଠ ସେପ୍ଟେମ୍ବର ୧୭ ତାରିଖରେ ଲକରଗୁଡ଼ିକୁ ଜବତ କରିବା ଆରମ୍ଭ କରିଥିଲା ଏବଂ ମଙ୍ଗଳବାର ଦିନ, ଜଣେ ମାଜିଷ୍ଟ୍ରେଟ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡ଼ିକୁ ଖୋଲାଯାଇଥିଲା। ଏହି ଲକରଗୁଡ଼ିକ ଢାକାର ଦିଲକୁଶାରେ ବ୍ୟାଙ୍କର ମୁଖ୍ୟ ଶାଖାରେ ଥିଲା।

ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ। ସୁନାର ଉତ୍ସ ବିଷୟରେ ଏକ ବିସ୍ତୃତ ଜବତ ତାଲିକା ଏବଂ ସୂଚନା ବୁଧବାର ଦିନ ସେୟାର କରାଯିବ। ଅଧିକାରୀମାନେ ଏହା ମଧ୍ୟ କହିଛନ୍ତି ଯେ, ଲକରଗୁଡ଼ିକରେ ସୁନା ବ୍ୟତୀତ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ଥାଇପାରେ। ଅଗ୍ରଣୀ ବ୍ୟାଙ୍କର ଏମଡି ନିଶ୍ଚିତ କରିଛନ୍ତି ଯେ ଲକରଗୁଡ଼ିକ ଖୋଲାଯାଇଥିଲା,କିନ୍ତୁ କ'ଣ ମିଳିଛି ତାହାର ସମ୍ପୂର୍ଣ୍ଣ ବିବରଣୀ ତାଙ୍କ ପାଖରେ ନାହିଁ। ଲକର ନମ୍ବର ୭୫୧ ଏବଂ ୭୫୩ ଉଭୟ ଶେଖ ହସିନାଙ୍କ ନାମରେ ଥିଲା ଏବଂ ବାଂଲାଦେଶ ବ୍ୟାଙ୍କ ନିୟମ ଅନୁଯାୟୀ ଖୋଲାଯାଇଥିଲା। ଚୂଡ଼ାନ୍ତ ଜବତ ତାଲିକା ପ୍ରସ୍ତୁତ ହେବା ପରେ ହିଁ ସମ୍ପୂର୍ଣ୍ଣ ସାମଗ୍ରୀ ନିଶ୍ଚିତ ହୋଇପାରିବ।

ପୂର୍ବରୁ, ସେପ୍ଟେମ୍ବର ୧୦ ତାରିଖରେ, ପୁବାଲି ବ୍ୟାଙ୍କରେ ଶେଖ ହସିନାଙ୍କ ଅନ୍ୟ ଏକ ଲକର ଜବତ କରାଯାଇଥିଲା। ସମାନ ଶାଖାରେ ଥିବା ତାଙ୍କର ଦୁଇଟି ଆକାଉଣ୍ଟରୁ ୫.୬ ମିଲିୟନ ଟଙ୍କା ମଧ୍ୟ ଜବତ କରାଯାଇଥିଲା। ଏକ ଏଫଡିଆରରେ ୧.୨ ମିଲିୟନ ଟଙ୍କା ଏବଂ ଏକ ସଞ୍ଚୟ ଆକାଉଣ୍ଟରେ ୪.୪ ମିଲିୟନ ଟଙ୍କା।

ଏହି ଆକାଉଣ୍ଟଗୁଡ଼ିକୁ ମଧ୍ୟ ଭାରତୀୟ ଜାତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ, ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଅନୁସାରେ ଜବତ ଲକର ଏବଂ ଆକାଉଣ୍ଟଗୁଡ଼ିକର ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ ହେବା ପରେ ହିଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

## ୨୦୨୫-୨୬ ଖରିଫ ଫସଲ ଉତ୍ପାଦନର ପ୍ରଥମ ଅଗ୍ରୀମ ଆକଳନ

# ଖାଦ୍ୟ ଶସ୍ୟ ଉତ୍ପାଦନ ୩.୮୭ ନିୟୁତ ଟନକୁ ବୃଦ୍ଧି: ଶିବରାଜ ସିଂହ

ନୂଆଦିଲ୍ଲୀ: କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ପ୍ରମୁଖ ଖରିଫ ଫସଲ ଉତ୍ପାଦନର ପ୍ରଥମ ଆଗୁଆ ଆକଳନ ପ୍ରକାଶ କରିଛନ୍ତି, ଏହା ଅନୁଯାୟୀ ପ୍ରମୁଖ ଖରିଫ ଫସଲର ଉତ୍ପାଦନରେ ରେକର୍ଡ ସଂଖ୍ୟା ବୃଦ୍ଧି ଆଶା କରାଯାଉଛି, ମୋଟ ଖାଦ୍ୟ ଶସ୍ୟ ଉତ୍ପାଦନ ୩.୮୭ ନିୟୁତ ଟନ୍ ବୃଦ୍ଧି ପାଇ ୧୭୩.୩୩ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି। ଖରିଫ ଚାଉଳ ଓ ମକାର ଭଲ ଉତ୍ପାଦନ ଆଶା କରାଯାଉଛି। ଶ୍ରୀ ଶିବରାଜ ସିଂହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୃଷି କ୍ଷେତ୍ରରେ ନିରନ୍ତର ସକାରାତ୍ମକ ଅଗ୍ରଗତି ପରିଲକ୍ଷିତ ହେଉଛି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ସୂଚନା ଦେଇଛନ୍ତି ଯେ, ଦେଶର କିଛି ଅଞ୍ଚଳରେ ଅତ୍ୟଧିକ ବର୍ଷା ଫସଲକୁ ପ୍ରଭାବିତ କରିଛି, କିନ୍ତୁ ଅଧିକାଂଶ ଅଞ୍ଚଳ ଅନୁକୂଳ ମୌସୁମୀ ବର୍ଷାରୁ ବହୁତ ଲାଭାନ୍ୱିତ ହୋଇଛି, ଏହା ଫଳରେ ସାମଗ୍ରିକ ଭାବରେ ଭଲ ଫସଲ ଅଭିବୃଦ୍ଧି ହୋଇପାରିଛି। ୨୦୨୫-୨୮ ପାଇଁ ପ୍ରଥମ ଆଗୁଆ ଆକଳନ ଅନୁଯାୟୀ, ଖରିଫ ଚାଉଳ ଉତ୍ପାଦନ ୧୨୪.୫୦୪ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି, ଏହା ଗତ ବର୍ଷ ଖରିଫ ଚାଉଳ ଉତ୍ପାଦନ ଅପେକ୍ଷା ୧.୭୩୨ ନିୟୁତ ଟନ୍ ଅଧିକ। ଖରିଫ ମକା ଉତ୍ପାଦନ ୨୮.୩୦୩ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି, ଏହା ପୂର୍ବ ବର୍ଷର ଖରିଫ ମକା ଉତ୍ପାଦନ ତୁଳନାରେ ୩.୪୯୫ ନିୟୁତ ଟନ୍ ଅଧିକ।

କେନ୍ଦ୍ର କୃଷିମନ୍ତ୍ରୀ ଆହୁରି କହିଛନ୍ତି ଯେ, ପ୍ରଥମ ଆଗୁଆ ଆକଳନ ଅନୁଯାୟୀ ୨୦୨୫-୨୬ ପାଇଁ ମୋଟ ଖରିଫ ଶସ୍ୟ ଉତ୍ପାଦନ ୪୧.୪୧୪ ନିୟୁତ ଟନ୍ ଏବଂ ମୋଟ ଖରିଫ ଡାଲି ଉତ୍ପାଦନ ୭.୪୧୩ ନିୟୁତ ଟନ୍ ହେବ। ଏହା ମଧ୍ୟରେ, ହରଡ (ଅରହର) ଉତ୍ପାଦନ ୩.୫୯୭ ନିୟୁତ ଟନ୍, ବିରି ୧.୨୦୫ ନିୟୁତ ଟନ୍ ଏବଂ ମୁଗ ୧.୭୨୦ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ ପାଇଁ ଦେଶରେ ମୋଟ ଖରିଫ ତୈଳବୀଜ ଉତ୍ପାଦନ ୨୭.୫୬୩ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି। ଏଥିରେ ୧୧.୦୯୩ ନିୟୁତ ଟନ୍ ଚିନାବାଦାମ (ଚିନାବାଦାମ) ଉତ୍ପାଦନ ଅନ୍ତର୍ଭୁକ୍ତ, ଏହା ଗତ ବର୍ଷ ତୁଳନାରେ ୦.୬୮୧ ନିୟୁତ ଟନ୍ ଅଧିକ ଏବଂ ୧୪.୨୬୬ ନିୟୁତ ଟନ୍ ସୋୟାବିନ୍ ଉତ୍ପାଦନ ଆକଳନ କରାଯାଇଛି। ଆଖୁ ଉତ୍ପାଦନ ୪୭୫.୬୧୪ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି, ଏହା ଗତ ବର୍ଷ ତୁଳନାରେ ୨୧.୦୦୩ ନିୟୁତ ଟନ୍ ବୃଦ୍ଧି ଦର୍ଶାଉଛି। କପା ଉତ୍ପାଦନ ୨୯.୨୧୫ ନିୟୁତ ଗୁଚ୍ଛା (ପ୍ରତ୍ୟେକ ଗୁଚ୍ଛା ୧୭୦ କିଲୋଗ୍ରାମ ଓଜନର) ଏବଂ ପାଟସନ୍ ଏବଂ ମେସ୍ତାର ଉତ୍ପାଦନ ୮.୩୪୫ ନିୟୁତ ଗୁଚ୍ଛା (ପ୍ରତ୍ୟେକ ଗୁଚ୍ଛା କିଲୋଗ୍ରାମ ଓଜନର) ହେବ ବୋଲି ଆକଳନ କରାଯାଇଛି।

# ୨ କୋଟିରୁ ଅଧିକ ମୃତ ବ୍ୟକ୍ତିଙ୍କ ଆଧାର କାର୍ଡ ନିଷ୍କ୍ରିୟ

ନୂଆଦିଲ୍ଲୀ:ମୃତ ବ୍ୟକ୍ତିଙ୍କ ଆଧାର ଆଇଡି ଡିଆକ୍ଟିଭେଟ୍ କଲେ ଭାରତ ସରକାର। ଏନେଇ ବୁଧବାର କେନ୍ଦ୍ର ସରକାର ସୂଚନା ଦେଇଛନ୍ତି।ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (UIDAI)ଦେଶବ୍ୟାପୀ ଚଳାଉଥିବା ଆଧାର ସ୍ୱଚ୍ଛ ଅଭିଯାନରେ ମୃତ୍ୟୁବରଣ କରିଥିବା୨କୋଟିରୁ ଅଧିକଲୋକଙ୍କର ଆଧାର ନମ୍ବରକୁ ନିଷ୍କ୍ରିୟ କରିଛି। ଆଧାର ଡାଟାବେସର ଅଖଣ୍ଡତାକୁ ସୁରକ୍ଷିତ ରଖିବା ଏବଂ ପରିଚୟ ପ୍ରମାଣପତ୍ରର ଅପବ୍ୟବହାରକୁ ରୋକିବା ପାଇଁ ଏହି ପଦକ୍ଷେପର ନିଆଯାଇଛି ବୋଲି ସରକାର ସୂଚନା ଦେଇଛନ୍ତି। ୟୁଆଇଡିଏଆଇ ଭାରତର ରେଜିଷ୍ଟ୍ରାର ଜେନେରାଲ,ରାଜ୍ୟ ସରକାର ଏବଂ ଅନେକ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗରୁ ପ୍ରାପ୍ତ ମୃତ୍ୟୁ ପଞ୍ଜିକରଣ ଏବଂ ଅନ୍ୟାନ୍ୟ ତଥ୍ୟ ସହିତ ଆଧାର ରେକର୍ଡଗୁଡ଼ିକୁ ମେଳ କରିବା ପରେ ଏହାକୁ ନିଷ୍କ୍ରିୟ କରିଥିଲା। ଏନେଇ ପ୍ରାଧିକରଣ କହିଛି ଯେ ଏହା ନିଷ୍କ୍ରିୟ କରିବା ପୂର୍ବରୁ ରେକର୍ଡଗୁଡ଼ିକର ବୈଧତା ଯାଞ୍ଚ କରାଯାଏ, ଏବଂ ସରକାରୀ ମୃତ୍ୟୁ-ପଞ୍ଜିକରଣ ଫିଡକୁ ନିୟମିତ ଭାବା ନେଇ ଡାଟାବେସ୍କୁ ଅପଡେଟ୍ ରଖିବା ପାଇଁ କାମ କରୁଛି। ଏତିସହିତ ପରିବାର ସଦସ୍ୟମାନେ ଚାହିଁଲେ myAadhaar ପୋର୍ଟାଲ ବ୍ୟବହାର କରି ସମ୍ପର୍କୀୟଙ୍କ ମୃତ୍ୟୁ ରିପୋର୍ଟ କରିପାରିବେ। ମୃତ୍ୟୁ ରିପୋର୍ଟ କରିବା ପାଇଁ, ପରିବାରର ସଦସ୍ୟଙ୍କୁ ପୋର୍ଟାଲରେ ପ୍ରମାଣୀକରଣ କରିବାକୁ ପଡିବ ଏବଂ ସରକାରୀ ମୃତ୍ୟୁ ପଞ୍ଜିକରଣ ନମ୍ବର ଏବଂ ମୌଳିକ ବିବରଣୀ ସହିତ ଆଧାର ନମ୍ବର ଦାଖଲ କରିବାକୁ ପଡିବ। UIDAI ଦାଖଲ ସମୀକ୍ଷା କରେ ଏବଂ ଯାଞ୍ଚ ପରେ ନିଷ୍କ୍ରିୟ କରିବା ଦିଗରେ କାମ କରେ। ପରିଚୟ ଜାଲିଆତି ରୋକିବାରେ ସାହାଯ୍ୟ କରିବା ପାଇଁ ମୃତ୍ୟୁ ପ୍ରମାଣପତ୍ର ପାଇବା ପରେ ପୋର୍ଟାଲ ବ୍ୟବହାର କରିବାକୁ କର୍ତ୍ତୃପକ୍ଷ ପରିବାରଗୁଡ଼ିକୁ ଅନୁରୋଧ କରିଛନ୍ତି। ତେବେ UIDAI କହିଛି ଯେ ଡିଆକ୍ଟିଭ୍ ପରେ ଏଥିରେ ସୁରକ୍ଷା ବ୍ୟବସ୍ଥା ରହିଛି। ଆଧାର ନମ୍ବରଗୁଡ଼ିକୁ ନିଷ୍କ୍ରିୟ କରିବା ପୂର୍ବରୁ କର୍ତ୍ତୃପକ୍ଷ ପ୍ରଥମେ ମୃତ୍ୟୁ ରେକର୍ଡର ବୈଧତା ଯାଞ୍ଚ କରନ୍ତି। ଯଦି ବି ଭୁଲ୍ରେ କୌଣସି ବ୍ୟକ୍ତିଙ୍କ କାର୍ଡ ନିଷ୍କ୍ରିୟ ହୋଇଯାଇଛି। ତେବେ ୟୁଜରମାନେ ଏହାକୁ ପୁନଃ ଆକ୍ଟିଭେଟ୍ କରିପାରିବେ। ତେବେ ଏଥିପାଇଁ ଆବଶ୍ୟକୀୟ ପ୍ରମାଣପତ୍ର ମଧ୍ୟ ଦେବାକୁ ପଡ଼ିବ ବୋଲି UIDAI କହିଛି।

# କେବଳ ହଲାଲ୍ ମିଟ୍ କାହିଁକି ? ରେଳବାଇକୁ ନୋଟିସ୍

ନୂଆଦିଲ୍ଲୀ: ଡକ୍ଟର ଆମ୍ବେଦକର ଜନକଲ୍ୟାଣ ସମିତିର ଅଭିଯୋଗ ଆଧାରରେ ଏନଏଚ୍ଆରସି ରେଳବାଇକୁ ଏକ ନୋଟିସ ଜାରି କରିଛି। ଟ୍ରେନ କେବଳ ହଲାଲ ମାଂସ ପରଷା ଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ରେଳବାଇକୁ କହିଛନ୍ତି ଜାତୀୟ ମାନବାଧିକାର କମିଶନ। ଜାତୀୟ ମାନବାଧିକାର କମିଶନ ମାନବାଧିକାର ଆଇନର ଧାରା ୧୨ ଅନୁଯାୟୀ ଭାରତୀୟ ରେଳବାଇକୁ ଏକ ନୋଟିସ ଜାରି କରିଛନ୍ତି।



ରେଳବାଇ ଆମିଷ ଥାଳିରେ କେବଳ ହଲାଲ ପ୍ରକ୍ରିୟାକୃତ ମିଟ୍ ଦେଉଛି ବୋଲି ଅଭିଯୋଗ ହୋଇଛି। ଏହା ଦ୍ୱାରା ହିନ୍ଦୁ, ଶିଖ୍ ଏବଂ ଅନୁସୂଚିତ ଜାତିର ଲୋକମାନଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ଅଭିଯୋଗକାରୀ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସମିତର ଅଭିଯୋଗ ଅନୁସାରେ, ହିନ୍ଦୁ, ଶିଖ ଏବଂ ଅନୁସୂଚିତ ଜାତିର ଲୋକମାନେ ମଧ୍ୟ ମାଂସ ବିକ୍ରି କରୁଛନ୍ତି। ଭାରତୀୟ ରେଳରେ କେବଳ ହଲାଲ ମିଟ୍ ଦିଆଗଲେ ସେମାନଙ୍କୁ ଏହି କ୍ଷେତ୍ରରେ ବ୍ୟବସାୟ କରିବାର ସୁଯୋଗ ମିଳି ପାରିବନାହିଁ। ଅଭିଯୋଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି, NHRC ଏହି ମାମଲାକୁ ବିଚାରକୁ ନେଇ ରେଳବାଇ ବୋର୍ଡର ଅଧ୍ୟକ୍ଷଙ୍କୁ ଏକ ନୋଟିସ ଜାରି କରିଛନ୍ତି। କମିଶନ ନିର୍ଦ୍ଦେଶ ଦେଇଛନ୍ତି ଯେ, ରେଳବାଇ ଦୁଇ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ଏକ ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବ। ଯେଉଁଥିରେ ଏହି ମାମଲାରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ ରହିବ। ପ୍ରକୃତରେ, ରେଳବାଇରେ କେବଳ ହଲାଲ ମାଂସ ପରଷା ଯିବା ସମ୍ପର୍କରେ ସାଧାରଣ ବିତର୍କ ଏବଂ ଅଭିଯୋଗ ସମୟ ସମୟରେ ସାମ୍ନାକୁ ଆସିଛି। ଏଥିପାଇଁ ବିଭିନ୍ନ କାରଣ ଏବଂ ଦାବି ଉପସ୍ଥାପନ କରାଯାଇଛି। କିନ୍ତୁ ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ (IRCTC) ଆନୁଷ୍ଠାନିକ ଭାବରେ ଏଭଳି ଅଭିଯୋଗକୁ ଖଣ୍ଡନ କରିଆସିଛି।

# ଜନ୍ତର-ମନ୍ତରରେ ମାଧ୍ୟମକୁ ସମ୍ବିଧାନିକ ଚତୁର୍ଥ ସ୍ତମ୍ଭ ଘୋଷଣା ପାଇଁ ଦାବି

ନୂଆଦିଲ୍ଲୀ : ଜନ୍ତର-ମନ୍ତର: ସଂବିଧାନ ଦିବସ ଅବସରରେ ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଜନ୍ତର-ମନ୍ତରରେ ବିଶାଳ ଧରଣା, ପ୍ରତିବାଦ ସଭା ଓ ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାରେ କେନ୍ଦ୍ର ସରକାରଙ୍କୁ ଦାବି କରାଗଲା ଯେ ବିଶେଷ କେନ୍ଦ୍ରୀୟ ଆଇନ ମାଧ୍ୟମରେ ମାଧ୍ୟମକୁ ସଂବିଧାନିକ ଭାବେ ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଘୋଷଣା କରାଯାଉ। ଏହି ସମ୍ବନ୍ଧରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଜ୍ଞାପନ ପ୍ରଦାନ କରାଗଲା। ଜାତୀୟ ଅଧ୍ୟକ୍ଷ ଡଃ ପବିତ୍ର ମୋହନ ସାମନ୍ତରାୟ କହିଥିଲେ ଯେ ପତ୍ରକାରମାନେ ବିପରୀତ ପରିସ୍ଥିତିରେ ସତ୍ୟକୁ ସମ୍ମୁଖରେ ଆଣିବା ପାଇଁ ନିରନ୍ତର ଲଢ଼େ। ସେ କହିଲେ, "ସତ୍ୟ ରକ୍ଷା ପାଇଁ ପତ୍ରକାରମାନେ ପ୍ରତିଦିନ ନିଜ ପ୍ରାଣ ଝୁଙ୍କିରେ ପକାଇ କାମ କରନ୍ତି। କିନ୍ତୁ ଏହା ସତ୍ତ୍ୱେ ମାଧ୍ୟମକୁ କୌଣସି ସଂବିଧାନିକ ଅଧିକାର ନ ମିଳିବା ଏକ ଦୁଃଖଜନକ ଅବସ୍ଥା।" ସେ ଆହୁରି କହିଲେ ଯେ ରକାର ମାଧ୍ୟମକୁ ଯଦିଓ ଚତୁର୍ଥ ସ୍ତମ୍ଭ ବୋଲି ବର୍ଣ୍ଣନା କରେ, କିନ୍ତୁ ଏପର୍ଯ୍ୟନ୍ତ ଏହାକୁ ସଂବିଧାନିକ ସ୍ଥାନ ଦିଆଯାଇନି। ସତ୍ୟକୁ ସମ୍ମୁଖରେ ଆଣୁଥିବା ପତ୍ରକାରମାନେ ପ୍ରାୟତଃ ଶାସନୀୟ ଉତ୍ପୀଡ଼ନର ସମ୍ମୁଖୀନ ହେବାକୁ ପଡେ। ତେଣୁ ବିଧାୟିକା, କାର୍ଯ୍ୟନିଷ୍ଠା ଓ ନ୍ୟାୟପାଳିକା ପରି ମାଧ୍ୟମକୁ ମଧ୍ୟ ସଂବିଧାନିକ ଭାବେ ଚତୁର୍ଥ ସ୍ତମ୍ଭ ଘୋଷଣା କରିବା ଅତ୍ୟାବଶ୍ୟକ।


ଦେଶର ବିଭିନ୍ନ ରାଜ୍ୟରୁ




ଆସିଥିବା ଅସଂଖ୍ୟ ପତ୍ରକାର ଏହି ପ୍ରଦର୍ଶନରେ ଯୋଗଦେଲେ। ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ସ୍ମଲ୍ ଏଣ୍ଡ ମିଡିୟମ୍ ନ୍ୟୁଜ୍ପେପର୍, ନ୍ୟାସନାଲ୍ ମିଡିଆ କନଫେଡେରେସନ ସହିତ ସଂଯୁକ୍ତ ପତ୍ରକାରମାନେ ବଡ଼ ସଂଖ୍ୟାରେ ଉପସ୍ଥିତ ହେଲେ। ମୁଖ୍ୟ ଅଂଶଗ୍ରହୀମାନଙ୍କ ମଧ୍ୟରେ ଘନଶ୍ୟାମ ଦାସ, ପବନ ଭୁଟ, ବାଘୀ, ଅଜେଶ କୁମାର, କେ ଡି ମିଶ୍ର, ସୁରେଶ ଚୌଧୁରୀ, ପ୍ରିୟବ୍ରତ ନାୟକ, ତାହିର ଅହମଦ୍, ସନ୍ତୋଷ ଯାଦବ, ଗଙ୍ଗା ସାହୁ, ଭାନୁ ପ୍ରତାପ ନାୟକ, ସୀମା ଦ୍ୱରୀ ରାଓ, ଯୁଧିଷ୍ଠିର ବାଘ, ସନ୍ତୋଷ ଯଦୁ ଆଦି ବରିଷ୍ଠ ପତ୍ରକାର ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଦେବେନ୍ଦ୍ର ନାଥ ପାଣ୍ଡେ (ଦିଲ୍ଲୀ ପ୍ରଭାରୀ, ଭାରତୀୟ ମଜଦୂର ସଙ୍ଘ), ଡଭୋକେଟ୍ ମ୍ୟାଥିଉ ନେଡୁମ୍ପୁରା (ବରିଷ୍ଠ ଅଧିବକ୍ତା, ବୋମ୍ବେ ହାଇକୋର୍ଟ), ଅଡଭୋକେଟ୍ ଅସଦ୍ ଅଲ୍ଲି (ବରିଷ୍ଠ ଅଧିବକ୍ତା, ସୁପ୍ରିମ୍ କୋର୍ଟ), ବରିଷ୍ଠ ସ୍ତମ୍ଭକାର ବିବେକ ଶୁକ୍ଲା, ଜାତୀୟ ଜନତା ଲୋକଦଳ ଅଧ୍ୟକ୍ଷ ଉମାକାନ୍ତ ପାଣ୍ଡେ ଓ ଫିଲ୍ମ ନିର୍ମାତା ଜବାହର ଜୟରଥ ଉପସ୍ଥିତ ହୋଇ ମାଧ୍ୟମକୁ ସଂବିଧାନିକ ଚତୁର୍ଥ ସ୍ତମ୍ଭ ଘୋଷଣା କରିବାର ଗୁରୁତ୍ୱରେ ଜୋର ଦେଲେ।

# ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା

## ଅହମ୍ମଦାବାଦକୁ ମିଳିଲା ଅଧିକାର




ନୂଆଦିଲ୍ଲୀ, ୨୬।୧୧(ଏଜେନ୍ସି) :ଭାରତୀୟ କ୍ରୀଡା ଇତିହାସରେ ନୂଆ ଅଧ୍ୟାୟ ଯୋଡି ହୋଇଛି। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଭାରତରେ ଆୟୋଜନ ହେବ। ଗୁଜରାଟର ଅହମ୍ମଦାବାଦକୁ ଆୟୋଜକ ସହର ଭାବେ ବିଧିବଦ୍ଧ ଅନୁମତି ମିଳିଛି। ରାଜ୍ୟଗୋଷ୍ଠୀ କ୍ରୀଡାର ୭୪ ଜଣିଆ କମିଟି ଅହମ୍ମଦାବାଦ ନାଁ ଉପରେ ମୋହର ଲଗାଇଛନ୍ତି। ଏହାର ଅର୍ଥ ୨୦ ବର୍ଷ ପରେ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡା ଫେରିଛି। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡାକୁ ୧୦୦ ବର୍ଷ ପୂରିବ । ଏହି ୧୦୦ ବର୍ଷ ପୂର୍ତ୍ତି ଅବସରରେ ଇଭେଣ୍ଟର ଆୟୋଜନ କରିବାକୁ ଭାରତ ସରକାର ଚାହୁଁଥିଲେ। ଏଥିପାଇଁ ଭାରତ ସରକାର ବିଧିବଦ୍ଧ ଭାବେ ଆବେଦ ଦାଖଲ କରିଥିଲେ। ଆବେଦନ ପରେ ଅହମ୍ମଦାବାଦର କ୍ରୀଡା ଭିତ୍ତିଭୂମିକୁ ଯାଞ୍ଚ କରାଯାଇଥିଲା। ଶେଷରେ ୭୪ ଦେଶର କମିଟି ଭାରତର ଆୟୋଜନ ଅଧିକାରକୁ ଅନୁମତି ଦେଇଛନ୍ତି। ଗ୍ଲାସଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡାର ସାଧାରଣ ମହାସଭାରେ ଏପରି ନିଷ୍ପତ୍ତି ହୋଇଛି। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡାରେ ୭୪ ଟି ଦେଶ ଭାଗ ନେବେ। ୧୯୩୦ ରୁ ପ୍ରତି ୪ ବର୍ଷରେ ଥରେ ରାଜ୍ୟଗୋଷ୍ଠୀ ହେଉଛି। ଭାରତ ପ୍ରଥମ ସଂସ୍କରଣରେ ଭାଗ ନେଇନଥିଲା। ସେହିପରି ୧୯୫୦, ୧୯୬୨, ୧୯୮୬ରେ ମଧ ଭାରତରୁ କେହି ବି ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାଗ ନେଇନଥିଲେ।୨୦୨୬ରେ ସ୍କଟଲାଣ୍ଡରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହେବ।

# ଶୃଙ୍ଖଳା ସହ ସମ୍ମାନ ଗଲା

ଗୌହାଟି, ୨୬।୧୧(ଏଜେନ୍ସି) : ଘରୋଇ ପରିବେଶରେ ଭାରତୀୟ ଦଳ ଭ୍ରମଣକାରୀ ଦ.ଆଫ୍ରିକା ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ମାଟି କାମୁଡିଛି। ଶୃଙ୍ଖଳା ସହ ସମ୍ମାନ ବି ହରାଇଛି ଭାରତ। ଦୀର୍ଘ ୨୫ ବର୍ଷ ପରେ ଭାରତରେ ଟେଷ୍ଟ ଶୃଙ୍ଖଳା ଜିତି ଦ.ଆଫ୍ରିକା ନୂଆ ଇତିହାସ ରଚିଛି। ୨୦୦୦ ମସିହାରେ ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦ.ଆଫ୍ରିକା ଭାରତ ମାଟିରେ ଟେଷ୍ଟ ଶୃଙ୍ଖଳା ୨-୦ ରେ ଜିତିଥିଲା। ଏବେ ତେମ୍ବା ବଭୁମାଙ୍କ ନେତୃତ୍ୱରେ ଦ.ଆଫ୍ରିକା ୨୫ ବର୍ଷ ତଳର ସଫଳତାକୁ ଦୋହରାଇ ପାରିଛି।ଦ.ଆଫ୍ରିକା୨-୦ରେଶୃଙ୍ଖଳା ପୋଛି ନେଇଛି। ଘରୋଇ ମାଟିରେ ଭାରତର ଶୃଙ୍ଖଳା ପରାଜୟକୁ ନେଇ ଖେଳାଳିଙ୍କଠୁ ଆରମ୍ଭ କରି ଦର୍ଶକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ କେବଳ ନିରାଶା। ଏହି ଶୃଙ୍ଖଳା ପୂର୍ବରୁ ନ୍ୟୁଜ୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ମଧ ଭାରତ ଗୋଟିଏ ହେଲେ ବି ମ୍ୟାଚ୍ ଜିତିନଥିଲା। କୋଚ୍ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଦଳ ନ୍ୟୁଜ୍ଲାଣ୍ଡଠାରୁ ୩-୦ରେ ହାରି ତୀବ୍ର ସମାଲୋଚନାର ସରବ୍ୟ ହୋଇଥିଲା। ଏହାର ପୂନରାବୃତ୍ତି ଘଟିଛି। ଇଡେନ୍ ଗାର୍ଡେନ୍ ଟେଷ୍ଟରେ ଭାରତ ୩୦ ରନ୍‌ରେ ହାରିଥିଲା। ଏବେ ପୁଣି ଗୌହାଟିରେ ୪୦୮ ରନ୍‌ରେ ପରାସ୍ତ ହୋଇଛି। ଭାରତ ବିପକ୍ଷରେ ଏହା ଦକ୍ଷିଣ ।ଆଫ୍ରିକାର ସବୁଠୁ ବଡ ଟେଷ୍ଟ ବିଜୟ। ଏହି ପରାଜୟ ମଧ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଖେଳୁଥିବା ଭାରତୀୟ ଦଳର ମୁଣ୍ଡ ତଳକୁ କରିଦେଇଛି। ଦାୟିତ୍ୱ ହୀନ ବ୍ୟାଟିଂ ଯୋଗୁଁ ଦଳ ଏଭଳି ଦଶା ଭୋଗିଛି। ଗମ୍ଭୀର ଯୁଗରେ ଦଳ ଟେଷ୍ଟ ଇତିହାସର ସବୁଠାରୁ ବଡ ପରାଜୟର ସମ୍ମୁଖୀନ ହୋଇଛି।

ପ୍ରଥମ ଇନିଂସରେ ଭାରତ ମାତ୍ର ୨୦୧ ରନ୍ କରିଥିଲା। ଦ୍ୱିତୀୟ ଇନିଂସରେ ଦଳ ଆହୁରୀ ଖରାପ ପ୍ରଦର୍ଶନ ଦେଖାଇ କେବଳ ୧୪୦ ରନ କରିବାକୁ ସକ୍ଷମ ହୋଇଥିଲା। ରବିନ୍ଦ୍ର ଜାଡେଜାଙ୍କ ୫୪ ରନକୁ ଛାଡିଦେଲେ ଦ. ଆଫ୍ରିକା ବୋଲରଙ୍କୁ ଖେଳିବାକୁ କୌଣସି ଭାରତୀୟ ବ୍ୟାଟର ଖେଳିବାକୁ ସକ୍ଷମ ହୋଇନଥିଲେ। ଦ. ଆଫ୍ରିକା ପ୍ରଥମ ଇନିଂସରେ ୪୮୯ ରନ୍ କରିଥିଲା। ଦ୍ୱିତୀୟ ଇନିଂସରେ ୨୬୦/୫ ରନ୍ କରି ପାଳି ଘୋଷଣା କରିଥିଲା। ତେଣୁ ଭାରତ ସମ୍ମୁଖରେ ୫୪୯ ରନ୍‌ର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଦେଖିବାକୁ ଗଲେ ଭାରତ ଦ. ଆଫ୍ରିକାର ପ୍ରଥମ ଇନିଂସ




୪୮୯ ରନକୁ ଦୁଇଥର ବ୍ୟାଟିଂ କରି ଅତିକ୍ରମ କରିପାରିନାହିଁ। ଦୁଇଟିଯାକ ଇନିଂସକୁ ମିଶାଇଲେ କେବଳ ୩୪୧ ରନ କରିଛନ୍ତି ଭାରତୀୟ ବ୍ୟାଟର। ଏହାଠାରୁ ଅଧିକ ଲଜ୍ଜା ଆଉ କିଛି ହୋଇନପାରେ। ଦ.ଆଫ୍ରିକାର ମାର୍କୋ ଜନସେନ୍ ପ୍ରଥମ ଇନିଂସରେ ୬ ଟି ୱିକେଟ୍ ନେଇଥିଲେ। ଦ୍ୱିତୀୟ ଇନିଂସରେ ସେ ଗୋଟିଏ ୱିକେଟ୍ ନେଇ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପାଇଛନ୍ତି। କୋଲକାତା ଟେଷ୍ଟରେ ମ୍ୟାନ୍ ଅଫ ଦ ମ୍ୟାଚ ହୋଇଥିବା ସ୍ପିନର ସିମନ ହାର୍ମର ଦ୍ୱିତୀୟ ଟେଷ୍ଟରେ ୯ ୱିକେଟ୍ ଦଖଲ କରିଥିଲେ। ଦୁଇଟି ଯାକ ମ୍ୟାଚରେ ୧୭ ୱିକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ ଦ ସିରିଜ ବିବେଚିତ କରାଯାଇଥିଲା।

ଦ.ଆଫ୍ରିକାର ରେକର୍ଡ

୧. ଭାରତରେ ଦ୍ୱିତୀୟ ଥର ପାଇଁ ଟେଷ୍ଟ ଶୃଙ୍ଖଳା ଜିତିଛି ଦ.ଆଫ୍ରିକା । ଏହାପୂର୍ବରୁ ୨୦୦୦ ମସିହା ଫେବୃଆରୀ -ମାର୍ଚ୍ଚରେ ଦଳ ୨-୦ରେ ଦଳ ଟେଷ୍ଟ ଶୃଙ୍ଖଳା ଜିତିଥିଲା।

୨. ଭାରତୀୟ ଦଳ ଦୁଇବର୍ଷ ମଧ୍ୟରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଘରୋଇ ମାଟିରେ ଟେଷ୍ଟ ଶୃଙ୍ଖଳା ହାରିଛି। ୨୦୨୪ରେ ୦-୩ରେ ନ୍ୟୁଜ୍ଲାଣ୍ଡଠାରୁ ହାରିଥିଲା।

୩. କ୍ରମାଗତ ଦୁଇବର୍ଷ ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ପରାଜୟ କରିବାର ଲଜ୍ଜା ଭାରତ ୪ ଦଶନ୍ଧି ତଳେ ମୁଣ୍ଡାଇଥିଲା। ୧୯୮୩ରେ ୱେଷ୍ଟଇଣ୍ଡିଜ୍ ଓ ୧୯୮୪-୮୫ରେ ଇଂଲଣ୍ଡ ଠାରୁ ଭାରତ ଟେଷ୍ଟ ଶୃଙ୍ଖଳା ହାରିଥିଲା

୪. ଏସିଆରେ ଦ.ଆଫ୍ରିକା କ୍ରମାଗତ ତୃତୀୟ ଥର ପାଇଁ ଟେଷ୍ଟ ଶୃଙ୍ଖଳା ନହାରିବାର ରେକର୍ଡ କରିଛି। ୨୦୨୪ରେ ଦଳ ବାଂଲାଦେଶକୁ ୨-୦ରେ ଏବଂ ୨୦୨୫ରେ ପାକିସ୍ତାନ ସହ ଶୃଙ୍ଖଳା ୧-୧ରେ ଡ୍ର ରଖିଥିଲା। ଏବେ ଭାରତ ବିପକ୍ଷ ଟେଷ୍ଟ ଶୃଙ୍ଖଳାକୁ ୨-୦ରେ ଜିତିନେଇଛି।

## ସୟଦ ମୁସ୍ତାକ ଅଲି ଟ୍ରଫି

## କେରଳଠୁ ହାରିଲା ଓଡିଶା



ଭୁବନେଶ୍ୱର, ୨୮।୧୧(ସବ୍ୟୁ) : ଲକ୍ଷ୍ନୌର ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ସୟଦ ମୁସ୍ତାକ ଅଲି ଟ୍ରଫି ଟି -୨୦ ପ୍ରତିଯୋଗିତାରେ ଓଡିଶାର ନୈରାଶ୍ୟଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି। ବୁଧବାର କେରଳ ବିପକ୍ଷ ମ୍ୟାଚରେ ଓଡିଶା ୧୦ ୱିକେଟ୍‌ରେ କେରଳ ନିକଟରେ ହାରିଛି। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଓଡିଶା ଦଳ ୨୦ ଓଭରରେ ୭ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା। ବିପ୍ଳବ ସାମନ୍ତରାୟ ୫୩ ଓ ସମ୍ବିତ ବରାଳ ୪୦ ରନ୍ କରିଥିଲେ। ଜବାବ୍‌ରେ କେରଳ ୧୬.୩ ଓଭରରେ ବିନ କୌଣସି ୱିକେଟ୍ ହରାଇ ୧୭୭ ରନ୍ କରି ବିଜୟୀ ହୋଇଥିଲା। ରୋହନ କୁନ୍ନୁମାଲ୍ ୧୨୧ ଓ ସଞ୍ଜୁ ସାମସନ୍ ୪୧ ରନ୍‌ର ଅପରାଜିତ ଇନିଂସ ଖେଳି କେରଳକୁ ବଡ ବିଜୟ ଦେଇଛନ୍ତି। ଏହି ମ୍ୟାଚ୍ ଜରିଆରେ ଓଡିଶାର ଗୌରଭ ଗୌଡ, ବାଦଲ ବିଶ୍ୱାଳ ଓ ବାଘେସ ଶର୍ମା ଟି -୨୦ ଡେବ୍ୟୁ କରିଛନ୍ତି।

## ୟୁପି ପ୍ରୋ -ହ୍ୟାଣ୍ଡବଲ ଲିଗ୍

## ଗୌରୀଶଙ୍କର ବୈଷୟିକ ଅଧିକାରୀ

ଭୁବନେଶ୍ୱର, ୨୬।୧୧(ସବ୍ୟୁ) : ଆସନ୍ତା ଡିସେମ୍ବର ୨୫ ରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସମ୍ମାନଜନକ ଉତ୍ତରପ୍ରଦେଶ ପ୍ରୋ -ହ୍ୟାଣ୍ଡବଲ ଲିଗ୍‌ରେ ଓଡିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କୋଚ୍ ଗୌରୀଶଙ୍କର ମିଶ୍ର ବୈଷୟିକ ଅଧିକାରୀ ଭାବେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ଗତ ସେପ୍ଟେମ୍ବରରେ ଗୌରୀଶଙ୍କର ଭାରତୀୟ ୧୭ ବର୍ଷରୁ କମ୍ ଭାରତୀୟ ବାଳକ ଦଳ ସହ ଯୋଡାନ ଯାତ୍ରା କରିଥିଲେ। ଗୌରୀଶଙ୍କର ଓଡିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ୍ତ ବ୍ରାହ୍ମିନଙ୍କ ବାପା। ଗୌରୀଶଙ୍କରଙ୍କ ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ସୀତେନ୍ଦ୍ର ନାଥ ଦାସ, ଭୁବନେଶ୍ୱର ସଂଘ ସମ୍ପାଦକ ପ୍ରଶାନ୍ତ ନାୟକ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



## ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡା

## ତୃତୀୟ ଦିନ କିଟକୁ ୩ ପଦକ

ଭୁବନେଶ୍ୱର, ୨୬।୧୧(ସବ୍ୟୁ) : ରାଜସ୍ଥାନରେ ଖେଳାଯାଉଥିବା ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡାର ତୃତୀୟ ଦିନ ଓଡିଶା ୪ ଟି ପଦକ ହାସଲ କରିଛି। ତନ୍ମଧ୍ୟରୁ କିଟ୍ ବିଶ୍ୱ ବିଦ୍ୟାଳୟର ପ୍ରତିଯୋଗୀ ୩ ଟି ପଦକ ହାସଲ କରିଛନ୍ତି। ଏହା ଭିତରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ , ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ସନ୍ତରଣରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କିଟ୍‌ର ରୀତିକା ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ବର୍ଗରେ ୩୪.୯୫ ସେକେଣ୍ଡ ସମୟରେ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ନୀଳବଜା ଘୋଷ ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ୩ ଦିନ ମଧ୍ୟରେ କିଟ୍ ବିଶ୍ୱ ବିଦ୍ୟାଳୟ ପ୍ରତିଯୋଗୀ ୬ ଟି ପଦକ ଯଥା ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୪ ଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ୟାଷା




ରାୟ ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ରଗବୀ କ୍ରୀଡାର ଲିଗ୍ ପର୍ଯ୍ୟାୟରେ କିଟ୍ ବିଶ୍ୱବିଦ୍ୟାଳୟ ଜମାଣିଆ ପ୍ରଦର୍ଶନ ଦେଖାଇଛି। ଉଭୟ ପୁରୁଷ ମହିଳା ଦଳ ବିଜୟ ଲାଭ କରି ଆଗକୁ ବଢିଛନ୍ତି। କିଟ୍ ପୁରୁଷ ଦଳ ୧୭-୦ ବ୍ୟବଧାନରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ଏବଂ ୪୦-୦ ବ୍ୟବଧାନରେ ଶିବାଜୀ ବିଶ୍ୱ ବିଦ୍ୟାଳୟକୁ ପରାଜିତ କରିଛି। ମହିଳା ରଗ୍‌ବୀ ଦଳ ୬୭-୦ ବ୍ୟବଧାନରେ ରାଜସ୍ଥାନ ବିଶ୍ୱ ବିଦ୍ୟାଳୟକୁ ଏବଂ ୫୪-୦ ବ୍ୟବଧାନରେ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟକୁ ପରାଜିତ କରି ଆଗକୁ ବଢିଛି। କିଟ୍ ବିଶ୍ୱ ବିଦ୍ୟାଳୟର ସଫଳତା ପାଇଁ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ୍ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏନ ଏନ କ୍ଲବ ଗଞ୍ଜା ଚାମ୍ପିଅନ

ରାଜକନିକା,୨୬।୧୧(ସବ୍ୟୁ) : ରାଜକନିକା ବ୍ଲକ ଜାଗୁଲାଇପଡା ଗ୍ରାମର ଯୁବ କ୍ରୀଡ଼ାବିତ ଦିବଂଗତ ଜ୍ୟୋତି ବନ୍ତ ବିଶ୍ୱାଳଙ୍କ ସ୍ମୃତିରେ ଜେ ଏସ ସି କ୍ଲବ, ଜାଗୁଲାଇପଡା ଆୟୋଜନାରେ ସ୍ଥାନୀୟ ଖେଳ ପଡିଆରେ ଚାଲି ଥିବା ୪ର୍ଥ ବାର୍ଷିକ ଜ୍ୟୋତିବନ୍ତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଫାଇନାଲ ଖେଳ ଆୟୋଜକ ଜେ ଏସ ସି ଜାଗୁଲାଇପଡା ବନାମ ଏନ.ଏନ କ୍ଲବ ଗଞ୍ଜା ମଧ୍ୟରେ ହୋଇଥିଲା, ଏଥିରେଏନ.ଏନ କ୍ଲବ ଗଞ୍ଜା ୧-୦ ଗୋଲରେ ବିଜୟ ଲାଭ କରି ଚମ୍ପିୟାନ ହୋଇଛି, ଅନୁଷ୍ଠାନର ଉପଦେଷ୍ଟା ନିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ମହିଳା ଫୁଟବଲ ଦଳର ପ୍ରଶିକ୍ଷକ ମହମଦ ସାହିଦ ଜବାର ମୁଖ୍ୟବକ୍ତା ଭାବେ କ୍ରୀଡ଼ାବିତ ଗୋଲକିହାରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲିଲିଭା ମଲ୍ଲିକ, ଅବସରର ପ୍ରାପ୍ତ ସୈନିକ ଅକ୍ଷୟ କୁମାର ନାଥ ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଲଲାଟେନ୍ଦୁ ବେହେରା ସମ୍ପାଦକୀୟ ବିବରଣୀ ପାଠ କରି ଥିବା ବେଳେ , ଉପଦେଷ୍ଟା ଗଣ ନାଥ ପଢି ହାରୀ ଅତିଥି ପରିଚୟ ଓ ଦିନେଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ,ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ସେକ ସଲିମ, ଶରତ ଜେନା ପ୍ରଶାନ୍ତ ସେନାପତି, ଅରୁଣ ବାରିକ ତାଙ୍କୁ ସହଯୋଗ କରିଥିଲେ। ବିଜେତା ଦଳର ଏସ କେ ଅରମାନ ମ୍ୟାନ ଆଫ ଦି ମ୍ୟାଚ ଓ ଉପବିଜେତା ଦଳର ଏସ କେ ରାଜା ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ।

## ରାପିଡ ଚେସ୍ ଚାମ୍ପିଅନସିପ୍

## ହର୍ଷିତ, ମନିଷ ଚାମ୍ପିଅନ

ଭୁବନେଶ୍ୱର, ୨୬।୧୧(ସବ୍ୟୁ) : ଇଣ୍ଡସ୍ ଚେସ୍ ଏକାଡେମୀ ପକ୍ଷରୁ ରୁଦ୍ରପୁର ସ୍ଥିତ ସିମ୍ଫୋନି ମଲ ପରିସରରେ ଏକଦିବସୀୟ ରାପିଡ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାର ଓପନ ବର୍ଗରେ ୭୬ ଜଣ ଏବଂ କନିଷ୍ଠ ବର୍ଗରେ ୧୩୨ ଜଣ ପ୍ରତିଯୋଗୀଙ୍କ ସହ ୨୦୮ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୮୭ ଜଣ ଅନ୍ତର୍ଜାତୀୟ ମାନ୍ୟତା ରେଟିଙ୍ଗ ପ୍ରାପ୍ତ ଖେଳାଳି। ଓପନ୍ ବର୍ଗରେ ଫିଡେ ମାଷ୍ଟର, ରାକେଶ ନାୟକ ଏବଂ କନିଷ୍ଠ ବର୍ଗରେ ମନିଷ ମିଶ୍ର ଟପ୍ ସିଡ୍ ମାନ୍ୟତା ଲାଭ କରିଥିଲେ। ଉଭୟ ବର୍ଗରେ ମୋଟ ୭ ରାଉଣ୍ଡ ଖେଳ ହୋଇଥିଲା।ଓପନ ବର୍ଗରେ କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ସହ ଚାମ୍ପିଅନ ହୋଇଥିବା ବେଳେ ପୁରୀର ଜଗଦୀଶ ବାରିକ ଏବଂ ଖୋର୍ଦ୍ଧାର ଓମ୍ ଆଦିତ୍ୟ ଖଡଙ୍ଗା ୫.୫ ପଏଣ୍ଟ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।କନିଷ୍ଠ ବର୍ଗରେ ଖୋର୍ଦ୍ଧାର ମନିଷ ମିଶ୍ର ୭ ରାଉଣ୍ଡରୁ ଅପରାଜୟ ରହି ଚାମ୍ପିଅନ ହୋଇଥିବା ବେଳେ କଟକର ଅତିଷ ସାହାଣୀ ଏବଂ ଇ ରାଗେଣୀ ୬ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଲ ଓଡିଶା ଚେସ୍ ଆସୋସିଏସନ୍ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି ଏବଂ ବରିଷ୍ଠ ଚେସ୍ ଖେଳାଳି ତଥା ଫିଡେ ଆରବିଟର ଗଜେନ୍ଦ୍ର କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ୪୫ ହଜାର ଟଙ୍କା ସହ ୬୦ ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରିଥିଲେ। ବିଭିନ୍ନ ବୟସ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରିପଲ୍ ସି କ୍ଲବର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ମାଷ୍ଟର ଚେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଚେସ୍ ଅଭିଭାବକ ସଂଘର ସଭାପତି ଧନଞ୍ଜୟ ସାବତ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗୀତାଙ୍କୁ ଅନ୍ତର୍ଜାତୀୟ ଆରବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର ଏବଂ ଫିଡେ ଆରବିଟର ସୁରଜ କାନୁନଗୋ ପରିଚାଳନା କରିଥିଲେ। ଜୟଶ୍ରୀ ସିଂ , ପ୍ରିୟଦର୍ଶିନୀ ପଟ୍ଟନାୟକ, ଶ୍ରୀତମ କୁମାର ଜେନା, ଅଭିଜିତ ବରାଳ, ମାନସ ରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ : ଯଦୁମଣି ସ୍ପୋର୍ଟସ କ୍ଲବ ବିଜୟୀ

ନିରାକାରପୁର,୨୬/୧୧(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୁଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ଯଦୁମଣି ସ୍ପୋର୍ଟସ କ୍ଲବ, ଇଟାମାଟି ଓ ଜଟଣୀ କୁସୁମାଟି ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଶେଷ ପର୍ଯ୍ୟନ୍ତ ସ୍କୋର ବରାବର ରହିବାରୁ ଟ୍ରାଇବ୍ରେକର ଅନୁଷ୍ଠିତ ହୋଇଥିଲା ।ଏଥିରେ ଯଦୁମଣି ସ୍ପୋର୍ଟସ କ୍ଲବ, ଇଟାମାଟି ୪-୩ ଗୋଲରେ ବିଜୟୀ ଲାଭ କରି ସେମି ଫାଇନାଲକୁ ପ୍ରବେଶ କରିଛି ।ଆଜିର ଖେଳକୁ ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ । ଆଜି ଅତିଥି ଭାବେ ସମାଜସେବୀ ଅଶୋକ କୁମାର ସ୍ୱାଇଁ ( ବାନା ବାବୁ), ସୁରେନ୍ଦ୍ର କୁମାର ବେହେରା,ରଜାକ ଖାଁ ଓ ନବକିଶୋର ଭୁଜବଳ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ସଭ୍ୟ ସୁଶାନ୍ତ କୁମାର ଶ୍ରୀଚନ୍ଦନ, ନସିମ ଅକ୍ତର, ସ୍ମୃତି ରଞ୍ଜନ ଶ୍ରୀଚନ୍ଦନ, ପ୍ରଦୀପ କୁମାର ଭୁଜବଳ, ଦିବ୍ୟରଞ୍ଜନ ଭୁଜବଳ ଓ ବିକ୍ରମ ଭୁଜବଳ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲି ପ୍ରଥମ ସେମିଫାଇନାଲ ଏସ ଏସ ଏ ସରଧାପୁର ଓ ଏ ଜି କ୍ଲବ, ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ।

## ମୁକୁନ୍ଦପ୍ରସାଦ, ମଞ୍ଚେଶ୍ୱର ବିଜୟୀ

ଖୋର୍ଦ୍ଧା, ୨୬।୧୧(ସବ୍ୟୁ) :ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ମୁକୁଣ୍ଡପ୍ରସାଦ ଦଳ ସୁଆଙ୍ଗ ଦଳକୁ ୩ ୱିକେଟରେ ପରାସ୍ତ କରିଛି । ସୁଆଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୨୩ ରନ୍ ସଂଗ୍ରହ କରି ଅଲ ଆଉଟ୍ ହେଇ ଯାଇଥିଲା। ମୁକୁନ୍ଦପ୍ରସାଦର ଅସଲମ୍ ଖାନ ୫ ଟି ୱିକେଟ ଦଖଲ କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ଦଳ ୧୫ ଓଭରରେ ଆବଶ୍ୟକ ୧୨୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।ଶ୍ରେଷ୍ଠ ଖେଳାଳି ଅସଲମ୍ ଖାନଙ୍କୁ ସମାଜସେବୀ ରବୀନ୍ଦ୍ର ପ୍ରଧାନ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ରେ ବିଜୟ ଲାଭ କରି ମଞ୍ଚେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ମଞ୍ଚେଶ୍ୱର୍ ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୭ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ଅରବିନ୍ଦ ସିଂହ ୪୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ଅତ୍ରି ଦଳ ନିର୍ଦ୍ଧାରିତ ୧୫ ଓଭର ରେ ସମସ୍ତ ୱିକେଟ ହରାଇ ୧୨୭ ରନ୍ ରେ ସିମିତ ରହିଥିଲା ।ମଞ୍ଚେଶ୍ୱର୍ ଦଳ ମ୍ୟାଚ୍ କୁ ୭୨ ରନ୍ ରେ ଜିତିନେଇଥିଲା ।ଦଳ ପକ୍ଷରୁ ବିବେକ ସାହୁ ୩ ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ପ୍ରିତିରଞ୍ଜନ ବିଜୟସିଂଙ୍କଠୁ ପୁରସ୍କାର ଗ୍ରହଣ କରିଥିଲେ ।ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ରୀୟାଜତ ଅଲି। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ,ଅଭିଜିତ ସାମନ୍ତରାୟ,ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ୨୭/୧୧/୨୫ ପ୍ରଥମ ମ୍ୟାଚ୍ ଯାଆଁଳା ବନାମ ଯଦୁପୁର ଏବଂ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ସବୁଠୁ ଖରାପ କୋଚ୍ ନୁହଁନ୍ତି ଗମ୍ଭୀର

ନୂଆଦିଲ୍ଲୀ, ୨୬।୧୧(ଏଜେନ୍ସି) : ଗୌହାଟି ଟେଷ୍ଟରେ ଶୋଚନୀୟ ପରାଜୟ ପରେ ଏକାଧିକ ନୈରାଶ୍ୟଜନକ ରେକର୍ଡ ଭାରତୀୟ ଟେଷ୍ଟ କ୍ରିକେଟ୍ ସହ ଯୋଡି ହୋଇଛି। ଏତଦ୍ ବ୍ୟତୀତ ଟେଷ୍ଟ କ୍ରିକେଟ୍ ପାଇଁ ଗମ୍ଭୀରଙ୍କ ପ୍ରଶିକ୍ଷଣ ଫିଟ୍ କି ନୁହେଁ ତାହା ଉପରେ ଅନେକ ପ୍ରଶ୍ନ ଉଠାଇଛନ୍ତି। ଏହି ଶୃଙ୍ଖଳା ପରାଜୟ ଯୋଗୁଁ ଭାରତ ଉପରେ ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ଦଳ ରହିଛନ୍ତି। ଗମ୍ଭୀର ଯୁଗରେ ଏଭଳି ଘଟିଛି। ଗମ୍ଭର ପ୍ରଥମ ଭାରତୀୟ କୋଚ୍ ଯାହାଙ୍କ ଅଧିନରେ ଭାରତ ଦୁଇଟି ଘରୋଇ ଟେଷ୍ଟ ଶୃଙ୍ଖଳା ହାରିଛି। ଗମ୍ଭର ଯୁଗରେ ଏହା ଭାରତର ୧୦ମ ଟେଷ୍ଟପରାଜୟ ୨୦୨୪ ଜୁଲାଇରେ ଗମ୍ଭୀର କୋଚ୍ ଦାୟିତ୍ୱ ନେବାପରେ ଭାରତ ୧୯ ଟି ଟେଷ୍ଟ ଖେଳିଛି। ଏଥିରୁ ୧୦ ଟି ହାରିଛି ଓ ୭ ଟି ଜିତିଛି। ଦୁଇଟି ମ୍ୟାଚ୍ ଡ୍ର ରହିଛି। ଘରୋଇ ପରିବେଶରେ ଭାରତ ଶେଷ ୭ ଟି ଟେଷ୍ଟରୁ ୫ ଟି ହାରିଛି। ଗମ୍ଭୀର ଯୁଗରେ ଭାରତର ବିଜୟ ପ୍ରତିଶତ ୩୮.୯ ଶତକଡାକୁ ଖସିଛି। ୨୫ ବର୍ଷ ମଧ୍ୟରେ ଭାରତୀୟ କୋଚଙ୍କ ତୁଳନାରେ ଗମ୍ଭୀରଙ୍କ ରେକର୍ଡ ସବୁଠୁ ଖରାପ ରହିଛି। ଅତିକମ୍‌ରେ ୧୫ ଟି ଟେଷ୍ଟରେ ଭାରତର କୋଚିଙ୍ଗ୍ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ରେକର୍ଡକୁ ବିବେଚନା କଲେ ଗମ୍ଭୀର ସବୁଠାରୁ ଖରାପ ନୁହଁନ୍ତି। ସେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ତାଲିକାର ଦ୍ୱିତୀୟରେ ରହିଛନ୍ତି। ପ୍ରଥମରେ ଅଛନ୍ତି ଡନକାନ ଫ୍ଲେଚେ। ମୁଖ୍ୟ କୋଚ୍ ଥିବା କୋଚ୍ ଥିବା ବେଳେ ଟେଷ୍ଟ କ୍ରିକେଟ୍‌ରେ ଭାରତର ବିଜୟ ପ୍ରତିଶତ ୩୩.୩ ଶତକଡା ଥିଲା। ତେଣୁ ଗମ୍ଭୀରଙ୍କ ତୁଳନାରେ ଫ୍ଲେଚରଙ୍କ ରେକର୍ଡ ଅଧିକ ଖରାପ।

ଭାରତୀୟ କ୍ରିକେଟ୍‌ର ବିବାଦୀୟ କୋଚ୍ ଗ୍ରେଗ୍ ଚାପେଲଙ୍କ ରେକର୍ଡ ଗମ୍ଭୀରଙ୍କ ତୁଳନାରେ ଭଲ ରହିଛି। ୨୦୦୫ ରୁ ୨୦୦୭ ଯାଏ ଚାପେଲ ଭାରତୀୟ ଦଳର କୋଚ୍ ଥିଲେ। ଏହି ସମୟରେ ଭାରତ ୧୮ ଟି ଟେଷ୍ଟ ଖେଳି ୭ ଟି ଜିତିଥିଲା, ୭ ଟି ଡ୍ର ରହିଥିଲା ଏବଂ ୪ ଟି ମ୍ୟାଚ୍ ହାରିଥିଲା।

ଏପର୍ଯ୍ୟନ୍ତ କେବଳ ୩ଜଣ ଭାରତୀୟ କୋଚ୍ ୫୦ ରୁ ଅଧିକ ପ୍ରତିଶତ ବିଜୟ ସହ ନିଜର କାର୍ଯ୍ୟକାଳ ଶେଷ କରିଛନ୍ତି। ଏହି ତାଲିକାର ଶୀର୍ଷରେ ଅଛନ୍ତି ଅନିଲ କୁମ୍ବଲେ । ୨୦୧୬ ରୁ ୨୦୧୭ ଯାଏ କୁମ୍ବଲେ ଭାରତୀୟ ଦଳର କୋଚ୍ ଥିଲେ। ଏହି ସମୟ ମଧ୍ୟରେ ଦଳ ୧୭ ଟି ଟେଷ୍ଟ ଖେଳି ୧୨ ଟି ଜିତିଥିଲା, ମାତ୍ର ଗୋଟିଏ ଟେଷ୍ଟ ହାରିଥିଲା ଓ ୪ ଟି ଡ୍ର ରହିଥିଲା। କୁମ୍ବଲେଙ୍କ ବିଜୟରେକର୍ଡ ୭୦.୬ ଶତକଡା ରହିଛି। ସେ ସବୁଠାରୁ ସଫଳ ଭାରତୀୟ କୋଚ୍‌ର ମାନ୍ୟତା ପାଇଛନ୍ତି। ରବିଶାସ୍ତ୍ରୀଙ୍କ ଅଧିନରେ ଭାରତ ୪୩ ଟି ଟେଷ୍ଟ ମ୍ୟାଚ୍ ଖେଳି ୨୫ ଟି ଜିତିଛି, ୧୩ ଟି ହାରିଛି ଓ ୫ ଟି ଡ୍ର ରହିଛି। ଶାସ୍ତ୍ରୀଙ୍କ ବିଜୟ ରେକର୍ଡ ୫୮.୧ ଶତକଡା। ତାଙ୍କ ସମୟରେ ଭାରତ ବିଦେଶ ମାଟିରେ ଐତିହାସିକ ସଫଳତା ହାସଲ କରିଥିଲା। ରାହୁଲ ଦ୍ରାବିଡ ୨୦୨୧-୨୪ ପର୍ଯ୍ୟନ୍ତ ଭାରତର କୋଚ୍ ଥିଲେ। ତାଙ୍କ ଅଧିନରେ ଦଳ ୨୪ ଟି ଟେଷ୍ଟ ଖେଳି ୧୪ ଟି ଜିତିଥିଲା, ୭ ଟି ପରାଜୟ ଓ ୩ ଟି ଡ୍ର ରହିଥିଲା। ତାଙ୍କ ବିଜୟ ପ୍ରତିଶତ ଶାସ୍ତ୍ରୀଙ୍କ ଠାରୁ ଭଲ। ତେବେ ଗମ୍ଭୀରଙ୍କ ୧୩ ମାସର କାର୍ଯ୍ୟକାଳ ମଧ୍ୟରେ ଭାରତ ଦୁଇଟି ଘରୋଇ ଶୃଙ୍ଖଳା ହାତଛଡା କରିଛି।



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ ଛାପିବାଏବ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି